


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-126 ◆SUNDAY ◆2 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୨୬ ◆ରବିବାର ◆୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ମନ୍ଦିରରେ ଦଳାଚକଟା ୧୨ ଶ୍ରଦ୍ଧାଳୁ ମୃତ





**୨୫ରୁ ଊର୍ଦ୍ଧ୍ୱ ଲୋକ ଆହତ**

■ **ଶ୍ରୀକାକୁଲମ, ୧।୧୧ (ଏଜେନ୍ସି):** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟାରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ପ୍ରାଣ ହରାଇଥିବା ଭକ୍ତଙ୍କ ମଧ୍ୟରେ ମଧ୍ୟରେ ୮ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଏହି ମନ୍ଦିରରେ ଏକକାଳୀନ ଦର୍ଶନ ପାଇଁ ୫ ହଜାର ଲୋକଙ୍କର ବ୍ୟବସ୍ଥା ଥିବା ବେଳେ ଆଜି ପ୍ରାୟ ୨୫ ହଜାର ଲୋକଙ୍କର ସମାଗମ ହୋଇଥିଲା। ଭିଡ଼ ଅସମ୍ଭାଳ ହୋଇପଡ଼ିବାରୁ ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଥିବା କୁହାଯାଉଛି। ରାଜ୍ୟ ସରକାର ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଆନ୍ଧ୍ର ▶ପୃଷ୍ଠା-୭

## ଆଖିବୁଜିଲେ ପାତ୍ରପୁର ଝିଅ ରୁପା

■ **ପାତ୍ରପୁର, ୧।୧୧ (ସମିସ):** ଆନ୍ଧ୍ରପ୍ରଦେଶ ଭେଙ୍କଟେଶ୍ୱର ମନ୍ଦିର ଦଳାଚକଟାରେ ପ୍ରାଣ ହରାଇଥିବା ୧୨ଶ୍ରଦ୍ଧାଳୁଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ଅଛନ୍ତି। ସେ ହେଲେ, ଗଞ୍ଜାମ ଜିଲ୍ଲା ପାତ୍ରପୁର ଗୁଡ଼ିପଦର ଗ୍ରାମର ଆର. ଦିଲେଶଙ୍କ ଝିଅ ଆର. ରୁପା (୨୧)। ଗ୍ରାମର କିଛି ଲୋକଙ୍କ ସହ ରୁପା ଉକ୍ତ ମନ୍ଦିରକୁ ଯାଇଥିଲେ। ସେଠାରେ ଦଳାଚକଟାରେ ରୁପାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଓ ସାଂସଦ ▶ପୃଷ୍ଠା-୭

# ମହିଳା ବିଶ୍ୱକପ୍ କ୍ରିକେଟ ଗ୍ରାଣ୍ଡ ଫାଇନାଲ ଆଜି

## ଭାରତ-ଦ.ଆଫ୍ରିକା ମହାମୁକାବିଲା




■ **ନଭି ମୁମ୍ବଇ, ୧।୧୧ (ଏଜେନ୍ସି):** ଆସନ୍ତାକାଲି ବା ରବିବାର ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ୧୩ତମ ସଂସ୍କରଣରେ ପ୍ରଥମଥର ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଫାଇନାଲ ଖେଳିବାକ ଯୋଗ୍ୟତା ଅର୍ଜନ କରିନାହାନ୍ତି। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ୧୨୫ ରନ୍‌ରେ ଇଂଲଣ୍ଡକୁ ଓ ଭାରତ ୫ ୱିକେଟରେ ୭ଥର ଏବଂ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରି ବିଶ୍ୱ ମହିଳା କ୍ରିକେଟର ସର୍ବଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହାର ଅର୍ଥ ଆସନ୍ତାକାଲି ଫାଇନାଲରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପ୍ରଥମଥର ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ ଚାମ୍ପିଅନ ହେବ। ଏହି ଗ୍ରାଣ୍ଡ ଫାଇନାଲ ମୁକାବିଲାଟି ବେଶ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି।

# ଯୁବତୀଙ୍କୁ ଗଣଦୁଷ୍କର୍ମ; ୨ ଅଟକ



■ **ସୋନପୁର, ୧।୧୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ଏକ ଶିକ୍ଷାନୁଷ୍ଠାନ ପଛରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ବୀରମହାରାଜପୁର ଥାନା ଅଧୀନ ଧର୍ମଶାଳା ଅଞ୍ଚଳରେ ଏକ ଗାଡ଼ି ଶୋ'ରୁମ୍‌ରେ ଯୁବତୀ ଜଣକ କାମ କରନ୍ତି। ଶୁକ୍ରବାର ସନ୍ଧ୍ୟାରେ କାମସାରି ଘରକୁ ଫେରୁଥିବା ସମୟରେ ଏହି ଅଘଟଣ ଘଟିଥିଲା। ପୀଡିତାଙ୍କ ଅଭିଯୋଗ ପରେ ପୋଲିସ ଦୁଇ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଏକ ଅଟୋମୋବାଇଲ୍ ସେବା କେନ୍ଦ୍ରରେ କାମ କରୁଥିବା ପୀଡିତା ଜଣକ କାମ ସାରି ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତମାନେ ତାଙ୍କ ଉପରେ କିଛି ପଦାର୍ଥ ସ୍ପ୍ରେ କରିଥିଲେ। ସେ ଚେତାଶୂନ୍ୟ ହେବା ପରେ ସେମାନେ ଏହି ଅପରାଧ କରିଥିବା ଜଣାପଡ଼ିଛି। ଅଟକ ଦୁଇ ଜଣଙ୍କୁ ପୁଲିସ ପଚରାଉଚରା କରି ତଦନ୍ତ ଜାରି ରହିଛି।

**ଚେକ୍ ବାଉନ୍ସ ମାମଲା**

## ପୂର୍ବତନ ବ୍ୟାଙ୍କ ମ୍ୟାନେଜରଙ୍କୁ ୨ବର୍ଷ ଜେଲ୍, ୫୦ ଲକ୍ଷ ଜରିମାନା

■ **ବ୍ୟାସନଗର, ୧।୧୧ (ସମିସ):** ଯାଜପୁର ରୋଡ୍ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟର ସିଭିଲ ଜଜ୍ ତଥା ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ ବିରଜା ପ୍ରସାଦ ପଣ୍ଡା ଶନିବାର ଏକ ଅର୍ଥନୈତିକ ଠକେଇ ମାମଲାର ବିଚାର କରି ଅଭିଯୁକ୍ତ ପୂର୍ବତନ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ମ୍ୟାନେଜର୍ ଗୌରୀପ୍ରସାଦ ଦାସକୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୨ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ, ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଦଳା ମହିଳା କଲେଜ ନିକଟରେ ରହୁଥିବା ଉଦୟ ଚନ୍ଦ୍ରିକା ପେସାରେ ଜଣେ ଠିକାଦାର। ସେ ଯାଜପୁର ରୋଡ୍‌ରେ ଥିବା ଅର୍ବାନ କୋ ଅପରେଟିଭ ବ୍ୟାଙ୍କରେ ତାଙ୍କ ଠିକାଦାର କାର୍ଯ୍ୟର ଅର୍ଥନୈତିକ କାରବାର କରିଥାନ୍ତି। ଏହି ଅବସରରେ ସେଠାରେ ପରିଚାଳକ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ଗୌର ପ୍ରସାଦ ଦାସ ଉଦୟ ଚନ୍ଦ୍ରିକାଙ୍କ ସଂସ୍ପର୍ଶରେ ଆସିବା ସହିତ ୨୦୧୮ ଅଗଷ୍ଟ ମାସରେ ତାଙ୍କଠାରୁ ▶ପୃଷ୍ଠା-୭

## ବ୍ୟବସାୟୀଙ୍କୁ ଅପହରଣ କରି ୨ କୋଟି ମୁଣ୍ଡ ଜାମିନ




**୪ ଗିରଫ; ୨ଟି କାର୍, ୮ ଲକ୍ଷ ଟଙ୍କା ଜବତ**

**ପ୍ରାକ୍ତନ କନେଷ୍ଟବଲ ଅଟକ**

■ **ବାରିପଦା/ବେତନଟୀ/ବୈଶିଙ୍ଗା, ୧।୧୧ (ସମିସ):** ଜଣେ ବ୍ୟବସାୟୀଙ୍କୁ ଅପହରଣ କରି ୨ କୋଟି ଟଙ୍କା ମୁଣ୍ଡ ଜାମିନ ରଖିବା ଅଭିଯୋଗରେ ମୟୂରଭଞ୍ଜ ପୁଲିସ ୪ଜଣ ଅପହର୍ତ୍ତାଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଅନ୍ତର୍ଗତ ଗଡ଼ପଦା ଗ୍ରାମର ଅର୍ମାନ ଖାଁ (୩୪), ଆଗରବେଡା ଗ୍ରାମର ରାଜେଶ ବାରିକ (୩୦), ମିରିଗିମୁଣ୍ଡି ଗ୍ରାମର ଭବେଶ ଚନ୍ଦ୍ର ବେହେରା (୧୯) ଓ ହାଟଡ଼ିହି ଗ୍ରାମର ବଳରାମ ରାଉତ (୨୦)। ସେମାନଙ୍କ ନିକଟରୁ ପୁଲିସ ୮,୬୪,୭୦୦ଟଙ୍କା, ଦୁଇଟି କାର୍, ୭ଟି ମୋବାଇଲ୍ ଓ ୪ଟି ତେଲେଙ୍ଗା କଟୁରି ଜବତ କରିଛି। ଏନେଇ ବୈଶିଙ୍ଗା ପୁଲିସ ଏକ ମାଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେହିପରି ଏହି ଘଟଣାରେ ପୁଲିସ ଜଣେ ପ୍ରାକ୍ତନ କନେଷ୍ଟବଲଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ଶନିବାର ଅପରାହ୍ଣରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ପୁଲିସ୍ ସୂଚନାନୁଯାୟୀ, ବାରିପଦା ସହରର ଷ୍ଟେସନ୍ ବଜାର ଅଞ୍ଚଳର ▶ପୃଷ୍ଠା-୭

# ସେମିକଣ୍ଡକ୍ଟର କ୍ଷେତ୍ରରେ ଆଗେଇଲା ଓଡ଼ିଶା

## ଇନ୍‌ଫୋଭ୍ୟାଲି ଠାରେ ସିକ୍‌ସେମ୍‌ର ଭୂମି ପୂଜନ ସମାରୋହରେ ମୁଖ୍ୟମନ୍ତ୍ରୀ



**୨୦୦୦ କୋଟି ନିବେଶ, ୧୦୦୦ ନିଯୁକ୍ତି**

**ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ହବ୍ ଭାବେ ପରିଗଣିତ ହେବ: ମୁଖ୍ୟମନ୍ତ୍ରୀ**

**ଆଇ.ଆଇ.ଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ 'ପାୱାର ଇଲୋକ୍ଟ୍ରୋନିକ୍ସ ହବ୍': ଅଶ୍ୱିନୀ ବୈଷ୍ଣବ**

■ **ଭୁବନେଶ୍ୱର, ୧।୧୧ (ସମିସ):** ପୂର୍ବ ସରକାର ଆରମ୍ଭ କରିଥିବା ସେମିକଣ୍ଡକ୍ଟର ଯାତ୍ରା କ୍ଷେତ୍ରରେ ଓଡ଼ିଶା ଶନିବାର ଆଉ ପାଦେ ଆଗକୁ ବଢ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱରର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡର ଭୂମିପୂଜନ ସମାରୋହରେ ଯୋଗ ଦେଇଛନ୍ତି। ୨୦୦୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧୦୦୦ ପ୍ରଫେସନାଲ(ବୃତ୍ତିଧାରୀ)ଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ଅଭିଭାଷଣ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜବୁତ୍ ହେଉଛି। ▶ପୃଷ୍ଠା-୭




## ଟ୍ରମ୍ପଙ୍କୁ କ୍ଷମା ମାଗିଲେ କାନାଡ଼ା ପ୍ରଧାନମନ୍ତ୍ରୀ କାର୍ଣ୍ଣି

ସଓଲ, ୧ ।୧୧(ଏଜେନ୍ସି): କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଶନିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କ୍ଷମା ମାଗିଛନ୍ତି । ଫଳରେ ଦୁଇ ନେତାଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଶେଷ ବୋଲି ଅନୁମାନ କରାଯାଉଛି । ଏକ ବିବାଦୀୟ ବିଜ୍ଞାପନ କାରଣରୁ ଦୁହିଁଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା । ଏଥିରେ ପୂର୍ବତନ ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ପୁରୁଣା ଭାଷଣକୁ ବ୍ୟବହାର କରି ଟାରିଫ୍ ବିରୋଧରେ ବାର୍ତ୍ତା ଦେବାକୁ ପ୍ରୟାସ କରାଯାଇଥିଲା । ଦକ୍ଷିଣ କୋରିଆର ଗୁଆନଝୁ ସହରରେ ସାମ୍ବାଦିକମାନଙ୍କ ସହ କଥା ହେବା ବେଳେ କାର୍ଣ୍ଣି ଟ୍ରମ୍ପଙ୍କୁ କ୍ଷମା ମାଗିବା କଥା କହିଛନ୍ତି । ସେ ରାଗିବା ସହ ମୋ ଉପରେ ଅସନ୍ତୋଷ ଜାହିର କରିଥିଲେ । ଯଦି ଆମେରିକା ପ୍ରସ୍ତୁତ ହେବ ତେବେ ବାଣିଜ୍ୟ ନେଇ ପୁଣି କଥାବାର୍ତ୍ତା ଆରମ୍ଭ କରିବାକୁ କାନାଡ଼ା ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି । ଏହି ବିବାଦୀୟ ବିଜ୍ଞାପନ କାନାଡାର ଓଣ୍ଟାରିଓ ରାଜ୍ୟ ସରକାର ପ୍ରସାରଣ କରିଥିଲେ । ଏଥିରେ ଟାରିଫ ଆମେରିକା ପାଇଁ କ୍ଷତିକାରକ ବୋଲି ରେଗାନ କହୁଥିବାର ଦେଖାଯାଇଥିଲା । ଏଥିରେ ଟ୍ରମ୍ପ ରାଗି ଯାଇଥିଲେ । ଫଳରେ ସେ କାନାଡା ଉପରେ ଅତିରିକ୍ତ ୧୦ ପ୍ରତିଶତ ଟାରିଫ ଲାଗୁ କରିଥିଲେ । ଫଳରେ କାନାଡା ଉପରେ ଆମେରିକାର ଟାରିଫ ୩୫ରୁ ୪୫ ପ୍ରତିଶତରେ ପହଞ୍ଚିଥିଲା । ଭାରତ ଓ ବ୍ରାଜିଲ ପରେ ଏହା ତୃତୀୟ ସର୍ବାଧିକ ଟାରିଫ ବିବେଚିତ ହେଉଛି ।

## କେନ୍ଦ୍ର ସରକାର ହିନ୍ଦୀ ଭାଷା ଲଦି ଦେଉଛନ୍ତି: ସିଦ୍ଧରମୈୟା

ବେଙ୍ଗାଲୁରୁ, ୧ ।୧୧(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ହିନ୍ଦୀ ଭାଷାକୁ ରାଜ୍ୟରେ ଲଦି ଦେବାକୁ କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । କନ୍ନଡ଼ ଭାଷାକୁ ବିରୋଧ କରୁଥିବାର ଲୋକଙ୍କୁ ବିରୋଧ କରିବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି । କର୍ଣ୍ଣାଟକ ସ୍ଥାପନ ଦିବସର ୭୦ତମ ରାଜ୍ୟ ଉତ୍ସବ ପାଳନ ଅବସରରେ ସେ ଏହି କଥା କହିଛନ୍ତି । କର୍ଣ୍ଣାଟକ ପ୍ରତି କେନ୍ଦ୍ର ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ରାଜ୍ୟରେ ହିନ୍ଦୀ ଭାଷା ଲଦି ଦେବାକୁ କ୍ରମାଗତ ପ୍ରୟାସ କରାଯାଉଛି । ହିନ୍ଦୀ ଓ ସଂସ୍କୃତର ବିକାଶ ପାଇଁ ଅର୍ଥ ଦିଆଯାଉଛି । କିନ୍ତୁ ଦେଶର ଅନ୍ୟ ଭାଷାଗୁଡ଼ିକୁ ଜାଣିଶୁଣି ଉପେକ୍ଷା କରାଯାଉଛି । ହିନ୍ଦୀ ଓ ଇଂଲିଶ ଆମ ପିଲାମାନଙ୍କର ପ୍ରତିଭାକୁ ଦୁର୍ବଳ କରିଦେଉଛି ବୋଲି ସେ କହିଛନ୍ତି । ମାତୃଭାଷାକୁ ଶିକ୍ଷାର ମାଧ୍ୟମ କରିବାକୁ ଆଇନ୍ ତିଆରି ହେବା ଆବଶ୍ୟକ । କେନ୍ଦ୍ରକୁ ମାତୃଭାଷାରେ ଶିକ୍ଷାକୁ ବାଧ୍ୟତାମୂଳକ କରିବା ଉଚିତ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, କର୍ଣ୍ଣାଟକ କନ୍ନଡ ଭାଷା ନେଇ ୩ଟି ଆଇନ ଜାରି କରାଯାଇଛି ।

## ୩୦ ପାଲେଷ୍ଟାଇନ୍ ନାଗରିକଙ୍କ ମୃତଦେହ ଫେରାଇଲା ଇସ୍ରାଏଲ

ତେଲ ଅଭିଭ୍, ୧ ।୧୧(ଏଜେନ୍ସି): ଅସ୍ତ୍ରବିରତି ଚୁକ୍ତି ଅନୁସାରେ ଇସ୍ରାଏଲ ୩୦ଜଣ ପାଲେଷ୍ଟାଇନ୍ ନାଗରିକଙ୍କ ମୃତଦେହ ଗାଜାକୁ ଫେରାଇଛି ବୋଲି ଖାନ୍ ୟୁନିସ ସ୍ଥିତ ନାସେର ମେଡିକାଲ କମ୍ପ୍ଲେକ୍ସ ତରଫରୁ କୁହାଯାଇଛି । ପଣବନ୍ଧୀ ପ୍ରତିବଦଳ ଚୁକ୍ତି ଅନୁସାରେ ଇସ୍ରାଏଲ ଏହି ପଦକ୍ଷେପ ନେଇଛି ବୋଲି କୁହାଯାଇଛି । ପ୍ରଥମେ ଜଣେ ମୃତ ପଣବନ୍ଦୀଙ୍କ ବଦଳରେ ଇସ୍ରାଏଲ ୧୫ ଜଣ ପାଲେଷ୍ଟାଇନ୍‌ଙ୍କୁ ଫେରାଇବାର ଚୁକ୍ତି ହୋଇଥିଲା । ଏଥିସହ ଇସ୍ରାଏଲ ଗାଜାକୁ ମୋଟ୍ ଉପରେ ୨୨୫ ଜଣ ନାଗରିକଙ୍କୁ ମୃତ ବା ଜୀବିତ ଅବସ୍ଥାରେ ଫେରାଇ ସାରିଛି । ରେଡ୍ କ୍ରସ୍ ଏହି ମୃତଦେହଗୁଡ଼ିକୁ ନାସେର ଆଣିଥିଲା । ଅକ୍ଟୋବର ୧୦ରେ ଏହି ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ୨୦୨୩ ଅକ୍ଟୋବର ୭ରେ ହମାସ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା । ହାମାସ ଏପର୍ଯ୍ୟନ୍ତ ଇସ୍ରାଏଲ ୨୦ଜର ପରବନ୍ଦୀଙ୍କୁ ଫେରାଇ ସାରିଛି । ହମାସ ମଧ୍ୟ ଥାଇଲାଣ୍ଡ ଓ ନେପାଳ ଜଣେ ନାଗରିକଙ୍କୁ ଫେରାଇଥିଲା । ଅବଶ୍ୟ ପୂର୍ବରୁ ହମାସ ଅସ୍ତ୍ରବିରତି ଚୁକ୍ତି ଉଲ୍ଲଂଘନ କରୁଛି ବୋଲି ଇସ୍ରାଏଲ ଅଭିଯୋଗ କରି ଗାଜାରେ ଆକ୍ରମଣ କରିଥିଲା ଓ ଏଥିରେ ୩୦ ଜଣ ମୃତ୍ୟୁବରଣ କରିଥିଲେ ।

## ଦିଲ୍ଲୀର ନାମ ଇନ୍ଦ୍ରପ୍ରସ୍ଥ ହେଉ: ବିଜେପି ସାଂସଦ

ନୂଆଦିଲ୍ଲୀ, ୧ ।୧୧(ଏଜେନ୍ସି): ଚାନ୍ଦନୀ ଚୌକରୁ ସାଂସଦ ଭାବେ ନିର୍ବାଚିତ ହୋଇଥିବା ବିଜେପି ନେତା ପ୍ରବୀଣ ଖଣ୍ଡେଲୱାଲ୍ ରାଜଧାନୀ ଦିଲ୍ଲୀର ନାମ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି । ଦିଲ୍ଲୀର ନାମ ବଦଳାଇ ଏହାକୁ ଇନ୍ଦ୍ରପ୍ରସ୍ଥ ରଖିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ଏ ନେଇ ସେ ଶନିବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ପୁରୁଣା ଦିଲ୍ଲୀ ଷ୍ଟେସନର ନାମ ବଦଳାଇ ଇନ୍ଦ୍ରପ୍ରସ୍ଥ ଜଙ୍କସନ ଓ ଦିଲ୍ଲୀ ବିମାନବନ୍ଦରର ନାମ ବଦଳାଇ ଇନ୍ଦ୍ରପ୍ରସ୍ଥ ବିମାନ ବନ୍ଦର ରଖିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ଭାରତର ସର୍ବ ପୁରାତନ ତଥା ପ୍ରାଚୀନ ସାଂସ୍କୃତିକ ପରମ୍ପରା ସହିତ ଦିଲ୍ଲୀ ଜଡ଼ିତ । ଦିଲ୍ଲୀ ମଧ୍ୟ ଭାରତବର୍ଷର ପ୍ରଚୀନତମ ସାଂସ୍କୃତିକ ପେଣ୍ଠସ୍ଥଳୀ ବିବେଚିତ ହେଉଛି । ଏହା କେବଳ ଏକ ମହାନଗର ନୁହଁ, ଏହା ଭାରତୀୟ ସଭ୍ୟତାର ଆତ୍ମା, ଧର୍ମ, ନୀତି ଓ ଜନକଲ୍ୟାଣ ପରମ୍ପରାର କେନ୍ଦ୍ର ରହିଆସିଛି । ଦିଲ୍ଲୀର ଇତିହାସ ମହାଭାରତର ପାଣ୍ଡବମାନଙ୍କ ସହ ଜଡ଼ିତ ରହିଆସିଛି । ପାଣ୍ଡବମାନେ ଯମୁନା ନଦୀ କୂଳରେ ସେମାନଙ୍କ ରାଜଧାନୀ ଇନ୍ଦ୍ରପ୍ରସ୍ଥ ସ୍ଥାପନ କରିଥିଲେ । ତେଣୁ ଦିଲ୍ଲୀର ନାମକୁ ପୁଣିଥରେ ଇନ୍ଦ୍ରପ୍ରସ୍ଥ ରଖାଯାଉ ବୋଲି ପ୍ରବୀଣ କହିଛନ୍ତି ।

## ୧୧ ବର୍ଷୀୟ ଶିଶୁ ହେଲା କୋଟିପତି



ଲୁଧିୟାନା, ୧।୧୧ (ଏଜେନ୍ସି): ପଞ୍ଜାବ ଲୁଧିୟାନାରେ ଜଣେ ଶିଶୁଙ୍କୁ ଭାଗ୍ୟ ଅଚାନକ ଖୋଲିଯାଇଛି । ସେ ୧୧ ବର୍ଷ ବୟସରେ କୋଟିପତି ପାଲଟି ଯାଇଛନ୍ତି । ଏହାକୁ ନେଇ ପରିବାର ସଦସ୍ୟ ବହୁତ ଖୁସି ଅଛନ୍ତି । ଘରେ ବ୍ୟାଣ୍ଡବାଜା ବାଜୁଛି । ଲୋକେ ଖୁସିରେ ନାଚୁଛନ୍ତି । ସମସ୍ତେ ଏହି ଶିଶୁକୁ ଭାଗ୍ୟଶାଳୀ କହୁଛନ୍ତି । ଏହି ଶିଶୁ ପାଇଁ ହିଁ ଘରେ ବସି ବସି ଲକ୍ଷ୍ମୀ ଆସିଥିଲେ । ଏହି ଶିଶୁର ନାମ ଆରବ । ସେ ହୋସିୟାରପୁରର ମୂଳ ବାସିନ୍ଦା । ଏବେ ସେ ମାମୁଁ କରନଙ୍କ ସହ ଲୁଧିୟାନାର ହେବୋୱାଲରେ ରହୁଛନ୍ତି । ସେ ଶୁକ୍ରବାର ସନ୍ଧ୍ୟାରେ ବଜାରକୁ ଯାଇଥିଲେ । ଏହି ସମୟରେ ଲଟେରି ଦୋକାନରେ ଭିଡ଼ ଲାଗିଥିବା ଦେଖିବାକୁ ପାଇଥିଲେ । ତେଣୁ ସେ ମାମୁଁଙ୍କୁ ଲଟେରି ଟିକଟ କିଣିବାକୁ କହିଥିଲେ । କିନ୍ତୁ ମାମୁ ମନା କରିବାରୁ ସେ ଜିଦ୍ କରିଥିଲେ । ଶେଷରେ ଆରବଙ୍କ ନାମରେ ମାମୁଁ ଏକ ଟିକଟ କିଣି ଦେଇଥିଲେ । ଏହା ଦୋକାନର ଶେଷ ଟିକଟ ମଧ୍ୟ ଥିଲା । ଏବେ ଫଳାଫଳ ଘୋଷଣା ହେବା ପରେ ଆରବ କୋଟିଏ ଟଙ୍କା ପୁରସ୍କାର ଜିତିଥିବା ଘୋଷଣା କରାଯାଇଥିଲା । ଏହା ଶୁଣି ପରିବାର ଲୋକେ ଭାବବିହ୍ୱଳ ହୋଇ ଯାଇଥିଲେ । ଗାଁ ଏବଂ ପଡ଼ିଶାରେ ମିଠା ବାଣ୍ଟି ଥିଲେ ।

## ୧୦୮ ବର୍ଷ ପରେ ରାଜସ୍ଥାନରେ ସର୍ବାଧିକ ବର୍ଷା



ନୂଆଦିଲ୍ଲୀ, ୧ ।୧୧(ଏଜେନ୍ସି): ରାଜସ୍ଥାନରେ ଦୀର୍ଘ ୧୦୮ ବର୍ଷ ପରେ ଚଳିତ ବର୍ଷ ସର୍ବାଧିକ ବର୍ଷା ହୋଇଛି । ୨୦୨୫ରେ ସର୍ବାଧିକ ବର୍ଷା ହୋଇଥିବାର ରେକର୍ଡ କରାଯାଇଛି । ପୂର୍ବରୁ ୧୯୧୭ରେ ମୌସୁମୀ ଋତୁରେ ସର୍ବାଧିକ ୮୪୪.୨ ମିମି ବର୍ଷା ହୋଇଥିଲା । କିନ୍ତୁ ଏବର୍ଷ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ୭୧୫.୨ ମିମି ବର୍ଷା ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ତରଫରୁ କୁହାଯାଇଛି । ଏଥିସହ ଇତିହାସରେ ରାଜସ୍ଥାନରେ ଚଳିତ ବର୍ଷରେ ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି । ୧୯୦୧ ପରେ ଅର୍ଥାତ ୧୨୫ ବର୍ଷ ପରେ ରାଜସ୍ଥାନରେ ଚଳିତ ବର୍ଷରେ ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି । ରାଜ୍ୟରେ ହାରାହାର ବର୍ଷା ୪୩୫. ୬ ମିମି ଥିବା ବେଳେ ଏଥର ୬୪ ପ୍ରତିଶତ ଅଧିକ ବର୍ଷା ହୋଇଛି । ରାଜସ୍ଥାନରେ ଗତ ୧୫ ବର୍ଷ ମଧ୍ୟରେ ୫ଥର ଅସାଧାରଣ ଭାବେ ସର୍ବାଧିକ ବର୍ଷା ହୋଇଛି ଓ ଏହା ରାଜ୍ୟର ଶ୍ରେଷ୍ଠ-୧୦ ସର୍ବକାଳୀନ ରେକର୍ଡରେ ସାମିଲ ହୋଇଛି । ପୂର୍ବରୁ ୧୯୦୮ରୁ ୧୯୭୫ ମଧ୍ୟରେ ସ୍ୱାଭାବିକ ମୌସୁମୀ ବର୍ଷାଠାରୁ ଅଧିକ ୫ ଥର ଯଥା ୧୯୦୮, ୧୯୧୭, ୧୯୪୪, ୧୯୭୩ ଓ ୧୯୭୫ରେ ହୋଇଥିଲା । କିନ୍ତୁ ୨୦୧୧ ଓ ୨୦୨୫ ମଧ୍ୟରେ ବର୍ଷାର ରେକର୍ଡ ବାରମ୍ବାର ଭାଙ୍ଗିଥିଲା । ୨୦୧୧, ୨୦୧୯, ୨୦୨୨, ୨୦୨୪ ଓ ୨୦୨୫ରେ ବର୍ଷାର ରେକର୍ଡ ଟପ୍-୧୦ ତାଲିକାରେ ସାମିଲ ହୋଇଛି । ପୁଣି ପ୍ରଥମଥର ପାଇଁ ୧୧୭ ବର୍ଷର ମଧ୍ୟରେ ରାଜସ୍ଥାନରେ କ୍ରମାଗତ ଦୁଇବର୍ଷ ହରାହାରିଠାରୁ ଅଧିକ ବର୍ଷା ହୋଇଛି ।


### ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କ ବିରୋଧରେ ଠକେଇ ଅଭିଯୋଗ

## ବ୍ୟାଙ୍କରୁ ଠକି ନେଲେ ୪,୪୪୦ କୋଟି

ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି): ଆମେରିକାର ଦୂରସଞ୍ଚାର କ୍ଷେତ୍ରରେ କାମ କରୁଥିବା ଏକ କମ୍ପାନୀ ଅଚାନକ ଚର୍ଚ୍ଚାକୁ ଆସି ଯାଇଛି । ଏହି କମ୍ପାନୀ ଶହେ କି ଦୁଇ ଶହ ନୁହେଁ, ପ୍ରାୟ ୫୦୦ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୪,୪୦୦ କୋଟି ଟଙ୍କା ଠକି ନେଇଛି । ଏହି ବିବାଦର କେନ୍ଦ୍ରରେ ଭାରତୀୟ ବଂଶୋଦ୍ଭବ ସିଇଓ ବଙ୍କିମ ବ୍ରହ୍ମଭଟ୍ଟ ଅଛନ୍ତି । ସେ ଆମେରିକାରେ ବ୍ରଡ୍‌ବ୍ୟାଣ୍ଡ ଟେଲିକମ ଏବଂ ବ୍ରିଜଭଏସର ମାଲିକ ମଧ୍ୟ । ତାଙ୍କ ବିରୋଧରେ ବଡ଼ ଅଭିଯୋଗ ଲାଗିଛି । ସେ ଆମେରିକା କମ୍ପାନୀ ବ୍ଲାକରକ୍‌ର ପ୍ରାଇଭେଟ କ୍ରେଡିଟ ୟୁନିଟ ଏଚ୍‌ପିଏସ ଇନ୍‌ଭେଷ୍ଟମେଣ୍ଟ ପାର୍ଟନର୍ସ ଏବଂ ଫ୍ରାନ୍ସର ବିଏନପି ପିରିବାସ ଭଳି ଗ୍ଲୋବାଲ ବ୍ୟାଙ୍କକୁ ଠକି ଦେଇଛନ୍ତି ।

ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ବିଶ୍ୱର ସବୁଠାରୁ ବଡ଼ ନିବେଶ କମ୍ପାନୀ ମଧ୍ୟରୁ ଅନ୍ୟତମ ବ୍ଲାକରକ୍ ଇଙ୍କର ଏକ ଶାଖା ଏବଂ ଅନ୍ୟ କିଛି ଋଣ ଦେଇଥିବା କମ୍ପାନୀ ବ୍ରହ୍ମଭଟ୍ଟଙ୍କଠାରୁ ଏହି ଅର୍ଥ ଫେରସ୍ତ ଚାହୁଁଛନ୍ତି । ବଙ୍କିମ ଜାଲ୍ ଟେଲିକମ ସମ୍ପତ୍ତି, ଇନ୍‌ଭଏସ, ଇମେଲ ଏବଂ ଠିକା ପ୍ରସ୍ତୁତ କରି ଋଣ ନେଇଥିବା ଅଭିଯୋଗ ହୋଇଛି । ଅସଲି ଟେଲିକମ୍ କ୍ଲାଇଣ୍ଟ ଭଳି ଭେକ ୱେବସାଇଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ଅଡିଟର୍ସ ଏବଂ ଋଣଦାତାଙ୍କୁ ଅନ୍ଧାରରେ ରଖିବା ପାଇଁ ଏପରି କରାଯାଇଥିଲା । ଗତ ଦୁଇ ବର୍ଷରେ ଯାଞ୍ଚ ପାଇଁ କରାଯାଇଥିବା ପ୍ରତ୍ୟେକ ଇମେଲ ଜାଲ୍ ଥିଲା । ୨୦୧୮ ରୁ ଏହି କଳା କାରନାମା ଚାଲିଥିଲା । ମୋଟ ଋଣ ପରିମାଣ ୫୦୦ ନିୟୁତ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଉଛି । ୨୦୨୪ରେ ବଙ୍କିମଙ୍କ ଋଣ ଠକେଇ ବିଷୟରେ ଜଣା ପଡିଥିଲା । ଏହା ପରେ ତାଙ୍କ କମ୍ପାନୀଗୁଡ଼ିକ ଏବଂ ସେ ନିଜେ ଦେବାଳିଆ ହୋଇଯାଇଥିଲେ । ଏହି କାରବାରରେ ଫ୍ରାନ୍ସ ବ୍ୟାଙ୍କ ବିଏନପି ପରିବାସର ମଧ୍ୟ ଭୂମିକା ଥିଲା । ଏହି ବ୍ୟାଙ୍କ ବ୍ଲାକରକ୍‌ର ସହଯୋଗୀ ଗୋଷ୍ଠୀ ଏଚିପିଏସ ଇନଭେଷ୍ଟମେଣ୍ଟ ପାଟନର୍ସକୁ ବଙ୍କିମଙ୍କୁ ଋଣ ଦେବାରେ ସହାୟତା କରିଥିଲା । ତେବେ ବିଏନପି ପକ୍ଷରୁ ଏ ନେଇ କୌଣସି ଟିପ୍ପଣୀ ଦିଆଯାଇ ନାହିଁ ।






୨୦୨୪ ଜୁଲାଇରେ ଏଚ୍‌ପିଏସର ଜଣେ କର୍ମଚାରୀ କଷ୍ଟମର ଇମେଲ ଆଡ୍ରେସରେ ତ୍ରୁଟି ଥିବା ଦେଖିବାକୁ ପାଇଥିଲେ । ପୁନଃ ଯାଞ୍ଚ ପରେ ବେଲ୍‌ଜିଆନ ଟେଲିକମ୍ କମ୍ପାନୀ ବିଆଇସିଏସ ପକ୍ଷରୁ କୁହାଯାଇଥିଲା ଯେ ବ୍ରିଜଭଏସ ସହ କମ୍ପାନୀର କୌଣସି ଚୁକ୍ତି ହୋଇନାହିଁ । କମ୍ପାନୀ ନାମରେ ଜାଲିଆତି ହୋଇଥିବା ସ୍ପଷ୍ଟ କରାଯାଇଥିଲା । ଏହା ପରେ ଡିଲଏଟ ଏବଂ ସିବିଆଇଜେଡ୍ ଯାଞ୍ଚରେ କଷ୍ଟମର ଡାଟା, ଇନଭଏସ ଏବଂ ଠିକା ସବୁ କିଛି ଜାଲ୍ ଥିବା ଜଣାପଡ଼ିଥିଲା । ଋଣଦାତା ଯୋଗାଯୋଗ କରିବା ପରେ ବ୍ରହ୍ମଭଟ୍ଟ କଲ୍ ଏବଂ ଇମେଲ ବନ୍ଦ କରିଦେଇଥିଲେ । ତାଙ୍କର ନ୍ୟୁୟର୍କ ସ୍ଥିତ ଅଫିସ ବନ୍ଦ ଥିବାବେଳେ ଘର ଖାଲି ଥିଲା । ତେବେ ମହଙ୍ଗା କାର୍‌ଗୁଡିକ ଘର ବାହାରେ ଛିଡ଼ା ହୋଇଥିଲା । ସେ ଭାରତ କିମ୍ବା ମରିସସ୍ ପଳାୟନ କରିଥିବା କୁହାଯାଉଛି । ୨୦୨୪ ଅଗଷ୍ଟରେ ବ୍ରଡବ୍ୟାଣ୍ଡ ଟେଲିକମ, ବ୍ରିଜଭଏସ, କ୍ୟାରିଅକ୍ସ କ୍ୟାପିଟାଲ ୨ ଏବଂ ବିବି କ୍ୟାପିଟାଲ ଏସପିଭି ଦେବାଳିଆ ହୋଇ ଯାଇଥିଲା । ଅଗଷ୍ଟ ୧୨ରେ ବ୍ରହ୍ମଭଟ୍ଟ ବ୍ୟକ୍ତିଗତ ଦେବାଳିଆ ପାଇଁ ଆବେଦନ କରିଥିଲେ । ତେବେ ବ୍ରହ୍ମଭଟ୍ଟଙ୍କ ଓକିଲ ସବୁ ଅଭିଯୋଗକୁ ଭ୍ରମାତ୍ମକ ଏବଂ ଆଧାରହୀନ କହିଛନ୍ତି । କମ୍ପାନୀର ବ୍ୟବସାୟ ବୈଧ ଥିଲା ଏବଂ ଯାଞ୍ଚ ଅଧୁରା ଥିବା କୁହାଯାଇଥିଲା ।

## ମହିଳାଙ୍କଠୁ ୪୭ କୋଟିର କୋକେନ୍ ଜବତ

ମୁମ୍ବଇ, ୧ ।୧୧(ଏଜେନ୍ସି): ମୁମ୍ବଇ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଡାଇକ୍ଟୋରେଟ ଅଫ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ଅଧିକାରୀମାନେ ଜଣେ ମହିଳାଙ୍କଠାରୁ ୪୭ କୋଟି ଟଙ୍କାର କୋକେନ ତଥା ନିଶାଦ୍ରବ୍ୟ ଜବତ କରିଛନ୍ତି । ଶନିବାର ଶ୍ରୀଲଙ୍କା ରାଜଧାନୀ କଲମ୍ବୋରୁ ଆସି ମୁମ୍ବଇରେ ପହଞ୍ଚିବା ପରେ ଏହି ମହିଳା ଯାତ୍ରୀଙ୍କଠାରୁ ୪ କେଜି ୭୦ ଗ୍ରାମର କୋକେନ ଜବତ କରାଯାଇଥିଲା । ଏହି ନିଶାଦ୍ରବ୍ୟକୁ ସେ କଫି ପ୍ୟାକେଟ୍‌ରେ ଅତି ଚତୁରତାର ସହ ଛୁପାଇ ଆଣିଥିଲେ । ଜବତ ହୋଇଥିବା ଏହି ପ୍ୟାକେଟଗୁଡ଼ିକ ବିଦେଶରୁ ମୁମ୍ବଇ ଆସି ପହଞ୍ଚିଥିଲା । ଯାଞ୍ଚ ଅବସରରେ ଡିଆରଆଇ ଟିମ୍‌ର ସନ୍ଦେହ ଉପୁଜିଥିଲା । ଏହାପରେ ପ୍ୟାକେଟଗୁଡ଼ିକର ସ୍କାନିଂ କରାଯାଇଥିଲା ଓ ଡ୍ରଗ୍ସ ଥିବା ଜଣାପଡ଼ିଥିଲା । ଏହି ମାମଲାରେ ଡିଆରଆଇ ଅଧିକାରୀମାନେ ୫ ଜଣଙ୍କୁ ଗିରଫ କରିଛନ୍ତି । ଏମାନଙ୍କ ମଧ୍ୟରେ ଦୁଇଜଣ ଯାତ୍ରୀ ଓ ୩ ଜଣ ସହଯୋଗୀ ସାମିଲ ରହିଛନ୍ତି । ଅଭିଯୁକ୍ତମାନେ ଏହି ନିଶାଦ୍ରବ୍ୟଗୁଡ଼ିକୁ ବିମାନ ବନ୍ଦର ବାହାରକୁ ନେବା ପାଇଁ ପ୍ରୟସା କରୁଥିଲେ । ଏହି ମାମଲା ସହିତ ଏକ ଅନ୍ତର୍ଜାତୀୟ ଡ୍ରଗ୍ସ ଚୋରାଚାଲଣକାରୀ ନେଟ୍‌ୱର୍କ ଜଡ଼ିତ ରହିଛି ବୋଲି ପଚରାଉଚରା ପରେ ଜଣାପଡ଼ିଛି । ଜବତ ହୋଇଥିବା କୋକେନର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୪୭ କୋଟି ଟଙ୍କା ବୋଲି କୁହାଯାଇଛି । ସବୁ ଅଭିଯୁକ୍ତଙ୍କ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

## ବୋମା ଧମକ ପରେ ଜେଦ୍ଦା- ହାଇଦରାବାଦ ବିମାନ ମୁମ୍ବାଇରେ ଅବତରଣ

ହାଇଦରାବାଦ୍, ୧ ।୧୧(ଏଜେନ୍ସି): ହାଇଦରାବାଦ୍‌ର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆରଜିଆଇଏ) ଶନିବାର ଏକ ଇ-ମେଲ ଜରିଆରେ ବୋମା ଧମକ ପାଇଥିଲା । ସାଉଦି ଆରବର ଜେଦ୍ଦାରୁ ହାଇଦରାବାଦ ଆସୁଥିବା ଇଣ୍ଡିଗୋ ବିମାନରେ ମାନବ ବୋମା ଥିବା ଏହି ମେଲ୍‌ରେ ଦାବି କରାଯାଇଥିଲା । ଧମକ ମିଳିବା ପରେ ଏହି ବିମାନ ହାଇଦରାବାଦ ଯିବା ବଦଳରେ ମୁମ୍ବଇ ଯାଇ ସୁରକ୍ଷିତ ଭାବେ ଅବତରଣ କରିଥିଲେ । ଏ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ ପୁଲିସ୍‌ରେ ଅଭିଯୋଗ କରିଛି । ଏହି ଇଭେଣ୍ଟ ଶନିବାର ସକାଳ ୫.୩୦ରେ ପହଞ୍ଚିଥିଲା । ଏହି ବିମାନକୁ ହାଇଦରାବାଦ୍‌ରେ ଅବତରଣ କରିବାକୁ ମନା କରାଯାଇଥିଲା । ପୁଣି ଏଲ୍‌ଟିଟିଇ-ଆଇଏସ୍ଆଇ କାର୍ଯ୍ୟକର୍ତ୍ତାମାନେ ୧୯୮୪ ମାଡ୍ରାସ ବିମାନ ବନ୍ଦର ମୋଡ୍ରସ ଅପରେଣ୍ଡି ଶୈଳୀରେ ବୋମା ବିସ୍ଫୋରଣ ଘଟାଇବାକୁ ଯୋଜନା କରିଛନ୍ତି ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା । ବିମାନ ବନ୍ଦର ସହିତ ଜଡିତ ସବୁ କର୍ମକର୍ତ୍ତାଙ୍କୁ ଏ ନେଇ ସଜାଗ କରାଯାଇଥିଲା ଓ ବିମାନର ଗତିପଥକୁ ମୁମ୍ବଇକୁ ବଦଳାଯାଇଥିଲା ।



ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା

## ସାଉଦି ଆରବରେ ପୁଲିସ ଗୁଳିରେ ଭାରତୀୟ ମୃତ

ନୂଆଦିଲ୍ଲୀ, ୧ ।୧୧(ଏଜେନ୍ସି): ଝାଡ଼ଖଣ୍ଡରୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ସାଉଦି ଆରବ ଯାଇଥିବା ଜଣେ ଭାରତୀୟ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଯେତେବେଳେ ଝାଡଖଣ୍ଡ ଶ୍ରମ ବିଭାଗ ଯୁବକଙ୍କ ମୃତଦେହ ଫେରାଇ ଆଣିବାକୁ ସାଉଦି ଆରବସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିଥିଲା, ସେତେବେଳେ ହିଁ ଏହି ଘଟଣା ସାମ୍ନାକୁ ଆସିଥିଲା । ସାଉଦି ଆରବରେ ପୁଲିସ ଓ ଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ଗ୍ୟାଙ୍ଗ୍ ମଧ୍ୟରେ ଗୁଳିଚାଳନା ହେବାବେଳେ ଏହି ଯୁବକଙ୍କର ମୃତ୍ୟୁ ହୋଇଥିଲା । ଏହି ଯୁବକଙ୍କ ଘର ହେଉଛି ଗିରିଡିହର ଡୁମରୀ ବ୍ଲକରେ । ପୁଲିସ ଓ ଗ୍ୟାଙ୍ଗ୍ ମଧ୍ୟରେ ଗୁଳି ବିନିମୟ ବେଳେ ଏହି ଯୁବକ ଫସି ଯାଇଥିଲେ ଓ ଭୁଲ୍‌ରେ ଗୁଳି ବାଜିବା କାରଣରୁ ମୃତ୍ୟୁବରଣ କରିଛନ୍ତି ବୋଲି ଭାରତୀୟ ଦୂତାବାସ ତରଫରୁ କୁହାଯାଇଛି । ଏ ସଂକ୍ରାନ୍ତରେ ଝାଡଖଣ୍ଡ ଶ୍ରମ ବିଭାଗର ଅଧିକାରୀ ମାନେ ଭାରତୀୟ ଦୂତାବାସ ଓ ସାଉଦି ଆରବର ଯେଦ୍ଦା ପୁଲିସ ସହ ଯୋଗାଯୋଗ କରିଛନ୍ତି । ମୃତ୍ୟୁ ସହିତ ଜଡ଼ିତ ସବୁ ଆଇନଗତ ପ୍ରକ୍ରିୟା ଶେଷ ପରେ ମୃତଦେହକୁ ଯୁବକଙ୍କ ଗାଁକୁ ଫେରାଇ ଅଣାଯିବ ବୋଲି କୁହାଯାଇଛି । ମୃତ୍ୟୁ ପୂର୍ବରୁ ସମ୍ପୃକ୍ତ ଯୁବକ ନିଜ ପତ୍ନୀ ଓ ପିଲାଙ୍କୁ ହ୍ୱାଟ୍ସଆପ୍‌ରେ ମେସେଜ ଦେଇଥିଲେ । ଗୁଳି ବିନିମୟରେ ଫସିଯାଇଛି ଓ ଆହତ ହୋଇଛି ବୋଲି ଯୁବକ ଜଣକ ଉଲ୍ଲେଖ କରିଥିଲେ ।

### ଫେରିଲା ୧୫୦ ବର୍ଷର ପରମ୍ପରା 'ଦରବାର ମୁଭ୍'

## ଜମ୍ମୁରୁ ପୁଣି ଚାଲିବ ସରକାର

ଶ୍ରୀନଗର, ୧ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ୧୫୦ ବର୍ଷ ତଳର 'ଦରବାର ମୁଭ' ପରମ୍ପରା ପ୍ରତ୍ୟାବର୍ତ୍ତନ କରିଛି । ୪ ବର୍ଷ ପରେ ପୁଣି ଜମ୍ମୁରୁ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ପରିଚାଳିତ ହେବ । ଆଗାମୀ ଶୀତ ଋତୁକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି । ଶୁକ୍ରବାର ସବୁ ସରକାରୀ କାର୍ଯ୍ୟାଳୟ ବନ୍ଦ ହେବା ପରେ ସବୁ ଜିନିଷପତ୍ର ଓ କର୍ମଚାରୀ ଶ୍ରୀନଗରରୁ ଜମ୍ମୁ ସ୍ଥାନାନ୍ତର ହେବାର ପ୍ରକ୍ରିୟା ଆରମ୍ଭ ହୋଇଛି । ଜମ୍ମୁରୁ ହିଁ ସବୁ ସରକାରୀ କାର୍ଯ୍ୟ ନଭେମ୍ବର ୩ରୁ ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ, ସିଭିଲ ସଚିବାଳୟ ସହିତ ସବୁ ଅନ୍ୟ ବିଭାଗର ମୋଟ ୩୯ଟି କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଜମ୍ମୁକୁ ପଠାଯିବ । ସେହିପରି ୪୭ ବିଭାଗର କାର୍ଯ୍ୟାଳୟ ତମ୍ବୁରେ ଚାଲିବ । ଏହି ବିଭାଗଗୁଡ଼ିରେ ୩୩ ପ୍ରତିଶତ କର୍ମଚାରୀ କିମ୍ବା ୧୦ ଜଣ ଅଧିକାରୀଙ୍କ ସହ କାର୍ଯ୍ୟ କରିବେ । ଶୀତ ଯିବା ପରେ ଗ୍ରୀଷ୍ମ ଆରମ୍ଭ ହେବା ପରେ ଏହି ଅସ୍ଥାୟୀ କାର୍ଯ୍ୟାଳୟଗୁଡ଼ିକ ପୁଣି ଶ୍ରୀନଗରକୁ ସ୍ଥାନାନ୍ତର ହେବ । ଏହି ପରମ୍ପରା ୧୫୦ ବର୍ଷ ହେବ ଚାଲିଆସୁ ଥିଲେ ମଧ୍ୟ ୨୦୨୧ରେ ଉପ-ରାଜ୍ୟପାଳ ବନ୍ଦ କରିଦେଇଥିଲେ । କିନ୍ତୁ ଏମେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ପୁଣିଥରେ ଏହି ପରମ୍ପରାକୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଫଳରେ ୬ ଲକ୍ଷ କର୍ମଚାରୀ ଏବେ ଜମ୍ମୁ ଯିବେ । ଏହା ଦ୍ୱାରା ଶୀତ ଋତୁରେ ଜମ୍ମୁର ଅର୍ଥ ବ୍ୟବସ୍ଥାକୁ ପୁଣିଥରେ ବଳ ମିଳିବ । ଉଲ୍ଲେଖଥାଉ କି, ୧୮୭୨ରେ ଡୋଗରା ଶାସକ ମହାରାଜା ରଣବୀର ସିଂ ଏହି ପରମ୍ପରା ଆରମ୍ଭ କରିଥିଲେ । ଗ୍ରୀଷ୍ମଋତୁରେ ଶ୍ରୀନଗର ଓ ଶୀତଋତୁରେ ଜମ୍ମୁ ରାଜ୍ୟର ରାଜଧାନୀ ବିବେଚିତ ହେଉଥିଲା । ଦରବାର ମୁଖ ପାଇଁ ନଭେମ୍ବର ୧ ଓ ୨ରେ ଟ୍ରାଫିକକୁ ବନ୍ଦ କରାଯିବ ।

## 'ଅପରେସନ ସିନ୍ଦୂର' ହେଉଛି ଧର୍ମଯୁଦ୍ଧ, ଏହା ଜାରି ରହିବ: ସେନାମୁଖ୍ୟ

ନୂଆଦିଲ୍ଲୀ, ୧ ।୧୧(ଏଜେନ୍ସି): ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ୫୩ ବର୍ଷ ପରେ ନିଜ ପିଲାବେଳର ବିଦ୍ୟାଳୟ ପରିଦର୍ଶନରେ ମଧ୍ୟପ୍ରଦେଶର ସତନା ଗସ୍ତରେ ଯାଇଛନ୍ତି । ପିଲାମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂରକୁ ଏକ ଧର୍ମ ଯୁଦ୍ଧର ଆଖ୍ୟା ଦେଇଛନ୍ତି । ଏହା ଆଗକୁ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆମେ କେବେ କୌଣସି ନିର୍ଦ୍ଦୋଷ ନାଗରିକଙ୍କର କ୍ଷତି ପହଞ୍ଚାଇନାହୁଁ । ନମାଜ କିମ୍ବା କୌଣସି ଧାର୍ମିକ ପ୍ରାର୍ଥନା ସମୟରେ ଆମେ କେବେବି ଆକ୍ରମଣ କରିନାହୁଁ ବୋଲି ସେ କହିଛନ୍ତି । ୧୯୭୧ ଯୁଦ୍ଧ ସମୟରେ ସେ ଏହି ସ୍କୁଲର ଚତୁର୍ଥ ଶ୍ରେଣୀରେ ପଢୁଥିଲେ । ଦୀର୍ଘ ୫୬ ବର୍ଷ ପରେ ନିଜ ପିଲା ବେଳର ସ୍କୁଲରେ ପହଞ୍ଚି ସେ ଭାବପ୍ରବଣ ହୋଇ ପଡ଼ିଥିଲେ । ଅପରେସନ ସିନ୍ଦୂର ପୂରା ଦେଶକୁ ଏକାଠି କରିବା ସହ ଗୋଟିଏ ସୂତ୍ରରେ ବାନ୍ଧିଥିଲା । ଟେକନିକ୍ ଓ ଦୃଢ଼ ଇଚ୍ଛାଶକ୍ତି କାରଣରୁ ଏହି ମିଶନ ସଫଳ ହୋଇଥିଲା ବୋଲି ସେ କହିଛନ୍ତି । ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ । ଗତ ମେ ୭ରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଠିକଣାକୁ ମିସାଇଲ ମାଡ କରି ଧ୍ୱଂସ କରିଥିଲା । ଏଥବରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ । ସରକାର ସେନାର ଏହି କାର୍ଯ୍ୟାନୁଷ୍ଠାନକୁ ଅପରେସନ ସିନ୍ଦୂର ବୋଲି କହିଥିଲେ ।

## ମସ୍କୋରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ

କିଭ୍, ୧ ।୧୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାମ ନେଉ ନାହିଁ । ଏବେ ୟୁକ୍ରେନ୍ ରୁଷିଆର ରାଜଧାନୀ ମସ୍କୋ ଉପରେ ଡ୍ରୋନ ଆକ୍ରମଣ କରିଛି । ୟୁକ୍ରେନର ଗୁଇନ୍ଦା ଏଜେନ୍ସି (ହଚ୍‌ୟୁଆର) ଶୁକ୍ରବାର ମସ୍କୋ ନିକଟରେ ଥିବା ଏକ ୪୦୦ କିମି ଦୀର୍ଘ ଫୁଏଲ ପାଇପ୍ ଲାଇନ୍ ଉପରେ ଆକ୍ରମଣ କରିଛି । ଏହି ପାଇପ୍ ଲାଇନ୍‌ର ନାମ 'ରିଙ୍ଗ' ବୋଲି ଜଣାପଡ଼ିଛି । ଏହି ଆକ୍ରମଣ ପରେ ରୁଷ୍‌ର ପେଟ୍ରୋଲ, ଡିଜେଲ ଓ ବିମାନର ଇନ୍ଧନ ଯୋଗାଣ ବନ୍ଦ ହୋଇଛି । ୟୁକ୍ରେନର ଏହି ଆକ୍ରମଣରେ ମସ୍କୋର ଦକ୍ଷିଣ ପୂର୍ବ ଅଞ୍ଚଳରେ ଥିବା ୩ଟି ମୁଖ୍ୟ ପାଇପ୍ ଲାଇନ ଏକାସଙ୍ଗେ ଧ୍ୱଂସ ପାଇଛି । ସେଠାରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବାକୁ ରୁଷିଆ ଅସ୍ତ୍ରଶସ୍ତ୍ର ନିୟୋଜିତ କରିଥିଲା । ତେବେ ସେ ସବୁ ଠିକ୍ ସମୟରେ କାର୍ଯ୍ୟ କରି ନଥିଲା । ଏବେ ରୁଷ୍ ସେନାକୁ ଇନ୍ଧନ ମିଳିବା କଷ୍ଟକର ହୋଇ ପଡ଼ିଛି । ପ୍ରତିବର୍ଷ ଏହି ପାଇପ୍ ଲାଇନ ଜରିଆରେ ପ୍ରତିବର୍ଷ ୩୦ ଲକ୍ଷ ଟନ୍ ଜେଟ୍ ଇନ୍ଧନ, ଲକ୍ଷ ଲକ୍ଷ ଟନ ପେଟ୍ରୋଲ ଓ ଡିଜେଲ ପଠାଯାଇଥାଏ । ଏବେ ଏହି କାରଣରୁ ମସ୍କୋର ଅର୍ଥବ୍ୟବସ୍ଥା ନକାରାତ୍ମକ ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ରାତି ସାରା ହୋଇଥିବା ଡ୍ରୋନ ଆକ୍ରମଣର ଏହା ଏକ ଅଂଶ ଥିଲା ବୋଲି ରୁଷିଆ ତରଫରୁ କୁହାଯାଇଛି । ଅନ୍ୟପଟେ ୧୦ଟି ଅଞ୍ଚଳରେ ୟୁକ୍ରେନର ୯୮ଟି ଡ୍ରୋନକୁ ମାରି ଖସାଇଛୁ ବୋଲି ରୁଷ୍ ସେନା ତରଫରୁ କୁହାଯାଇଛି ।

# ଆଜିଠୁ ପଞ୍ଚୁକ ବ୍ରତ

- ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେବେ ମହାପ୍ରଭୁ
- ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା
- ଏଥର ଚାରିଦିନିଆ ପଞ୍ଚୁକ, ବାଙ୍କଚୂଡ଼ା ବେଶ ନାହିଁ

ପୁରୀ,୧।୧୧(ସମିସ): ରବିବାରଠାରୁ ମହାକାର୍ତ୍ତିକର ପଞ୍ଚୁକ ବ୍ରତ। ଚଳିତ ବର୍ଷ ୫ଦିନ ପରିବର୍ତ୍ତେ ୪ଦିନ ପାଳନ ହେବ ପଞ୍ଚୁକ ବ୍ରତ। ଏହି ଉପଲକ୍ଷେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେବ। ଦ୍ୱାଦଶୀ ତିଥି କ୍ଷୟ ଯାଉଥିବାରୁ ମହାପ୍ରଭୁଙ୍କ ୪ଟି ବେଶ ଦର୍ଶନର ସୁଯୋଗ ପାଇବେ ଭକ୍ତ। ବାଙ୍କଚୂଡ଼ା ବେଶ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ରହିବେ। ଏହାସହ ଶ୍ରୀମନ୍ଦିରରେ ହରି ଉତ୍ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବ। ସେହିପରି ୩ ତାରିଖରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ଲାଗି ପ୍ରତିଦିନ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବାକୁ ଥିବାରୁ ପୁରୀ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ଭକ୍ତଙ୍କ ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

ପ୍ରଥମ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ପରେ ଲକ୍ଷ୍ମୀନାରାୟଣ ବା ଠିଆକିଆ ବେଶ ହୋଇଥାଏ। ଏହି ବେଶ ଥାଇ ଠାକୁରମାନଙ୍କର ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ସମ୍ପନ୍ନ ହେବ। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବେଶ କରିବେ। କାର୍ତ୍ତିକରେ ଅନୁଷ୍ଠିତ ରାଧାଦାମୋଦର ବେଶରେ ଠାକୁରମାନେ ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବା ବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୂଷଳ ଓ କେତେକ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥା'ନ୍ତି। ସୁଭଦ୍ରାଙ୍କ ବେଶରେ କିଛି ପରିବର୍ତ୍ତନ ହୁଏ ନାହିଁ।

ଏତଦ୍‌ବ୍ୟତୀତ ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଏ ଓ କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥାଏ। ପଞ୍ଚୁକରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଡ଼ଦାଣ୍ଡର ମାର୍କେଟ୍ ଛକଠାରୁ ହୋଇଥିବା ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବେ। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୯୬ ସେକ୍ସନ୍ ଫୋର୍ସ ମୁତୟନ ହୋଇଛନ୍ତି। ୫ ଅତିରିକ୍ତ ଏସ୍‌ପି, ୧୬ ଡିଏସ୍‌ପି, ୩୫ ଇନ୍ସପେକ୍ଟର୍‌ଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମଧ୍ୟ ନିୟୋଜିତ ହୋଇଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ, ତାହା ପୁରୀ ପୁଲିସର ପ୍ରାଥମିକତା ରହିବ ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

**ଘୋଷଣାକୁ ପୂରିଲା ବର୍ଷେ**

# ଘୋଷଣାରେ ସୀମିତ ଶିଶୁ ସୁରକ୍ଷା ହେଲ୍‌ପଲାଇନ୍ ନମ୍ବର

ଭୁବନେଶ୍ୱର,୧।୧୧(ସମିସ): ଶିଶୁମାନଙ୍କୁ ଶୋଷଣ, ଚାଲାଣ, ନିର୍ଯାତନା ଓ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଦେବା ପାଇଁ ସରକାର ସର୍ବଦା ସମ୍ବେଦନଶୀଳ ଅଛନ୍ତି। ଦାନ୍ତ ବିହୀନ କିମସନକୁ ନୂଆ ସରକାରରେ ଶକ୍ତିଶାଳୀ କରିବାକୁ ସମସ୍ତ ପ୍ରଚେଷ୍ଟା କରାଯିବ। ନୂଆ, ଢାଞ୍ଚାରେ ନୂଆ ନିୟମରେ ପରିବର୍ତ୍ତନ କରାଯିବ। ଏଥିପାଇଁ ରହିଥିବା ଆଇନ ଓ ନିୟମକୁ ମଧ୍ୟ ପରିବର୍ତ୍ତନ କରାଯାଇ ଆୟୋଗକୁ ସୁଦୃଢ଼ କରାଯିବ ବୋଲି ଉପୁମଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତବର୍ଷ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ(ଓଏସସିପିସିଆର)ର ପ୍ରତିଷ୍ଠା ଦିବସ ଅବସରରେ ଘୋଷଣା କରିଥିଲେ। ସେହିପରି ଯୌନ ଉତ୍ପୀଡ଼ନର ପ୍ରଥମ ପ୍ରୟାସକୁ ହିଁ ବିରୋଧ କରାଯିବା ସହ ରାଜ୍ୟର କୌଣସି ବି ସ୍ଥାନରେ ପିଲାମାନେ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ଦେୟମୁକ୍ତ ନମ୍ବର(୧୮୦୦-୩୪୫-୪୪୯୪)ରେ ଯୋଗାଯୋଗ କରିପାରିବେ। ଏହି ନମ୍ବରକୁ ବ୍ଲକ୍ ସ୍ତରରୁ ଜିଲ୍ଲା ସ୍ତରଯାଏଁ ବ୍ୟାପକ କରାଯିବ। ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିଥିଲେ ମଧ୍ୟ ଏହି ନମ୍ବର ଗାଁ ଗାଁରେ ପହଞ୍ଚିବା ତ ଦୂରର କଥା, ବ୍ଲକ୍ କି ଜିଲ୍ଲା ସ୍ତରକୁ ମଧ୍ୟ ଯାଇ ପାରିଲା ନାହିଁ।

ରାଜ୍ୟରେ ଶିଶୁମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହେବା ଏବଂ ଏହାର ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି ଟୋଲ୍ ଫ୍ରି ନମ୍ବର ସହ ପୁଲିସ ସହାୟତା ନମ୍ବର, ଚାଇଲ୍ଡ ହେଲ୍‌ପଲାଇନ୍ ନମ୍ବର ବିଷୟରେ ସଚେତନା କରାଯିବାକୁ ଯୋଜନା ରହିଥିଲା। ଶିଶୁ ଚାଲାଣ ରୋକିବା ପାଇଁ ଗାଁ ମାନଙ୍କରେ ଏସ୍‌ଏଚ୍‌ଜି ମହିଳା ଓ 'ଅଦ୍ୱିକା' ଯୋଜନାରେ କିଶୋରୀ ବାଳିକାଙ୍କୁ ଟ୍ରେନିଂ ଦିଆଯିବ। ସେମାନେ ଘର ଘର ବୁଲି ଏ ବାବଦରେ ଅଭିଭାବକମାନଙ୍କୁ ଅବଗତ କରାଇବେ। ଏଥିପାଇଁ ବିଭାଗ ପକ୍ଷରୁ ଅର୍ଥ ଯୋଗାଇ ଦିଆଯିବ। କେବଳ ସେତିକି ନୁହେଁ; ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ନିର୍ଯାତନା, ଯୌନ ଉତ୍ପୀଡ଼ନ ସମେତ ଶିଶୁମାନଙ୍କ ଅଧିକାର କ୍ଷୁଣ୍ଣ ହେଲା ଭଳି କୌଣସି ଘଟଣା ସାମ୍ନାକୁ ଆସିଲେ ପୁଲିସ


**ସହରରୁ ଗାଁ ଯାଏଁ ବ୍ୟାପିଗଲାଣି ଶିଶୁ ଚାଲାଣ, ଯୌନ ଉତ୍ପୀଡ଼ନ ସମସ୍ୟା**

ପ୍ରଶାସନ ସହାୟତାରେ ତୁରନ୍ତ ପଦକ୍ଷେପ ନିଆଯିବ। ଜିରୋ ଟଲେରାନ୍ସ ବ୍ୟବସ୍ଥାରେ ଦୋଷୀକୁ ତୁରନ୍ତ ଦଣ୍ଡ ଦିଆଯିବା ସହ ପୀଡ଼ିତାଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ପାଇଁ ବିଭାଗ ଘୋଷଣା କରିଥିଲା। ଏଦିଗରେ ପିଲାମାନଙ୍କୁ ଅଧିକ ସଚେତନ କରିବାକୁ ବିଦ୍ୟାଳୟରେ ଶିକ୍ଷା ଓ ସଚେତନତା ବାର୍ତ୍ତା ଦିଆଯିବ; ଯାହାକି ଏପର୍ଯ୍ୟନ୍ତ ହୋଇପାରି ନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସକାଳ ୧୦ ଟା ରୁ ଅପରାହ୍ଣ ୫ ପର୍ଯ୍ୟନ୍ତ ଉପଲବ୍ଧ ରହିଥିବା ଏହି ସରକାରୀ ଟ୍ରୋଲ ଫ୍ରି ନମ୍ବର କେବଳ ସରକାରୀ ବ୍ୟବସ୍ଥା ମଧ୍ୟରେ ସୀମିତ ରହିଯାଇଛି। ବ୍ଲକ ତ ଦୂରର କଥା; ଜିଲ୍ଲା ସ୍ତରରେ ବି ପହଞ୍ଚିପାରି ନାହିଁ। ତେବେ ସରକାର ଏହାକୁ ଗୁରୁତ୍ୱର ସହ ନେଉ ନ ଥିବାରୁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରୁ ଶିଶୁମାନେ ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନର ଶିକାର ହେବା ସହ ଶିଶୁ ଚାଲାଣ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏଥିପ୍ରତି ସରକାର ଏବଂ ବିଭାଗୀୟ ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ଥିବା ନେଇ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଜାଭେଦ ଅଖତର୍ ପାଇବେ 'ସୋଆ ସାହିତ୍ୟ ସମ୍ମାନ-୨୦୨୫'

ଭୁବନେଶ୍ୱର, ୧।୧୧(ସମିସ): ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମଭୂଷଣ ଜାଭେଦ ଅଖତରଙ୍କୁ 'ସୋଆ ସାହିତ୍ୟ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ ତାରିଖରୁ ଆୟୋଜିତ ହେବାକୁ ଥିବା ଦୁଇଦିନିଆ 'ତୃତୀୟ ସୋଆ ସାହିତ୍ୟ ଉତ୍ସବ'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯିବ। ସମ୍ବର୍ଦ୍ଧନା ସ୍ୱରୂପ, ୭ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତି ଓ ଉତ୍ତରୀୟ ପ୍ରଦାନ କରାଯିବ।



ଅଖତର ଏକାଧାରରେ ଜଣେ ସଂଳାପ ଲେଖକ, ଗୀତିକାର, କବି ଏବଂ ଚିନ୍ତକ। ତାଙ୍କର ଲେଖନୀ ଆଧୁନିକ ଭାରତର ଭାବପ୍ରବଣ ଓ ସାଂସ୍କୃତିକ ଦୃଶ୍ୟପଟ୍ଟକୁ ସମୃଦ୍ଧ କରିଆସିଛି। ଜଣେ ଉଚ୍ଚକୋଟୀର ଗୀତିକାର ଭାବେ ତାଙ୍କର କୃତି ଭାରତୀୟ ସିନେମାକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହୋଇଛି। ପାଞ୍ଚଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୧୫ଥର ଫିଲ୍ମଫେୟାର୍ ପୁରସ୍କାରରେ ସମ୍ମାନିତ ଅଖତରଙ୍କୁ ୧୯୯୯ ମସିହାରେ ପଦ୍ମଶ୍ରୀ, ୨୦୦୭ରେ ପଦ୍ମଭୂଷଣ ଓ ୨୦୧୪ରେ ସାହିତ୍ୟ ଅକାଦେମି ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର କବିତା ସଂକଳନ 'ତର୍କଷ' ଓ 'ଲାଭା' ଆଧୁନିକ ହିନ୍ଦୀ ସାହିତ୍ୟରେ ସର୍ବାଦୃତ ପୁସ୍ତକ ଭାବେ ପରିଗଣିତ ହେବା ସହ ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ଉନ୍ନତ ଚିନ୍ତାଧାରାସମ୍ପନ୍ନ ଅଖତର୍ ହାର୍ଭାର୍ଡ୍, ଅକ୍ସଫୋର୍ଡ ଏବଂ କେମ୍ବ୍ରିଜ୍ ଭଳି ପୃଥିବୀର ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ଓ ପ୍ରଫେସର୍‌ମାନଙ୍କୁ ସମ୍ବୋଧିତ କରିଛନ୍ତି। ଭାରତୀୟ ସିନେମାର ଶବ୍ଦର ଯାଦୁକର ଭାବେ ପରିଚିତ ଜାଭେଦ ଅଖତରଙ୍କ ସାହିତ୍ୟକୃତି ଯୁବପିଢ଼ିଙ୍କୁ ଉତ୍ସାହ ପ୍ରଦାନ କରିଆସିଛି।

ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର୍ ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଏହି ସାହିତ୍ୟ ଉତ୍ସବର ଚଳିତବର୍ଷର ପ୍ରସଙ୍ଗ ହେଉଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଏହି ସୂଚନା ଦେଇଛନ୍ତି ପ୍ରାଚୀନର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା। ଚଳିତବର୍ଷର ସାହିତ୍ୟ ଉତ୍ସବରେ ଦେଶର କୋଣଅନୁକୋଣରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନିଆ ଏହି ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି ପ୍ରଫେସର୍ ପଣ୍ଡା ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ଭାରତୀୟ ସମ୍ବିଧାନ ଅନୁମୋଦିତ ଯେକୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ବିଶିଷ୍ଟ ଲେଖକ, କବି ଓ ଚିନ୍ତକ ଯେଉଁମାନଙ୍କର ଏହି କ୍ଷେତ୍ରରେ ଉତ୍କର୍ଷ, ସୃଜନଶୀଳତା ଓ ବୌଦ୍ଧିକ ଗଭୀରତା ରହିଛି, ସେମାନଙ୍କୁ ସମ୍ମାନିତ କରିବା ହିଁ ସୋଆ ସାହିତ୍ୟ ସମ୍ମାନର ଉଦ୍ଦେଶ୍ୟ।

■ ହାତୀଦାନ୍ତ ବିକ୍ରି ମାମଲା

# ୩ଜଣଙ୍କୁ ୩ବର୍ଷ ଜେଲ୍

ବାଲେଶ୍ୱର,୧।୧୧(ସମିସ): ହାତୀ ଶିକାର କରି ଦାନ୍ତ ବିକ୍ରି ମାମଲାର ବିଚାର କରି ବାଲେଶ୍ୱର ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଜନକ ରାଉତ ଆଜି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଲେଖାଏଁ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ୩ ମାସ ଲେଖାଏଁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ସେମାନେ ହେଲେ, ସାଇଁକୁଳା ଅଞ୍ଚଳର ଅଶ୍ୱିନୀ କୁମାର ଦେ, ଶାନ୍ତନୁ ସାହୁ ଏବଂ ତରତରୀ ଅଞ୍ଚଳର ଡୁମା ବେହେରା। ଏମାନେ କୁଲଡ଼ିହା ଜଙ୍ଗଲରୁ ହାତୀ ଶିକାର କରି ଦାନ୍ତ ବିକ୍ରି କରିବାକୁ ଯୋଜନା କରୁଥିବା ବେଳେ ବନ ବିଭାଗ ହାତରେ ଧରାପଡ଼ିଥିଲେ। ସୂଚନାନୁସାରେ, ୨୦୦୬ ଡିସେମ୍ବର ୨୭ ରାତିରେ ଫରେଷ୍ଟର ଭାଗୀରଥି ତୁଙ୍ଗ ଓ ଅନ୍ୟମାନେ କୁଲଡହା ଜଙ୍ଗଲର ପଞ୍ଚଲିଙ୍ଗେଶ୍ୱରସ୍ଥିତ ସଂରକ୍ଷିତ ଜଙ୍ଗଲ ନିକଟରେ ପାଟ୍ରୋଲିଂ କରୁଥିଲେ। ସାଇଁକୁଳା-ମିତ୍ରପୁର ରାସ୍ତାର ପୁରୁଣାଗାଁଠାରେ ହାତୀଦାନ୍ତ ଡିଲ୍ ଚାଲୁଥିବା ଖବର ପାଇ ଶ୍ରୀ ତୁଙ୍ଗ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଅଶ୍ୱିନୀ କୁମାର ଦେଙ୍କ ଠାରୁ ବ୍ୟାଗ ଜବତ କରି ଯାଞ୍ଚ ପରେ ସେଥିରେ ଦୁଇଟି ହାତୀଦାନ୍ତ ରହିଥିଲା। ଯାହାର ଓଜନ ୨କେଜି ୮୫୦ ଗ୍ରାମ ଓ ୨ କେଜି ୨୫୦୦ ଗ୍ରାମ୍ ଥିଲା। ଏହାସହ ଏକ ବଡ଼ ହାତୁଡ଼ି ମଧ୍ୟ ଜବତ ହୋଇଥିଲା। ଫରେଷ୍ଟ କର୍ମଚାରୀ ଏହି ଘଟଣାରେ ସମ୍ପୃକ୍ତ ଥିବା ତିନି ଅଭିଯୁକ୍ତ ଅଶ୍ୱିନୀ କୁମାର ଦେ, ଶାନ୍ତନୁ ସାହୁ ଏବଂ ତରତରୀ ଅଞ୍ଚଳର ଡୁମା ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ପ୍ରଭାତ କୁମାର ଦାସ ପରିଚାଳନା କରୁଥିଲେ।

**ପଦୋନ୍ନତି କ୍ଷେତ୍ରରେ ବରିଷ୍ଠତାକୁ ଉପେକ୍ଷା ପ୍ରସଙ୍ଗ**

# ଆର୍‌ଆଇ ପଦୋନ୍ନତି ପାଇଥିବା ପ୍ରତିପକ୍ଷଙ୍କୁ ପୂର୍ବ ପଦକୁ ଆଣିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧।୧୧ (ସମିସ): ବରିଷ୍ଠତାକୁ ଉପେକ୍ଷା ପୂର୍ବକ କେନ୍ଦୁଝର ଜିଲ୍ଲାରେ କେତେକ ସାଧାରଣ ବର୍ଗ ପ୍ରାର୍ଥୀଙ୍କୁ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ପଦକୁ ବେଆଇନ ପଦୋନ୍ନତି ପ୍ରଦାନ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏହି ମାମଲାର ପ୍ରତିପକ୍ଷ ତଥା ଆର୍‌ଆଇ ପଦୋନ୍ନତି ପାଇଥିବା କର୍ମଚାରୀଙ୍କୁ ସେମାନଙ୍କ ପୂର୍ବ ପଦକୁ ଫେରାଇ ଅଣାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପଦୋନ୍ନତି ପାଇଁ ପାଇଥିବା ଦରମା ଓ ଅନ୍ୟାନ୍ୟ ଆର୍ଥିକ ଲାଭ ସେମାନଙ୍କ ନିକଟରୁ ଭରଣା କରାଯିବ ନାହିଁ। ଆର୍‌ଆଇ ପଦକୁ ପଦୋନ୍ନତି ପାଇଁ ଏକ ଡିପିସି ଡାକିବାକୁ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସଂଜୟ କୁମାର ପେରେଇ ଓ ଅନ୍ୟ ଚାରିଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏପରି ରାୟ ପ୍ରଦାନ କରିଛନ୍ତି। ଡିପିସିର ଫଳାଫଳ ଆଧାରରେ ସାନି ପଦୋନ୍ନତି ନିର୍ଦ୍ଦେଶନାମା ଜାରି ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, କେନ୍ଦୁଝର ଜିଲ୍ଲାରେ ଗତ ୨୦୧୯ରେ ଗ୍ରେଡେସନ୍ ତାଲିକାରେ ବରିଷ୍ଠତା କ୍ଷେତ୍ରରେ ଆବେଦନକାରୀଙ୍କ ସ୍ଥାନର ତଳେ ଥିବା ପ୍ରତିପକ୍ଷ ସାଧାରଣବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଥିଲା। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ଉଚ୍ଛେଦ ପରେ ମାମଲା ଶୁଣାଣି ପାଇଁ ହାଇକୋର୍ଟକୁ ସ୍ଥାନାନ୍ତର ହୋଇ ଆସିଥିଲା।

■ ୩୬ କଲେଜ ସ୍ୱୟଂଶାସିତ ମାନ୍ୟତା ହରାଇବା ପ୍ରସଙ୍ଗ

# ନବୀକରଣ ପାଇଁ ତାଗିଦ କରୁଛି ବିଭାଗ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧।୧୧(ସମିସ): ରାଜ୍ୟର ମୋଟ୍ ୫୩ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ ୩୬ଟି ମହାବିଦ୍ୟାଳୟ ସ୍ୱୟଂଶାସିତ ମାନ୍ୟତା ହରାଇ ସାରିଛନ୍ତି। ଅନେକ ନବୀକରଣ ପାଇଁ ଆବେଦନ କରୁ ନଥିବାବେଳେ ଆଉକିଛି ଆବେଦନ କରିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ମାନ୍ୟତା ନବୀକରଣ କରାଯାଇନାହିଁ। ଏନେଇ ଖବର ପ୍ରକାଶ ପାଇଲା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ସମସ୍ତ ପ୍ରକାର ତ୍ରୁଟି ସୁଧାରି ମାନ୍ୟତା ଫେରିପାଇବା ପାଇଁ ସରକାର ପ୍ରୟାସ କରୁଛନ୍ତି। ପାଠପଢ଼ା ସହିତ ଅଫିସିଆଲ୍ କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦେବାକୁ କଲେଜ ଅଧକ୍ଷମାନଙ୍କୁ କୁହାଯାଇଛି। ମାନ୍ୟତା ଅବଧି ଶେଷ ହେବା ପରେ ଆବେଦନ କରି ନ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଭାଗ ପକ୍ଷରୁ ତାଗିଦ୍ କରାଯାଉଛି। ଆବେଦନ କରି ମଧ୍ୟ ମାନ୍ୟତା ନବୀକରଣ ହୋଇ ନଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଏଥିପାଇଁ ଟାଇମ୍‌ଲାଇନ୍ ସହ ଡେଡ୍ ଲାଇନ୍ ମଧ୍ୟ ଦିଆଯାଉଛି। ସେହିପରି ବିଶ୍ୱବିଦ୍ୟାଳୟ ସହ କଲେଜଗୁଡ଼ିକର ଅଫିଲେସନ୍‌କୁ ମଧ୍ୟ ଗୁରୁତ୍ୱ ଦିଆଯାଇ ନବୀକରଣ କରିବାକୁ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

■ ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଅବହେଳା

# ଲକ୍ଷେ ତଣ୍ଡ ଗଣିବ ଉତ୍କଳ ବିଶ୍ୱବିଦ୍ୟାଳୟ: ହାଇକୋର୍ଟ

କଟକ, ୧।୧୧(ସମିସ): ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଅବହେଳା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ୧ଲକ୍ଷ ଟଙ୍କା ତଣ୍ଡ ରାଶି ଗଣିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧ ମାସ ମଧ୍ୟରେ ଏହା ପଇଠ କରାନଗଲେ, ଦିନକୁ ଅତିରିକ୍ତ ୧ହଜାର ଟଙ୍କା ଦେବାକୁ ପଡ଼ିବ। ଏହି ତଣ୍ଡରାଶି ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କ ଦରମାରୁ ଭରଣା କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଡି. ସୁରେଶ ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି।

ହାଇକୋର୍ଟ କହିଛନ୍ତି ଯେ ବାରମ୍ବାର ନିର୍ଦ୍ଦେଶ ପରେ ବି ଆଦେଶ ଅନୁପାଳନ ନହେବା, ନ୍ୟାୟିକ ପ୍ରକ୍ରିୟାରେ ମକଦ୍ଦମାକାରୀଙ୍କ ବିଶ୍ୱାସକୁ ଦୋହଲାଇ ଦେବ। ଏଭଳି ସ୍ଥିତିରେ ନିଜ କର୍ମଚାରୀଙ୍କ ପରିବାର ପ୍ରତି ନିଷ୍ଠୁର ମନୋଭାବ ଦେଖାଇବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଦଣ୍ଡମୁକ୍ତ ହୋଇପାରିବ ନାହିଁ। ଏଥିସହ, ଅନୁକମ୍ପା ନିଯୁକ୍ତି ଆବେଦନକୁ ଖାରଜ କରି ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଦ୍ୱାରା ଗତ ୨୦୨୪ ମାର୍ଚ୍ଚ ୧୧ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆସନ୍ତା ୩ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ଅନୁକମ୍ପା ନିଯୁକ୍ତିର ଆଦେଶ ଜାରି କରିବା ସହ ଅଦାଲତଙ୍କ ଆଦେଶ ଅନୁପାଳନ ସଂକ୍ରାନ୍ତରେ ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ଆବେଦନକାରୀଙ୍କ ପିତା ବିଶ୍ୱବିଦ୍ୟାଳୟରେ କମନ ରୁମ୍ ଆଟେଣ୍ଡାଣ୍ଟ ଭାବରେ ନିଯୁକ୍ତି ପାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଚାକିରି ଗତ ୨୦୦୪ ନଭେମ୍ବର ୨୭ରୁ ନିୟମିତ କରାଯାଇଥିଲା। ୨୦୧୦ ମାର୍ଚ୍ଚ ୧୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପରେ ଆବେଦନକାରୀ ଅନୁକମ୍ପା ନିଯୁକ୍ତିରୁ ବଞ୍ଚିତ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ସପକ୍ଷରେ ହାଇକୋର୍ଟ ରାୟ ଦେଇଥିଲେ ସୁଦ୍ଧା ଏହାକୁ ସରକାର କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାଳନ ନକରିବାରୁ ସେ ଅଦାଲତ ଅବମାନନା ମାମଲା କରିଥିଲେ। ଏହି ମାମଲାରେ ବି ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ କୁହାଯାଇଥିଲା। ପ୍ରଚଳିତ ନିୟମ ଅନୁଯାୟୀ, ଏହି ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସରକାର କହିବା ପରେ ଗତ ୨୦୨୪ ମାର୍ଚ୍ଚ ୧୧ରେ ଆବେଦନକାରୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ।

# ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ସିଇଓଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର,୧।୧୧(ସମିସ): ନୂଆପଡ଼ାରେ ପୁଲିସ ଅଧିକାରୀମାନେ ନିଜକୁ ଶାସକ ବିଜେପିର ଏଜେଣ୍ଟ ପରି ଆଚରଣ କରୁଛନ୍ତି। ପୁଲିସ ପ୍ରଶାସନର ଅପବ୍ୟବହାର କରି ବିଜେପି ନୂଆପଡା ଉପନିର୍ବାଚନକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରି ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ଆଗରେ ଫେରାଦ ହୋଇଛି।



- ପୁଲିସ ପ୍ରଶାସନକୁ ବ୍ୟବହାର କରି ବିଜେପି ନିର୍ବାଚନ ଜିତିବାକୁ ଅପଚେଷ୍ଟା କରୁଛି
- ବିଜେପିରେ ଯୋଗଦେବା ପାଇଁ ପୁଲିସ ବିଜେଡି କର୍ମୀଙ୍କ ଉପରେ ଚାପ ପକାଉଛି
- ବିଜେପିର ଷ୍ଟାର୍ ପ୍ରଚାରକ ଭଳି କାମ କରୁଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍

ଦଳର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ସିଇଓଙ୍କୁ ଭେଟି ନୂଆପଡ଼ା ଉପନିର୍ବାଚନରେ ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର ଅଭିଯୋଗ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଜେଡି ଅଭିଯୋଗ କରିଛି ଯେ ଖରିଆର ରୋଡ୍‌ର ବିଜେଡି ଛାତ୍ର ସଭାପତି ମନୀଷ ଦେବଙ୍ଗନଙ୍କୁ ପୁଲିସ ଦ୍ୱାରା ଚାପ ପକାଯାଇ ବିଜେପିରେ ଯୋଗଦାନ କରାଯାଇଛି। ମନୀଷ ବିଜେପିରେ ଯୋଗଦାନ କରିବାର ପୂର୍ବ ସନ୍ଧ୍ୟାରେ ସାମାଜିକ ଗଣମାଧ୍ୟମରେ ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହିତ ସେ ବିଜେଡିରେ ଅଛନ୍ତି ବୋଲି କହିଥିଲେ। ଏହାର କିଛି ଘଣ୍ଟା ପରେ ସେ ହ୍ୱାଟ୍ସଆପରେ ମେସେଜ୍ ଦେଇ ତାଙ୍କୁ ପୁଲିସ ଉଠାଇ ନେଇଛି ଓ ବିଜେପିରେ ଯୋଗଦେବା ପାଇଁ ତାଙ୍କ ଉପରେ ଚାପ ପକାଉଛି ବୋଲି କହିଥିଲେ। ଏହାର ପରଦିନ ମନୀଷ ବିଜେପିରେ ଯୋଗ ଦେଇଥିଲେ। ଏହି ଘଟଣାରୁ ବିଜେପି ପୁଲିସ ପ୍ରଶାସନକୁ ବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରୁଥିବା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ବିଜେଡି ଅଭିଯୋଗ କରିଛି।

ସ୍ମାରକପତ୍ରରେ ଆହୁରି କୁହାଯାଇଛି ଯେ ଜିଲ୍ଲାରେ କାର୍ଯ୍ୟରତ ଏସ୍‌ପି ଅମ୍ରିତପାଲ ସିଂହଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପୂର୍ବରୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନଓ୍ୱର ବିଶାଲ ସିଂହଙ୍କୁ ଛୁଟିରେ ପଠାଯାଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଜି ଏବେ ବିଜେପିର ଷ୍ଟାର୍ ପ୍ରଚାରକ ଭଳି କାର୍ଯ୍ୟ କରୁଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର କରି ବିଜେପି ନିର୍ବାଚନର ଆଦର୍ଶ ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଥିବାର ଦଳ କହିଛି।

ସ୍ମାରକପତ୍ର ପ୍ରଦାନ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡିର ମୁଖପାତ୍ର ଡ. ଲେନିନ ମହାନ୍ତି କହିଥିଲେ ଯେ ପରାଜୟ ଭୟରେ ବିଜେପି ଆତଙ୍କିତ ହୋଇ ପ୍ରଶାସନକୁ ବ୍ୟବହାର କରି ନିର୍ବାଚନ ବୈତରଣୀ ପାର ହେବାକୁ ଉଦ୍ୟମ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଯିବା ପରେ, ବିଜେପି ଭୟଭୀତ ହୋଇପଡିଛି । କିନ୍ତୁ ବିଜେପିର କୌଣସି ଚାଲ ଚଳିବ ନାହିଁ। ନୂଆପଡ଼ାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି ସେ କହିଛନ୍ତି।

**ସମୁଦ୍ର ତଟ ସୁରକ୍ଷା ବାହିନୀର ରୋଡ୍ ମ୍ୟାପ୍**

# ସାବାଡ଼ ହେବେ ଜଳଦସ୍ୟୁ

ଭୁବନେଶ୍ୱର,୧।୧୧(ସମିସ): ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ହେଉ କିମ୍ବା ଜାଲ୍ ନୋଟ କାରବାର, ଅଥବା ବାଂଲାଦେଶ ଅନୁପ୍ରବେଶକାରୀ ଅପରାଧୀଙ୍କୁ ବେଶ୍ ସୁହାଉଛି ଓଡ଼ିଶାର ଜଳପଥ। ସ୍ଥଳପଥରେ ଚେକିଂ ବ୍ଲକିଂକୁ ଭୟ କରୁଥିବା ଆନ୍ତରାଜ୍ୟ ମାଫିଆ ଆପଣାଇଛନ୍ତି ଜଳପଥର ବିସ୍ତିର୍ଣ୍ଣ ରାସ୍ତା। ଗୋଟିଏ ବୋଟ ଜରିଆରେ ସେମାନେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ସକ୍ଷମ ହେଉଛନ୍ତି, ଆଉ ତିଆରି କରୁଛନ୍ତି ଅପରାଧର ନୀଳ ନକ୍ସା। ଏଭଳି ରାସ୍ତାକୁ ବନ୍ଦ କରିବା ସହ ଜଳଦସ୍ୟୁଙ୍କୁ ସାବାଡ୍ କରିବା ପାଇଁ ଆହ୍ୱାନ ମୋଡ୍କୁ ଆସିଛି ଓଡ଼ିଶା ତଟ ସୁରକ୍ଷା ବାହିନୀ।

ଅନୁପ୍ରବେଶ ଦ୍ୱାରା ଦେଶର ଅର୍ଥନୀତି ପ୍ରଭାବିତ ହେବାରୁ ବିଭିନ୍ନ ମହଲରୁ କ୍ଷୋଭ ପ୍ରକାଶ ପରେ ଏଭଳି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଓଡ଼ିଶାରେ ରହିଛି ୫୭୪ କିଲୋମିଟର ସମୁଦ୍ର ତଟ ଓ ଜଳପଥ। ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ୧୮ ଟି ମେରାଇନ ଥାନା। ଯେଉଁ ଥାନା ଅଧୀନରେ ରହିଛି ୧୫ଟି ବୋଟ। ହାଇ ଟେକ୍ନୋଲୋଜିର ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍ ମଧ୍ୟ ବିନା ଅନୁମତିରେ ପଶି ଆସୁଥିବା ପାଣିଜାହାଜ ଓ ବେଆଇନ ମାଛ ଧରାଳିଙ୍କ ଉପରେ ନଜର




ରଖିଛି। ତେବେ ବର୍ତ୍ତମାନ ମେରାଇନ ପୁଲିସିଂକୁ ଅଧିକ କ୍ରିୟାଶୀଳ କରିଛି ହାଇପ୍ରୋଫାଇଲ ଡ୍ରୋନ୍। ଯେଉଁ ଡ୍ରୋନ୍ ମାଧ୍ୟମରେ ୫ ମିନିଟ ମଧ୍ୟରେ ୧୫ କିଲୋମିଟର ପର୍ଯ୍ୟନ୍ତ ମଝି ଦରିଆର ଭିଡିଓ ଉତ୍ତୋଳନ କରାଯାଇପାରୁଛି। କଣ୍ଟ୍ରୋଲ ରୁମ୍ ଡ୍ରୋନ୍ରୁ ସଂଗୃହୀତ ଭିଡିଓ ଜରିଆରେ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର ଠାରୁ ଆରମ୍ଭ କରି ବେଆଇନ ଟ୍ରଲର ଚାଳନା ପର୍ଯ୍ୟନ୍ତ ମେରାଇନ ପୁଲିସ କାମ କରିପାରୁଛି। କୋଷ୍ଟଗାର୍ଡ, ଭାରତୀୟ ନୌସେନା ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ପୁଲିସ ନିତିଦିନ ଅପରେସନ ଚଳାଇଛି। ସେପଟେ ଜଳପଥରେ ଏରିଏଲ ସର୍ଭେ କରି ରିପୋର୍ଟ ଦେବାକୁ

- ପୋଟ୍ରୋଲିଂ ପାଇଁ ମିଳିବ ନୌସେନା ଅଧିକାରୀଙ୍କୁ ନିଯୁକ୍ତି
- ଅନୁପ୍ରବେଶ ଓ ମାନବ ଚାଲାଣ ପାଲଟିଛି ମୁଣ୍ଡବିନ୍ଧା

ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଫିସିଂ ଟ୍ରେନିଂ ସେଣ୍ଟର ଉପରେ କଡ଼ା ନଜର ରଖାଯାଇଛି। ୧୦ ନୂଆ ଫିସିଙ୍ଗ କ୍ରାଫ୍ଟ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଛି। ଉପକୂଳ ତଥା ସମୁଦ୍ର ତଟରେ ପାଟ୍ରୋଲିଂ ପାଇଁ ଅଭିଜ୍ଞ ଅବସରପ୍ରାପ୍ତ ନୌସେନା ଅଧିକାରୀଙ୍କୁ ନିଯୁକ୍ତି ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବ୍ରାହ୍ମଣୀ ଓ ମହାନଦୀ ଡେଲ୍ଟା ଓ ପୂର୍ବତଟ କେନାଲରେ ଜାତୀୟ ଜଳପଥ (ଏନ୍ଡବ୍ଲ୍ୟୁ)-୫, ବ୍ରାହ୍ମଣୀ ନଦୀରେ ଏନ୍ଡବ୍ଲ୍ୟୁ-୧୪, ବିରୂପା-ଗେଙ୍ଗୁଟି-ବ୍ରାହ୍ମଣୀ ନଦୀରେ ଏନ୍ଡବ୍ଲ୍ୟୁ-୨୨, ବୁଢ଼ାବଳଙ୍ଗ ନଦୀରେ ଏନ୍ଡବ୍ଲ୍ୟୁ-୨୩, ମହାନଦୀରେ ଏନ୍ଡବ୍ଲ୍ୟୁ-୬୪ ଓ ସୁବର୍ଣ୍ଣରେଖା ନଦୀରେ ଏନ୍ଡବ୍ଲ-୯୬ ବିକାଶ କରାଯାଉଛି।

ଓଡ଼ିଶାରେ ବନ୍ଦର, ଟର୍ମିନାଲ୍, ଡକ୍ ଓ ଦିଗ ନିର୍ଣ୍ଣୟ ବ୍ୟବସ୍ଥା ଆଦି ବ୍ୟାପକ ଜଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଉପରେ କାମ ଚାଲିଥିବା ବେଳେ ଏସବୁକୁ ସୁରକ୍ଷା ଦେବା ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଧାମରା ଓ ପାରାଦୀପ ବନ୍ଦର ମଧ୍ୟରେ ପରିବହନ ପାଇଁ ଏକାଧିକ ଜାହାଜ ଚଳାଚଳ କରୁଛି। ପୂର୍ବରୁ ସର୍ଭେଲାନ୍ସକୁ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ନେଇ ଗଠନ ହୋଇଥିବା "ସାଗର ରକ୍ଷକ ଦଳ'କୁ ମଧ୍ୟ ଅଧିକ ସଜାଗ କରାଯାଇଛି। ଯେଉଁମାନେ ତଟରକ୍ଷା ନିୟମର ଖିଲାପ କରୁଛନ୍ତି ସେମାନଙ୍କ ବିରୋଧରେ ଦେଶଦ୍ରୋହ ଦଫା ଲଗାଯାଇ ଗିରଫ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

# ଦୁଇ ଦିନିଆ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦଯାପିତ




ଭୁବନେଶ୍ୱର,୧।୧୧(ସମିସ): ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରର ବିକାଶ ତଥା ବୁଣାକାର ଓ ହସ୍ତଶିଳ୍ପୀଙ୍କ କଲ୍ୟାଣ ହିଁ ପ୍ରାଥମିକତା। ସେମାନଙ୍କୁ ଉନ୍ନତ ଉପକରଣ ପ୍ରଦାନ ଦ୍ୱାରା ସେମାନଙ୍କ ସମୟ, ଶକ୍ତି ଓ ଶ୍ରମ ହ୍ରାସ ହେବା ସହ ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ବୋଲି ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରାଳୟର ସଚିବ ନୀଲମ ଶମ୍ମି ରାଓ କହିଛନ୍ତି। ଭୁବନେଶ୍ୱର ତାଜ ଭିଭାନ୍ତା ହୋଟେଲଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସମ୍ମିଳନୀର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ଏହି କ୍ଷେତ୍ରର ବିକାଶ ପାଇଁ ମିଳିତ ପ୍ରୟାସ, କ୍ଲଷ୍ଟର-ଆଧାରିତ ଅଭିବୃଦ୍ଧି, ଉନ୍ନତ ଡିଜାଇନ୍, ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ଡିଜିଟାଲ୍ ମାର୍କେଟିଂକୁ ସେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରମ୍ପରିକ କୌଶଳ ସହ ନବସୃଜନର ମିଶ୍ରଣ କରି ସମୟ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ହସ୍ତତନ୍ତ ଏବଂ ହସ୍ତଶିଳ୍ପ କେବଳ ଗ୍ରାମୀଣ ଭାରତର ଆର୍ଥିକ ମେରୁଦଣ୍ଡ ନୁହେଁ ବରଂ ଦେଶର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟର ଜୀବନ୍ତ ପରିଚୟ। କାରିଗର ଓ ବୁଣାକାରଙ୍କ ସମ୍ମାନ ଏବଂ କଲ୍ୟାଣର ଆହ୍ୱାନ ଦେଇ ସେ ଭିତ୍ତିଭୂମି ବିକାଶ, କଞ୍ଚାମାଲ ଯୋଗାଣ ଶୃଙ୍ଖଳର ସୁଦୃଢ଼ୀକରଣ, ନୂତନ ଗୋଦାମ ନିର୍ମାଣ, ପ୍ରଶିକ୍ଷଣ, ସଂରକ୍ଷଣ ଏବଂ ବଜାର ସଂଯୋଗ ଉପରେ ଆଲୋକପାତ କରିଥିଲେ। ଏମ୍. ବୀଣା, ଉନ୍ନୟନ ଆୟୁକ୍ତ (ହସ୍ତତନ୍ତ) ଏବଂ ଅମୃତା ରାଜ, ଉନ୍ନୟନ ଆୟୁକ୍ତ (ହସ୍ତଶିଳ୍ପ) ଭାରତୀୟ ସାମଗ୍ରୀର ବିଶ୍ୱସ୍ତରୀୟ ବ୍ରାଣ୍ଡିଂକୁ ଅଧିକ ଧ୍ୟାନ ଦେବାକୁ କହିଥିବାବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ଗୁହା ପୁନମ ତାପସ କୁମାର ବୁଣାକାର ଏବଂ କାରିଗରଙ୍କ ମଙ୍ଗଳ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ବରୀ,୧।୧୧(ସମିସ): ବରୀ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଆଜି ଆମ୍ରକାନନ ସରକାରୀ ଶିକ୍ଷା ନିକେତନ ରଜତୋଟା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ଗେଡି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଶିଶିର କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷାଧିକାରିଣୀ ପ୍ରତିଶୃତି ସିଂ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାମଲ, ଅଲ୍ଲିପୁର ସରପଞ୍ଚ ମଧୁସ୍ମିତା ବେହେରା, ମଣ୍ଡଳ ସହ ଶିକ୍ଷାଧିକାରିଣୀ ସଂଯୁକ୍ତା ମିଶ୍ର ଯୋଗଦେଇଥିଲେ। ମଣ୍ଡଳ ସାଧନ କେନ୍ଦ୍ରର ସଂଯୋଜକ ଜଳଧର ଖଟୁଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବରୀ ବ୍ଲକର ସମସ୍ତ ସାଧନ କେନ୍ଦ୍ରରୁ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଏହି କାର୍ଯ୍ୟକ୍ରମରେ ଭାଗନେଇ ନିଜର କୃତିତ୍ୱ ପ୍ରତିପାଦନ କରିଥିଲେ। ସାଧନ କେନ୍ଦ୍ରର ସଂଯୋଜକ ଅଜୟ ସାମଲ, ଅଜୟ ମଲ୍ଲିକ, ସୁଦର୍ଶନ ପାଢ଼ୀ, ଜିତେନ୍ଦ୍ର ସାହୁ, ଅରୁଣ ଦାସ, ପ୍ରତାପ ସାହୁ, ପ୍ରସାନ୍ତ ତ୍ରିପାଠୀ, ଦେବବ୍ରତ ରାଉତ, ଅଭୟ ସେଠୀ, ଅନୁପମା ଦ୍ୱିବେଦୀ, ନର୍ମଦା ପ୍ରଧାନ, ଗାୟତ୍ରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଚକ୍ରଧର ମୁଦୁଲି ଅତିଥି ପରିଚୟ ପ୍ରଦାନ କରାଯାଇଥିବା ବେଳେ ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମାଞ୍ଚଳରେ ଯକ୍ଷ୍ମା ରୋଗ ଚିହ୍ନଟ ଅଭିଯାନ

କଯାଁଗୋଲା,୧।୧୧(ସମିସ): ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଅଭିଯାନ ଓ ଆୟୁଷମାନ ଆରୋଗ୍ୟ ଶିବିର ମାଧ୍ୟମରେ ଯକ୍ଷ୍ମା ରୋଗ ଚିହ୍ନଟ କାର୍ଯ୍ୟକ୍ରମ ବିରିପଟା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଞ୍ଝାରପୁର ବ୍ଲକ ଓ ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା, ନାରୀଗାଁ, ସୁନାପାଳ, ବରେଇ, ଚାରିବାଟିଆ, ରମ୍ଭିଳା, ଡିହକୁଳା, ଶାସନ, କଣିପାଳ, ଜାଫରପୁର ଆଦି ଗ୍ରାମରୁ ବହୁ ରୋଗୀଙ୍କ ଯକ୍ଷ୍ମା ପରୀକ୍ଷଣ କରାଯାଇଥିଲା। ଏହି ଶିବରକୁ ସିଏଚ୍‌ଓ ଲଳିତା ସାହୁ, ଏଏନଏମ୍ ସହ ବିଭିନ୍ନ ୱାର୍ଡରୁ ଆସିଥିବା ଆଶାଙ୍କ ଦ୍ୱାରା ପରିଚାଳନା କାର୍ଯ୍ୟ କରାଯାଇଥିଲା।

**ଯଖପୁରା** : ରାବଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ଆନୁକୂଲ୍ୟରେ ଏକ ଯକ୍ଷ୍ମା ରୋଗ ଚିହ୍ନଟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଡା. ରୁଦ୍ର ପ୍ରତାପ କର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଡା. ରଶ୍ମିତା ମଧ୍ୟ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ। ଶିବିରରେ ମାଣତୀରା ପଞ୍ଚାୟତ ସହିତ ରାବଣା, କେନ୍ଦୁଢ଼ିପ, ଦଶମାଣିଆ, ଟିକର, ମାରୁଟିକର,, ବରପାଳ, ଡାଖରାପଦା ଆଦି ଗ୍ରାମରୁ ଲୋକମାନେ ଆସି ନିଜର ଛାତି ଏକ୍ସ-ରେ ଯାଞ୍ଚ କରାଇଥିଲେ। ମୋଟ ୧୬୨ ଜଣ ରୋଗୀଙ୍କର ପରୀକ୍ଷା ହୋଇଥିଲା। ଏହି ଶିବିରରେ ପ୍ରଭା କେୟାର ହସ୍ପିଟାଲ (ମଧୁବନ, ସୁକିନ୍ଦା) ସହିତ ରାବଣା, ଦାନଗଦି ଓ କୋରେଇ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ଭାବେ ଯକ୍ଷ୍ମା ଚିହ୍ନଟ କରିଥିଲେ।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ‘ଦୁର୍ନୀତି ବିକାଶ ପଥରେ ଏକ ବଡ଼ ପ୍ରତିବନ୍ଧକ’

ଯାଜପୁର,୧।୧୧(ସମିସ)




ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ନୀତି ବିକାଶ ପଥରେ ଏକ ବଡ଼ ପ୍ରତିବନ୍ଧକ। ଦୁର୍ନୀତି ଦେଖିଲେ ଆମେ ସ୍ୱର ଉତ୍ତୋଳନ କରିବା, ଲାଞ୍ଚ ନେବା ନାହିଁ କି ଦେବା ନାହିଁ। ରାଜ୍ୟ ଓ ଦେଶର ପ୍ରଗତି ପାଇଁ ଦୁର୍ନୀତି ହେଉଛି ମୁଖ୍ୟ ଆହ୍ୱାନ ବୋଲି ସେ କହିଥିଲେ। ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରାଇଥିଲେ।

ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଜନସାଧାରଣଙ୍କ ମନରେ ଦୁର୍ନୀତି ବିରୋଧୀ ଚେତନା ସୃଷ୍ଟି କରିବା ଓ ସତ୍ୟନିଷ୍ଠା, ପାରଦର୍ଶିତା ଓ ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ପାଇଁ ଏ ଦିବସ ପାଳନ କରାଯାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ପ୍ରମୁଖ ଯୋଗଦେଇ ସମସ୍ତଙ୍କର ସହଯୋଗ ରହିଲେ ଜିଲ୍ଲାରୁ ଦୁର୍ନୀତି ରୂପକ ବ୍ୟାଧିକୁ ଦୂର କରାଯାଇପାରିବ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ "ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ'କୁ ନେଇ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଓ ଇଂରାଜୀ ବକ୍ତୃତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଶେଷରେ ଦୁର୍ନୀତି ନିବାରଣ ବିଭାଗ ଯାଜପୁରର ଆରକ୍ଷୀ ଅଧିକ୍ଷକ ସୁଶିଲ କୁମାର ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ପ୍ରଶାସନିକ ଅଧିକାରୀ ଗଣ, ଗଣମାଧ୍ୟମ ପ୍ରତିନିଧି, ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର ସୁଲୋଚନା ନାୟକ, ଏଏସ୍‌ଆଇ ଶ୍ରୀକାନ୍ତ ନାୟକ ସଭା ପରିଚାଳନାରେ ସହାୟତା କରିଥିଲେ। ସକାଳେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ନିମନ୍ତେ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସୁଭଦ୍ରା ଶକ୍ତିର ମହିଳାମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ୟୁନିଫାଏଡ୍ ଅଟୋମେସନ ସିଷ୍ଟମକୁ ବିରୋଧ



ଯାଜପୁର,୧।୧୧(ସମିସ): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଯାଜପୁର ତରଫରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ୟୁନିଫାଏଡ ଅଟେମେସନ ସିଷ୍ଟମ ବା ୟୁଏଏସ୍‌କୁ ବିରୋଧ କରି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତତସହିତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉଦ୍ଦେଶ୍ୟରେ ମଧ୍ୟ ଏକ ଦାବିପତ୍ର ଜିଲ୍ଲା ଶିକ୍ଷାଅଧିକାରୀଙ୍କ ମାଧ୍ୟମରେ ପ୍ରେରଣ କରାଯାଇଛି। ଜିଲ୍ଲା ଶିକ୍ଷାଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ସୁରମା ମହାପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ଉପସ୍ଥିତ ପ୍ରତିନିଧି ମଣ୍ଡଳୀ ୟୁଏଏସ୍ ପୋର୍ଟାଲକୁ ବିରୋଧ କରିବା ସହ ଏହାର ଅସୁବିଧା ସଂପର୍କରେ ଜୋର ଦେଇ ନିଜର ଦାବି ଜଣାଇଥିଲେ। ରାଜ୍ୟର ସମସ୍ତ ବିଦ୍ୟାଳୟ ଗୁଡିକରେ ଭିତ୍ତିଭୂମି ନଥିବା ବେଳେ ରାଜ୍ୟ ସରକାର ତରବରିଆ ଭାବେ ଏଭଳି ବ୍ୟବସ୍ଥା ଲାଗୁ କରିବା ଫଳରେ ଶିକ୍ଷକ ମାନେ ହଇରାଣ ହରକତ ହେଉଥିବା ଅଭିଯୋଗ କରିଥିଲେ। ଅଧିକାଂଶ ବିଦ୍ୟାଳୟରେ ଇଣ୍ଟରନେଟର ସୁବିଧା ନାହିଁ, ଜିଲ୍ଲାରେ ଅଧିକାଂଶ ଶିକ୍ଷକ ମୋବାଇଲରେ ଅଭିଜ୍ଞ ନୁହଁନ୍ତି, ଅଭିଜ୍ଞ ନହୋଇଥିବା କାରଣରୁ ଅନ୍ୟ ତୃତୀୟ ପକ୍ଷ ଦ୍ୱାରା ବ୍ୟକ୍ତିଗତ ତଥ୍ୟ ଚୋରି ହେବା ସହ ଆର୍ଥିକ ଠକାମୀର ଶିକାର ହେବାର ସମ୍ଭାବନା ବେଶି ରହିଛି। ଏ ଆପ୍‌କୁ ଚଲେଇବା ପାଇଁ କୌଣସି ବିଧିବଦ୍ଧ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇନାହିଁ। ରାଜ୍ୟସରକାରଙ୍କ ଦ୍ୱାରା ଏଥିପାଇଁ କୌଣସି ସ୍ୱତନ୍ତ୍ର ମୋବାଇଲ କିମ୍ବା ଟ୍ୟାବଲେଟ ଦିଆଯାଇନାହିଁ କିମ୍ବା କୌଣସି ଅତ୍ୟଧିକ ଦେୟ ମଧ୍ୟ ଦିଆଯାଉନାହିଁ। ଏହାପରେ ବି ଜିଲ୍ଲାରେ ଅନେକ ଅଞ୍ଚଳରେ ମୋବାଇଲରେ ସଠିକ ଭାବେ ନେଟୱର୍କ ଆସୁନାହିଁ, ଯାହା ଦ୍ୱାରା କି ସମସ୍ତ ଶିକ୍ଷକ ପ୍ରଭାବିତ ହେବେ ବୋଲି ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଥିଲେ। ଜିଲ୍ଲା ସଭାପତି ସୁନନ୍ଦ କୁମାର ରାଉତ ଓ ସମ୍ପାଦକ ପବିତ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଆଜିର ପ୍ରତିବାଦ ସଭାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ନିର୍ମଳ କୁମାର ଜେନା, ଜିଲ୍ଲା ଯୁଗ୍ମ ସମ୍ପାଦକ ରାଜକିଶୋର ପରିଡା, ସନ୍ତୋଷ କୁମାର ମିଶ୍ର, ମହିଳା ଯୁଗ୍ମ ସମ୍ପାଦିକା ମମତା ମିଶ୍ର, ବ୍ଲକ ସମ୍ପାଦକ ଦିବ୍ୟଲୋଚନ ମହାପାତ୍ର, ମୀନକେତନ ପୁହାଣ, ଦିଲ୍ଲୀପ କୁମାର ଦାସ, ଚିନ୍ମୟ ରଥ, ମାନସ ରଞ୍ଜନ ସ୍ୱାଇଁ, ମହମ୍ମଦ ଜୁନେଦ ଅକତାର, ନବକିଶୋର ପଣ୍ଡା, ରାଧାରମଣ ମହାରଣା, ଶୁଭ୍ରାଂଶୁ ନାୟକ, ପ୍ରଶାନ୍ତ ରାୟ ପ୍ରମୁଖ ଉପସ୍ଥିତ ରହିବା ସହ ୟୁଏଏସ୍‌ର ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

## ସାଇବର ନିରାପତ୍ତା ବକ୍ତୃତା ପ୍ରତିଯୋଗିତା



ଯାଜପୁର,୧।୧୧(ସମିସ): ଯାଜପୁର ଟାଉନ ସ୍ଥିତ ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ସାଇବର ନିରାପତ୍ତା ସଚେତନତା ବକ୍ତୃତା ପ୍ରତିଯୋଗିତା ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ବକ୍ତୃତା ଉତ୍ସବକୁ ମଣ୍ଡଳ ଶିକ୍ଷାଧିକାରୀ ଦେବିଲାଲ ମଲ୍ଲୀକ ଉଦ୍‌ଘାଟନ କରିଥିବା ବେଳେ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା, ମନୋଜ କୁମାର ଜେନା, ବରଦା ଭୂଷଣ ମହାପାତ୍ର, ଯାଜପୁର ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ତଥା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଓ ମ୍ୟୁନିସିପାଲ୍ ଆଞ୍ଚଳିକ ଶିକ୍ଷା କେନ୍ଦ୍ରର ଶିକ୍ଷା ସଂଯୋଜକ ତିମିର ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ମ୍ୟୁନିସିପାଲଟି ଓ ବ୍ଲକର ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବକ୍ତୃତାରେ ଶ୍ରୀୟା ମହାନ୍ତି (ଏନ୍‌ସି କଲେଜ) ପ୍ରଥମ, ସ୍ମୃତିପ୍ରଜ୍ଞା ଧଳ (ଲିସିୟମ ହାଇୟର ସେକେଣ୍ଡାରୀ)ର ଦ୍ୱିତୀୟ, ଲିପ୍ସା ପ୍ରିୟଦର୍ଶିନୀ ସାମନ୍ତ (କ୍ରାନିଅମ୍ ହାଇଅର୍ ସେକେଣ୍ଡାରୀ ମହାବିଦ୍ୟାଳୟର ଛାତ୍ରୀ) ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଇଂରାଜୀ ବକ୍ତୃତାରେ ସ୍ୱୟଂପ୍ରଭା ପତି (ବିରଜା ମହିଳା ମହାବିଦ୍ୟାଳୟ) ପ୍ରଥମ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାଶ (ଡିଏଭି ପବ୍ଲିକ ସ୍କୁଲ) ଦ୍ୱିତୀୟ ଓ ସାଇ ଶିବମ ସ୍ୱାଇଁ (ଓଡିଶା ଆଦର୍ଶ ବିଦ୍ୟାଳୟ, ଜମ୍‌ଧର) ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଦିଲ୍ଲୀପ କୁମାର ପ୍ରଧାନ ଓ ଲକ୍ଷ୍ମୀପ୍ରିୟା ରାଉତ ରାୟ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ବିଚାରକ ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର ମହାପାତ୍ର,ଅବସର ପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ କୁଳମଣି ବେହେରା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ମିଶ୍ର ଓ ପ୍ରଭାତ ରଂଜନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ଥାନାନ୍ତର ହେଲା ବରୀ ପ୍ରାଣୀ ଚିକିତ୍ସାଳୟ

**‘ସକାଳ’ ପ୍ରଭାବ**

ବରୀ,୧।୧୧(ସମିସ): ଦୀର୍ଘ ଦିନର ଦାବିର ଫଳ ସ୍ୱରୂପ ସ୍ଥାନାନ୍ତର ହେଲା ବରୀ ପ୍ରାଣୀ ଚିକିତ୍ସାଳୟ ଗୃହ। ସରକାରି ଅର୍ଥ ମଞ୍ଜୁର ହୋଇ ଦୀର୍ଘ ବର୍ଷ ହେଲା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଏହା ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା। ସରକାରୀ ଉଦାସୀନତା କାରଣରୁ ବରୀ ମୁଖ୍ୟ ବଜାର ଉପରେ ଚାଲୁଥିବା ଚିକିତ୍ସାଳୟ ସ୍ଥାନାନ୍ତର ହୋଇ ପାରୁ ନଥିଲା। ଏ ବିଷୟରେ ଗତ ସେପ୍ଟେମ୍ବର ୧୯ ତାରିଖ "ସକାଳ'ରେ ସ୍ଥାନାନ୍ତର ପାଇଁ ଦାବି ସଂପର୍କିତ ବିସ୍ତୃତ ଖବର ପ୍ରକାଶିତ ହୋଇଥିଲା। ଯାହାର ଫଳ ସ୍ୱରୂପ ଏହା ଏବେ ନୂତନ ଗୃହରେ କାର୍ଯ୍ୟାରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଅଞ୍ଚଳ ବାସିନ୍ଦାଙ୍କ ପକ୍ଷରୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଓ ବ୍ଲକ ପଶୁ ଚିକିତ୍ସା ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## କୋରେଇରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ



କୋରେଇ,୧।୧୧(ସମିସ): କୋରେଇ ବ୍ଲକରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ସ୍ଥାନୀୟ ବିଧାୟକ ଆକାଶ ଦାସନାୟକ ଅତିଥି ଭାବେ ଯୋଗଦେଇ ସରସଦାଗଡ଼ା ନିକଟରେ ବରୁଣ୍ଡେଇଠାରୁ ବନ୍ଧାଳୋ, ସରସଦାଠାରୁ ବନ୍ଧାଳ, ଖିରୋ ଠାରୁ ସରସଦା, ବେଲଗଡିଆ ଠାରୁ ଧନତ୍ରୀ, ୩ଏ ଏମ୍ବାକ୍‌ମେଣ୍ଟ ଠାରୁ ଷଠିପୁର, ବୈତରଣୀ ଆରଆଣ୍ଡବି ରାସ୍ତା ଭାୟା ରାଣିଗୋଡ଼ା ରାସ୍ତାର ଶିଳାନ୍ୟାସ କରିଥିଲେ।

ଏହିସବୁ ରାସ୍ତାର ଉନ୍ନତିକରଣ ନିମନ୍ତେ ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ୩୭ କୋଟି ଟଙ୍କାର ଅର୍ଥ ବରାଦ ହୋଇଛି। ଏହି ରାସ୍ତାର ଉନ୍ନତିକରଣ ହେବା ଦ୍ୱାରା କରଦା, ମୁଳାପାଳ, ବନ୍ଧାଳ ଓ ଅମୃତିଆ ଆଦି ଗ୍ରାମପଞ୍ଚାୟତର ଗମନାଗମନ ସୁଦୃଢ଼ୀକରଣ ହୋଇପାରିବ।

ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ସମସ୍ତ ପଦାଧିକାରୀଙ୍କ ସମେତ ରାଜକିଶୋର ବେହେରା, ସଞ୍ଜିବ କୁମାର ନାୟକ, ବିଦ୍ୟାଧର ସାହୁ, ବିମ୍ବାଧର ସାହୁ, ପ୍ରତାପ ମଲ୍ଲିକ, ଅଶୋକ ନାୟକ, ରାଧାକାନ୍ତ ବେହେରା, ପରମାନନ୍ଦ ଦତ, ପ୍ରୀତିରଞ୍ଜନ ସାହୁ, ଗଗନ ନାୟକ, ଶରତ ଚନ୍ଦ୍ର ଜେନା, ରାଜକିଶୋର ସାହୁ, ପପୁ ପଣ୍ଡା, ପ୍ରକାଶ ଧଳ, ସରପଞ୍ଚ ବିଷ୍ଣୁଚରଣ ରଥ, ପ୍ରକାଶ ସାହୁ, ଉଦୟ ପରିଡା, ସମିତିସଭ୍ୟ ରଶ୍ମୀରଞ୍ଜନ ପରିଡା, ଜୟନ୍ତୀ ସାହୁ, ବରୁଣ୍ଡେଇ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ବ୍ରାହ୍ମଣୀ ମଣ୍ଡଳ ସଭାପତି ରାକେଶ ଜେନା, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ଦୀପ୍ତିମୟୀ କୁଅଁରଙ୍କ ସମେତ ବହୁ ପଞ୍ଚାୟତ ସ୍ତରୀୟ କର୍ମୀ ଉପସ୍ଥିତ ଥିଲେ।

## କାଳିଆପାଣି ଓଏମ୍‌ସି ଖଣିରେ ପୁନଃ ନିଯୁକ୍ତି ନେଇ ଧାରଣା




କାଳିଆପାଣ,୧।୧୧(ସମିସ)

କାଳିଆପାଣି ଓଏମ୍‌ସି ଡି କ୍ୱାରି ଖଣିରେ ପୁନଃ ନିଯୁକ୍ତି ନେଇ ସୁକିନ୍ଦା ରିଜିୟନ କ୍ରୋମାଇଟ ମଜଦୁର ସଂଘ ଆଜି ଦ୍ୱିତୀୟ ଦିନରେ ଖଣି ଫାଟକ ସମ୍ମୁଖରେ ଆନ୍ଦୋଳନ କରିଛି। ସଂଘର ଅଭିଯୋଗ ହେଉଛି, ପୁନଃ ନିଯୁକ୍ତି ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଗୋଟିଏ ଶ୍ରମିକ ସଂଘକୁ ଗୁରୁତ୍ୱ ଦିଆଯାଇ ଅନ୍ୟ ସଂଘମାନଙ୍କୁ ଅଣଦେଖା କରାଯାଉଛି। ସୂଚନା ଅନୁଯାୟୀ, ଖଣି ପୁନଃ ଖୋଲିବା ଓ ପୁନଃ ନିଯୁକ୍ତି ପ୍ରକ୍ରିୟା ନେଇ ଦୁଇଟି ଭିନ୍ନ ଶ୍ରମିକ ସଂଘ ପୃଥକ୍ ପୃଥକ୍ ଭାବେ ଓ ଏମ୍‌ସି କର୍ତ୍ତୃପକ୍ଷ ଓ କେସିସିଏଲ୍ କମ୍ପାନୀକୁ ଦାବିପତ୍ର ଦେଇଥିଲେ। ଦୀର୍ଘ ଦୁଇ ମାସ ଅପେକ୍ଷା ପରେ ଗତ ଚାରି ଦିନ ତଳେ ଭୂମିପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଏହି ସମୟରେ ଦୁଇଟି ସଂଘ ନିଜ ନିଜ ସମର୍ଥିତ କର୍ମଚାରୀଙ୍କ ତାଲିକା କମ୍ପାନୀକୁ ଦେଇଥିଲେ। ରିଜିୟନ ସଂଘର ଦାବି ହେଉଛି ମୋଟ ୨୫୬ ଜଣ ପୂର୍ବତନ କର୍ମଚାରୀଙ୍କୁ ପ୍ରଥମେ ପୁନଃ ନିଯୁକ୍ତି ଦିଆଯିବ, ତାପରେ ଅନ୍ୟ ଶ୍ରମିକମାନଙ୍କୁ ପରବର୍ତ୍ତୀ ଚରଣରେ ନିଯୁକ୍ତି ଦିଆଯାଉ। କିନ୍ତୁ ସଂଘର ଅଭିଯୋଗ ଅନୁଯାୟୀ, ଏହି ନିୟମକୁ ଅବହେଳା କରି ନିର୍ଦ୍ଦିଷ୍ଟ ଗୋଟିଏ ସଂଘକୁ ଗୁରୁତ୍ୱ ଦେଇ ନିଯୁକ୍ତି ପ୍ରକ୍ରିୟା ଚାଲିଛି।

ଏହି ଅନ୍ୟାୟ ପ୍ରତିବାଦରେ ରିଜିୟନ ସଂଘ ସଦସ୍ୟମାନେ ସାମୂହିକ ସ୍ୱାର୍ଥର ସୁରକ୍ଷା ଦାବି କରି ଧାରଣାରେ ବସିଛନ୍ତି। ରିଜିୟନ ସଂଘର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ଉପସଭାପତି ପ୍ରଭାତ ପ୍ରଧାନ, ନିମଳେନ୍ଦୁ ବେହୁରା, ବୈକୁଣ୍ଠ ମହାନ୍ତ, ଦଶରଥ ମହାନ୍ତ, ସୁଶାନ୍ତ ପ୍ରଧାନ, ଆଶିଷ କୁମାର ଜେନା, ସଞ୍ଜୟ କୁମାର ମହାନ୍ତ, ବିଭୁତି ପ୍ରଧାନ, ବିଜୟ କୁମାର ପରିଡ଼ା, ହିମାଂଶୁ ଶେଖର ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। ଖଣି ପରିସରରେ ପରିସ୍ଥିତି ସାମାନ୍ୟ ତୀବ୍ର ହୋଇଥିବା ବେଳେ, ସ୍ଥାନୀୟ ପ୍ରଶାସନ ଓ କମ୍ପାନୀ ପକ୍ଷରୁ ସମସ୍ୟା ସମାଧାନ ପାଇଁ ଅଦ୍ୟାବଧି ଆଲୋଚନା ହୋଇନାହିଁ।



# ପଞ୍ଚଭୂତରେ ଲୀନ ହେଲା ଯବାନଙ୍କ ପାର୍ଥିବ ଶରୀର

## ଶ୍ରଦ୍ଧାଞ୍ଜଳି ଜଣାଇଲେ ଜିଲ୍ଲାପାଳ, ଏସ୍‌ପି, ବିଧାୟିକା

ଯାଜପୁର/ଦଶରଥପୁର,୧।୧୧(ସମିସ):



ପଞ୍ଚଭୂତରେ ଲୀନ ହୋଇଛି ଓଡ଼ିଆ ଯବାନଙ୍କ ମରଶରୀର। ବିହାର ରେଜିମେଣ୍ଟର ଜାମ୍ମୁ ଜିଲ୍ଲାର ଅଖନୁର ସେକ୍ଟର ସେନା କ୍ୟାମ୍ପରେ କାର୍ଯ୍ୟରତ ଓଡ଼ିଆ ଯବାନ ଚିତ୍ତରଞ୍ଜନ ଦାସଙ୍କ ପାର୍ଥିବ ଶରୀର ନିଜ ଜନ୍ମମାଟି ଦଶରଥପୁର ବ୍ଲକ ଖଣ୍ଡରା ଗ୍ରାମରେ ପହଞ୍ଚିବା ପରେ ଆଜି ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସଂପନ୍ନ କରାଯାଇଛି। ଗତକାଲି ରାତ୍ରୀରେ ଯାଜପୁର ମେଡିକାଲ ପରିସରରେ ସହିଦଙ୍କ ମରଶରୀରକୁ ରଖାଯାଇଥିଲା। ଆଜି ସକାଳେ ଚିତ୍ତରଞ୍ଜନଙ୍କ ପାର୍ଥୀବ ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଯାଜପୁର ସହର ଅତିକ୍ରମ କରି ଖଣ୍ଡରା ଗ୍ରାମକୁ ନିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଅମ୍ବର କୁମାର କର, ଏସ୍‌ପି ଯସ୍ ପ୍ରତାପ ଶ୍ରୀମଲ, ଯାଜପୁର ବିଧାୟିକା ସୁଜାତା ସାହୁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମୀରଞ୍ଜନ ମଲ୍ଲିକ, ଯାଜପୁର ଟାଉନ ଥାନାଧିକାରୀ ଶରତ ପାତ୍ର, ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ଯୁବ ସମାଜସେବୀ ଶିବାନନ୍ଦ ମିଶ୍ର, ବିଜୁ ରାଉତ, ପ୍ରାକ୍ତନ ଦଶରଥପୁର ବ୍ଲକ ଅଧ୍ୟକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ, ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ସମିତିସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ଯୁବ ବିଜେପି ନେତା ସଂଗ୍ରାମ ପାତ୍ର, ଆଶୁତୋଷ ସାହୁ, ଗୌତମ ସାହୁ, ସମାଜସେବୀ ଶକ୍ତିପ୍ରସାଦ ସ୍ୱାଇଁ, ଅନାଦି ପଣ୍ଡା, ମୁକ୍ତିପ୍ରସାଦ ସ୍ୱାଇଁ, ଅନୁପ ବିହାରା, ଦିଲ୍ଲୀପ ବିହାରା, ନୀଳମଣି ପାଣିଗ୍ରାହୀ, କରୁଣାକର ଦାସ, ଅଜୟ ମୁଦୁଲି, ଶିକ୍ଷାବିତ ଦେବ ଦିବାକର ବିହାରାଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବାପା ରବୀନ୍ଦ୍ର, ପତ୍ନୀ ଚମ୍ପାବତି ଏକ ମାତ୍ର କୁନି ଝିଅ ଓ ପରିବାର ସଦସ୍ୟ, ସଂପର୍କୀୟ ଉପସ୍ଥିତ ଥିଲେ। ଗାଁ ମଶାଣିରେ ଭାରତୀୟ ସେନା ବିହାର ରେଜିମେଣ୍ଟର ଟେରିଟୋରିଆଲ ଆର୍ମିର ଯବାନମାନଙ୍କ ଦ୍ୱାରା ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ଏହା ପରେ ପୁତୁରା ମୁଖାଗ୍ନି ଦେଇଥିଲେ। ସେନାବାହିନୀ ତରଫରୁ ବାପା ରବୀନ୍ଦ୍ରଙ୍କୁ ଜାତୀୟ ପତାକା ହସ୍ତାନ୍ତର କରାଯାଇଥିଲା।

■ ଅନାହାରରେ ରିଶା ମାଙ୍କେଡିଆ ମୃତ୍ୟୁ ଘଟଣା

# ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ ଟିମ୍



ଯାଜପୁର/ଦାନଗଦି,୧।୧୧(ସମିସ): ସୁକିନ୍ଦା ବ୍ଲକ ରାଁସୋଲ ପଞ୍ଚାୟତ ମହ୍ଲାରସାହିର ରିଶା ମାଙ୍କେଡିଆଙ୍କ ଅନାହାର ମୃତ୍ୟୁ ଘଟଣାକୁ ନେଇ ଆଜି କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି। ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମାନେ ସୁକିନ୍ଦା ସମେତ ସାରା ରାଜ୍ୟରେ ଆଦିବାସୀ ଓ ହରିଜନମାନେ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିବା ସହିତ କେୱାଇସି ନାଁରେ ହିତାଧିକାରୀଙ୍କୁ ହଇରାଣ ହରକତ କରାଯାଉଥିବା ଅଭିଯୋଗ କରିଥିଲେ। ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ. ସୃଜନ ସଂଗଠନ ଉପସଭାପତି ସୁଧାଂଶୁ ଶେଖର ଦେଓ, ଜିଲ୍ଲା ସଭାପତି ମାଗୁଣି ଯେନା, ହିମାଂଶୁ ଲେଙ୍କା, ପୂର୍ବତନ ଜିଲ୍ଲା ସଭାପତି ମନୋଜ ରାଉତ, ସୁକିନ୍ଦା ନେତା ଇଂ. ବିଭୂ ଭୂଷଣ ରାଉତ, ବରିଷ୍ଠ ନେତା ମହେନ୍ଦ୍ର ଦାସ, ରଞ୍ଜିତ ରାଜ, ଦୟାନିଧି ପଲେଇ. ଉମାକାନ୍ତ ଜେନାମଣୀ, ଜନ୍ମଜୟ ବଳସାମନ୍ତ, ମଧୁସ୍ମିତା ଆଚାର୍ଯ୍ୟ, ସ୍ୱର୍ଣ୍ଣଲତା ବାନାରା, ଝରଣା ମହାନ୍ତ, ମଦନ ମୋହନ ଖୁଣ୍ଟିଆ, ହିନ୍ଦୁ ଜାମୁଦା ପ୍ରମୁଖ ସାମିଲ ହୋଇଥିଲେ।

● କାଳୀ ମେଢ଼ ଭସାଣିକୁ ନେଇ ମାଡ଼ପିଟ ଘଟଣା

# ସୁଆଁଲୋ ଗାଁର ଆଉ ୧୪ ଗିରଫ



ଦାନଗଦି,୧।୧୧(ସମିସ): ଯାଜପୁର ରୋଡ଼ ଥାନା ଧୂଳିଗଡ଼ ପଞ୍ଚାୟତ ସୁଆଁଲୋ ଗାଁରେ ଗତ ରବିବାର ରାତିରେ ସୁଆଁଲୋ ହରିଜନ ସାହିରେ କାଳୀ ମେଢ଼ ଭସାଣିକୁ ନେଇ ମୁଣ୍ଡା ସାହି ପିଲାମାନେ ହରିଜନ ସାହିର ପିଲାମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୁଲିସ ପୂର୍ବରୁ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଆଜି ପୁଣି ୧୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମଙ୍ଗଲ ମୁଣ୍ଡା (୨୦), ଜଗବନ୍ଧୁ ମୁଣ୍ଡା (୧୯) ଓ ଶ୍ୟାମ ମୁଣ୍ଡା (୨୦), ଅଜୟ ମୁଣ୍ଡା (୨୫), ପୂର୍ଣ୍ଣଚନ୍ଦ୍ର ମୁଣ୍ଡା (୧୯), ମହେଶ୍ୱର ମୁଣ୍ଡା (୧୯), ସଞ୍ଜୟ ମୁଣ୍ଡା (୧୯), ଖୁର୍ଶୀ ମୁଣ୍ଡା (୧୯), କାଳନ୍ଦୀ ମୁଣ୍ଡା (୨୩), ପାପୁନ ମୁଣ୍ଡା (୨୩), ଅଧିକାରୀ ମୁଣ୍ଡା (୨୩), ସନିଆ ମୁଣ୍ଡା (୨୮), ବାଦଲ ମୁଣ୍ଡା (୨୮), ପ୍ରଶାନ୍ତ ମୁଣ୍ଡା (୧୮)। ସମସ୍ତଙ୍କ ଘର ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ସୁଆଁଲୋ ଗ୍ରାମରେ। ପୁଲିସ କେସ୍ ନମ୍ବର ୬୩୬/୨୦୨୫ରେ ମାମଲା ରୁଜୁ କରି ଆଜି ସମସ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ସେହିଁ ସୁଆଁଲୋ ଗ୍ରାମରୁ ୩ ଜଣ ଗିରଫ ହୋଇଥିଲେ। ସେମାନେ ହେଲେ ସୁଆଁଲୋ ଗାଁର ଜଗା ମୁଣ୍ଡା (୩୨), ରଞ୍ଜନ ରାଉତ (୨୪) ଏବଂ ଅଜୟ ମୁଣ୍ଡା। ତେବେ ଘଟଣାରେ ଆଜି ସୁଦ୍ଧା ମୋଟ ଘଟଣାରେ ୧୭ ଜଣଙ୍କୁ ପୁଲିସ ଗିରଫ କରିଛି।

# ଛାତ୍ର ମୃତ୍ୟୁକୁ ନେଇ ଉତ୍ତେଜନା

ଶଙ୍ଖଚିଲା,୧।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଛୋଟରାୟପୁର ସ୍ଥିତ ଏକ ଘରୋଇ ଯୁକ୍ତ ୨ ବିଜ୍ଞାନ ଆବାସିକ ଉଚ୍ଚ ମାଧମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କର ମୃତ୍ୟୁ ହୋଇଯାଇଛି। ମୃତ ଛାତ୍ର ଜଣକ ହେଉଛନ୍ତି ଯାଜପୁରରୋଡ଼ ଥାନା କେନ୍ଦୁଡିପି ଗ୍ରାମର ବିଜୟ କୁମାର ପାଳଙ୍କ ପୁଅ ଆଶିଷ। ଗତକାଲି ଅପରାହ୍ନରୁ ଆଶିଷ କ୍ଲାସକୁ ଆସିନଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଏନେଇ ସନ୍ଦେହ ଉପୁଜିବାରୁ ରାତିରେ ଖୋଜାଖୋଜି କରିଥିଲେ। ପରେ ତାଙ୍କ ହଷ୍ଟେଲ୍‌ରେ ଖୋଜାଖୋଜି କରିବା ପରେ ହଷ୍ଟେଲ୍ ବାଥ୍‌ରୁମ୍‌ରେ କବାଟ ଭିତରୁ ବନ୍ଦ କରି ଆଶିଷ ରହିଥିବାର ସେ ଜାଣିବାକୁ ପାଇଥିଲେ। ପରେ କବାଟ ଭାଙ୍ଗିବା ପରେ ଆଶିଷ ଏକ ଗାମୁଛାରେ ବାଥ୍‌ରୁମ୍ ଭିତରେ ଝୁଲୁଥିବାର ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ୍ ମେଡିକାଲ୍‌କୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତାଙ୍କ ପରିବାର ଲୋକ କଲେଜରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ କଲେଜରେ ଭଙ୍ଗାରୁଜା କରିବା ସହିତ ନ୍ୟାୟ ପାଇଁ କଲେଜ ଆଗରେ ବିକ୍ଷୋଭ କରିଥିଲେ। ଖବର ପାଇ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁଙ୍କ ସମେତ ବହୁ ପୁଲିସ କର୍ମୀ କଲେଜରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ। ମୃତ ଛାତ୍ରଙ୍କ ପରିବାର ପକ୍ଷରୁ ପାଠରେ ଅଧିକ ଚାପ ଦିଆଯାଇ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଥିବା ବେଳେ ଗତ କିଛି ଦିନ ଧରି ଛାତ୍ର ଜଣକ ବିଚଳିତ ଥିବା ତାର କେତେକ ସାଙ୍ଗ ମତ ଦେଇଛନ୍ତି। ସେହିପରି କଲେଜ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି ସଫେଇ ଦେଇଛନ୍ତି। ଏନେଇ ପାଣିକୋଇଲି ପୁଲିସ ୩୫୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହିତ ମୃତ ଆଶିଷଙ୍କ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନାବାଳିକା ଅପହରଣ, ଥାନାରେ ମାମଲା ରୁଜୁ

ପାଣିକୋଇଲି,୧।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ କରଦା ଗ୍ରାମର ଜୈନିକ ନାବାଳିକା(୧୬) ନିଜ ଘରେ ଶୋଇଥିବା ବେଳେ ଗତ ୧୧ ତାରିଖ ବିଳମ୍ବିତ ରାତିରେ ସଦରଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର କୁଶ ମହାଳିକ(୫୫) ଓ ତାଙ୍କ ବଡ଼ ପୁଅ ଭଗବାନ ମହାଳିକ (୨୫) ଏକ ବାଇକ୍ ଯୋଗେ ଆସି ନାବାଳିକାଙ୍କ ଘରୁ ଉଠାଇ ନେଇଥିଲେ। ଏ ଘଟଣାକୁ ନାବାଳିକାଙ୍କ ଜେଜେ ଦେଖି ପାଟି କରିବାରୁ ପରିବାର ଲୋକେ ଉଠି ଖୋଜା ଖୋଜି କରିବା ସହିତ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ସେତେବେଳକୁ ସେମାନେ ନାବାଳିକାକୁ ନେଇ ସେଠାରୁ ଡ଼େରାର ହୋଇ ସାରିଥିଲେ। ଏନେଇ ନାବାଳିକାଙ୍କ ଜେଜେ ପରଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ଏକ ମାମଲା ୩୨୯/୨୫ ରୁଜୁ କରି ହାତ ବାନ୍ଧି ବସିଛି। ଅପହରଣକୁ ୨୦ ଦିନ ବିତି ଯାଇଥିଲେ ମଧ ପୁଲିସ ଅପହାରଣକାରୀଙ୍କ ନିକଟରେ ପହଞ୍ଚି ପାରିନାହିଁ କି ନାବାଳିକାଙ୍କୁ ଉଦ୍ଧାର କରିବାରେ ସାମର୍ଥ୍ୟ ହୋଇନାହିଁ। ଯାହାକୁ ନେଇ ନାବାଳିକା ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏପଟେ ଝିଅ ଅପହରଣକୁ ନେଇ ପୂରା ପରିବାର ଘୋର ମାନସିକ ଅବସାଦରେ ଥିବା ଜଣାପଡିଛି।

# ପେନସନ୍ ଭୋଗୀଙ୍କ ସଚେତନତା କାର୍ଯ୍ୟକ୍ରମ

ବିଞ୍ଝାରପୁର, ୧।୧୧(ସମିସ): ବିଞ୍ଝାରପୁର ବ୍ଲକସ୍ଥିତ ଆଲରପୁର ଉପକୋଷାଗାର ଠାରେ ପେନସନ୍‌ଭୋଗୀମାନଙ୍କ ଏକ ସଚେତନତା କାର୍ଯ୍ୟକ୍ରମ ଉପକୋଷାଗାର ଅଧିକାରୀ ଅଶୋକ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଞ୍ଝାରପୁର ବିଡିଓ ହିତାଂଶୁ ସାମଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କୋଷାଗାର ଅଧିକାରୀ ଦୀପ୍ତିମାନ ପାତ୍ର, ଅନ୍ୟତମ ଅତିଥିଭାବେ ଶିକ୍ଷାବିତ ବିଜୟ କୁମାର ନାୟକ, ରବିନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ କେନ୍ଦ୍ର ଏବଂ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ନଭେମ୍ବର ଶେଷ ସୁଦ୍ଧା ସେମାନଙ୍କର ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ କରିବାକୁ ପଡିବ କୁହାଯାଇଛି।

# ବାଲି ହାଇୱା ଜବତ

ପାଣିକୋଇଲି,୧।୧୧(ସମିସ): ଯାଜପୁର ଖଣି ବିଭାଗ ପକ୍ଷରୁ ବେଆଇନ ବାଲି ଚାଲାଣ ଉପରେ ଚଡାଉ କରାଯାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ରୁଢିଆ ଠାରେ ଏକ ବାଲି ହାଇୱାକୁ ଯାଞ୍ଚ କରାଯିବାରୁ ତା' ନିକଟରୁ ଖଣି ବିଭାଗ କୌଣସି କାଗଜପତ୍ର ପାଇନଥିଲା। ପରେ ଉକ୍ତ ହାଇୱାଟକୁ ଜବତ କରି ପାଣିକୋଇଲି ପୁଲିସକୁ ହସ୍ତାନ୍ତର କରିଛି।

# ବଳାତ୍କାର ଅଭିଯୋଗରେ ଯୁବକ କୋର୍ଟଚାଲାଣ

ପାଣିକୋଇଲି,୧।୧୧(ସମିସ): ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ମନା କରିବା ଅଭିଯୋଗରେ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି ପାଣିକୋଇଲି ପୁଲିସ। ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ଗ୍ରାମର ଜୈନେକା ଯୁବତୀ(୨୬) ପାଣିକୋଇଲିସ୍ଥିତ ଏକ ଗାଡ଼ି ସୋ'ରୁମରେ କାର୍ଯ୍ୟ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ। ତେବେ ଉକ୍ତ ସୋ'ରୁମରେ କୁଆଖିଆ ଥାନା ଅନ୍ତର୍ଗତ ସିଂହାପୁର ଗ୍ରାମର ଅଭିରାମ ଦାସଙ୍କ ପୁଅ ଅବିନାଶ(୨୭) ମଧ କାର୍ଯ୍ୟ କରୁଥିଲେ। ଇତ୍ୟବସରରେ ଅବିନାଶ ଅଭିଯୋଗକାରିଣୀ ମଧ୍ୟରେ ପ୍ରେମ ସମ୍ପର୍କ ହୋଇଥିଲା। ଅବିନାଶ ଉକ୍ତ ଯୁବତୀଙ୍କୁ ପୁରୀ, ଭୁବନେଶ୍ୱର, ଯାଜପୁର ରୋଡ଼ ଆଦି ସ୍ଥାନକୁ ନେଇ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ତେବେ ଯୁବତୀ ଜଣକ ଗର୍ଭବତୀ ହେବା ପରେ ବିବାହ ପାଇଁ ଜିଦ୍ ଧରିବାରୁ ଅବିନାଶ ବିବାହ ପାଇଁ ପ୍ରତ୍ୟାଖ୍ୟାନ କରିଥିଲା। ଏ ନେଇ ଯୁବତୀ ଜଣକ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ ମଧ କରିଥିଲେ। ପରେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଫେରିବା ପରେ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ୩୫୨/୨୫ ରୁଜୁ କରି ଅଭିଯୁକ୍ତ ଅବିନାଶକୁ ଗିରଫ କରି କୋର୍ଟଚାଲାଣ କରିଛି।

# କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ସରପଞ୍ଚ

ଧର୍ମଶାଳା,୧।୧୧(ସମିସ): ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ଅବହେଳା ଯୋଗୁ ଆଗେଇ ପାରୁନଥିବା ଅଭିଯୋଗ ହୋଇଛି। ଏନେଇ କାଏମା ପଞ୍ଚାୟତର ସରପଞ୍ଚ କୁମୁଦୁନୀ ମହାନ୍ତି ଲିଖିତ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ସୂଚନା ମୁତାବକ କାଏମା ପଞ୍ଚାୟତରେ ବ୍ଲକ ପକ୍ଷରୁ କରାଯାଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ନିୟୋଜିତ ବ୍ଲକର କନିଷ୍ଠ ଯନ୍ତ୍ରୀ କେବେହେଲେ କାଏମା ପଞ୍ଚାୟତକୁ ଆସିନଥିବା ବେଳେ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହୋଇପାରିବ ସେ ନେଇ ସରପଞ୍ଚଙ୍କ ସହିତ କେବେ ଆଲୋଚନା କରିନଥିବା ଖୋଦ ସରପଞ୍ଚ ଅଭିଯୋଗ କରିଛନ୍ତି। ସେହିପରି ପଞ୍ଚାୟତର ଜିଆର୍‌ଏସ ପବିତ୍ରମୋହନ ମହାପାତ୍ର ମଧ କୌଣସି କାର୍ଯ୍ୟରେ ସରପଞ୍ଚଙ୍କୁ ସହଯୋଗ କରୁ ନହାନ୍ତି। ବ୍ଲକର କନିଷ୍ଠ ଯନ୍ତ୍ରୀ ଓ ଜିଆର୍‌ଏସ କେବଳ ସରକାରୀ ସଭାସମିତିରେ ଦେଖାଦେଉଥିବା ବେଳେ ପଞ୍ଚାୟତର ଗରିବ, ଅସହାୟ, ଦିନମଜୁରିଆଙ୍କ କଥା ଶୁଣିବାକୁ ସେମାନଙ୍କ ପାଖରେ ସମୟ ରହୁନାହିଁ ବୋଲି ଅଭିଯୋଗ ହୋଇଛି। ତେଣୁ ଏହି ଘଟଣାର ତଦନ୍ତ କରାଇ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯେଗ କରିଛନ୍ତି।

● ସୁଝିପାରିଲେନି ଋଣ ଟଙ୍କା

# ମାର୍କେଟ କମ୍ପ୍ଲେକ୍ସ ସିଲ୍ କଲା ଏସ୍‌ବିଆଇ

ଧର୍ମଶାଳା,୧।୧୧(ସମିସ): ବ୍ୟାଙ୍କରୁ ଲୋନ କରି ସଠିକ ସମୟରେ ନ ଶୁଝିବା ହେଲା କାଳ। ଏଭଳି ଅବସ୍ଥାର ସମ୍ମୁଖିନ ହୋଇଛନ୍ତି ଧର୍ମଶାଳା ଥାନା କାନପୁର ଅଞ୍ଚଳର ଜଣେ ବ୍ୟକ୍ତି। ସୂଚନା ମୁତାବକ କାନପୁର ଗ୍ରାମର ରଞ୍ଜିତ ଜେନା ବହୁ ବର୍ଷ ତଳେ ଏସ୍‌ବିଆଇରୁ ଋଣ ଆଣି ନକପୋଲ ବଜରରେ ଏକ ବଡ଼ ମାର୍କେଟକରିଥିଲେ। ହେଲେ ସେ ଋଣ ପରିଶୋଧ କରି ପାରିନଥିଲେ। ଋଣ ଟଙ୍କା ପରିଷୋଧ କରିବାକୁ ଶ୍ରୀ ଜେନାଙ୍କୁ ଏସ୍‌ବିଆଇ ତରଫରୁ ବହୁବାର ନୋଟିସ୍ ଜାରି ହୋଇଥିଲେ ହେଁ ସେ ଋଣ ପରିଶୋଧ କରିବାକୁ ଅସମର୍ଥ ହୋଇଥିଲେ। ଯାହା ଫଳରେ ଆଜି ଭୁବନେଶ୍ୱର ଏସ୍‌ବିଆଇ ପକ୍ଷରୁ ଏକ ଟିମ୍, ଧର୍ମଶାଳା ପୁଲିସ ଓ ଧର୍ମଶାଳ ଅତିରିକ୍ତ ତହସିଲଦାର ଭବେଷ କୁମାର ମାଝୀ ସେଠାରେ ପହଞ୍ଚି ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ କରିବା ସହିତ ନିଜ ଅକ୍ତିଆରକୁ ନେଇଥିବା ଜଣାପଡିଛି।

# ଟାଟା ରେଳ ପ୍ରକଳ୍ପକୁ ଚାଷୀଙ୍କ ପକ୍ଷରୁ ବିରୋଧ



ସୁକିନ୍ଦା,୧।୧୧(ସମିସ): ଟାଟା ପ୍ରକଳ୍ପକୁ ରେଳପଥ ସଂଯୋଗୀକରଣକୁ ସୁକିନ୍ଦା ଅଞ୍ଚଳ ଚାଷୀ ବିରୋଧ କରୁଥିବା ଦେଖିବାକୁ ମିଳିଛି। ଶନିବାର ସୁକିନ୍ଦା ତହସିଲ କାର୍ଯ୍ୟାଳୟରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଉପସ୍ଥିତି ଚାଷୀମାନେ ସେମାନଙ୍କ ଜମି ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ପ୍ରଥମେ କଳିଙ୍ଗନଗର ଶିଳ୍ପାଞ୍ଚଳ, ପରେ ରାଜପଥ ସଂପ୍ରସାରଣ, ରେଙ୍ଗାଲି କେନାଲ ପ୍ରକଳ୍ପ ଓ ସୁକିନ୍ଦା ଅନୁଗୁଳ ରେଳପଥ ପାଇଁ ସୁକିନ୍ଦା ଅଞ୍ଚଳ ଚାଷୀ ସେମାନଙ୍କର ୮୦ପ୍ରତିଶତ ଚାଷଜମି ହରାଇ ସାରିଛନ୍ତି। ବାକି ଯାହା ଅଛି ଟାଟା ପ୍ରକଳ୍ପକୁ ରେଳପଥ ସଂଯୋଗ କରାଗଲେ ସେମାନେ ଭୂମିହୀନ ହୋଇଯିବେ ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରଦୂଷଣର ଶୀକାର ହୋଇ ସ୍ଥାନୀୟ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ସେମାନଙ୍କ ଚାଷ ଜମିକୁ ଛଡାଇ ନେବା ଅଗଣତାନ୍ତ୍ରିକ ବୋଲି ଦର୍ଶାଇଛନ୍ତି।ଏହି ଘଟଣା ନେଇ ସରକାର ଚାଷୀ ମାନଙ୍କୁ ଦୀର୍ଘ ବର୍ଷ ଧରି ମାନସିକ ଚାପ ପକାଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲିକ, ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ସଚେତନତା କାର୍ଯ୍ୟକ୍ରମ

ଧର୍ମଶାଳା,୧।୧୧(ସମିସ): ଯାଜପୁର ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳ ପରିକ୍ରମା କରୁଥିବା ସାଇବର ସଚେତନତା ଅଭିଯାନ ଆଜି ଧର୍ମଶାଳା ଥାନା ଜାରକା ଠାରେ ପହଞ୍ଚିଥିଲା। ବିଭିନ୍ନ ସ୍କୁଲ କଲେଜ ଓ ବଜାର ଅଞ୍ଚଳରେ ସାଇବର ସୁରକ୍ଷା ସମ୍ପର୍କିତ ଭିଡିଓ ପ୍ରଦର୍ଶିତ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଜାରକା ସ୍ଥିତ ଜେନିଥ ଯୁକ୍ତ ଦୁଇ ଆବାସିକ କଲେଜ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା ବାର୍ତ୍ତା ବହନ କରୁଥିବା ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଛାତ୍ରଛାତ୍ରୀଙ୍କୁ ଅନଲାଇନ୍ କ୍ରୟ, ସୋସିଆଲ ମିଡିଆ ବ୍ୟବହାର ଆଦି କ୍ଷେତ୍ରରେ ସାଇବର ଠକେଇ ଠାରୁ ଛାତ୍ରଛାତ୍ରୀ କିପରି ସତର୍କ ରହିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। କଲେଜ ଚେୟାରମ୍ୟାନ ପ୍ରଫୁଲ୍ଲ କୁମାର ଦଳେଇ ଓ ଅଧ୍ୟକ୍ଷ ଆଦିତ୍ୟ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରେ ଧର୍ମଶାଳା କଲେଜ ଓ ଆଦର୍ଶ ବିଦ୍ୟାଳୟ ଠାରେ ସମାନ ଭାବରେ ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ଜାରକା ଫ୍ଲାଏଓଭର ବ୍ରିଜ ତଳେ ମଧ ଜିଲ୍ଲା ମୁଖ୍ୟାଳୟରୁ ଆସିଥିବା ଏଲ୍‌ଇଡି ସଂଯୋଗ ଗାଡ଼ିରେ ଭିଡିଓ ପ୍ରଦର୍ଶିତ ହୋଇଥିଲା। ସର୍ଜେନ୍ ମନୋଜ କୁମାର ସାହୁ ଏହାକୁ ପରିଚାଳନା କରିଥିଲା ବେଳେ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଧର୍ମଶାଳା,୧।୧୧(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଆଜି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୟାଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ପୀତବାସ ପାତ୍ର, ନିରୋଦ କୁମାର ମହାନ୍ତି, କୃଷକ ନେତା ବସନ୍ତ କୁମାର ପରିଡ଼ା, ବନମାଳୀ ରାଉତ, ସାଧୁ ଅଭୟାନନ୍ଦ ସାରଦା, ଆକୁଳି ସ୍ୱାଇଁ, ରବି ନାରାୟଣ ମଲ୍ଲିକ, ମହମ୍ମଦ ରିଆଜୁଲ ହକ, ବଟକୃଷ୍ଣ ସାହୁ ପ୍ରମୁଖ ଶତାଧିକ ସଦସ୍ୟ ଯୋଗଦେଇ ଆଗାମୀ ଦିନରେ କିଭଳି ସଂଗଠନକୁ ମଜବୁତ କରାଯିବ ସେ ନେଇ ଆଲୋଚନା କରିଥିଲେ। ସଂପାଦକ କରୁଣାକର ବରାଳ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ସହ ସଂପାଦକ ଆଦିକନ୍ଦ ସ୍ୱାଇଁ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଭିକାରୀ ମଲ୍ଲିକ ଆୟବ୍ୟୟ ସମୀକ୍ଷା କରିଥିଲେ। ସଦସ୍ୟ ବ୍ରଜ କିଶୋର ଦାଶ ଧନ୍ୟବାଦ ଦେଇଥିଲେ।

## ନିଶା ବେପାରୀଙ୍କ ପାଇଁ ଥାନାରେ ହୋହଲ୍ଲା

# ପୁଲିସର ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ ପ୍ରତିବାଦ

କବାଟବନ୍ଧ/ଯାଜପୁର,୧।୧୧(ସମିସ):



ଜେନାପୁର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା ଜଣାପଡିଛି। ଯାହାକି ଏହି ଥାନା ପରିସରରେ ଜନସାଧାରଣ ବିଭିନ୍ନ ଏକତରଫା ତଦନ୍ତ ଏବଂ ପୁଲିସର ପକ୍ଷପାତିତା ବିଚାରକୁ ନେଇ ବାରମ୍ବାର ଧାରଣା ଏବଂ ପ୍ରତିବାଦ ଏହାକୁ ପ୍ରମାଣ କରୁଛି। ଜେନାପୁର ଥାନା ଅଞ୍ଚଳରେ ପରିସ୍ଥିତି ଏଭଳି ହେଲାଣି ଯେ ଗୋଟିଏ ଦିନରେ ଦୁଇଟି ଭିନ୍ନ ଘଟଣାରେ ଶତାଧିକ ଲୋକ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ୨୦୨୫ ମସିହା ଆରମ୍ଭରୁ ଅଦ୍ୟାବଧି ପ୍ରାୟ ୪ ଥର ଜେନାପୁର ଥାନାରେ ଏହି ଘଟଣା ଦେଖିବାକୁ ମିଳିଛି। ଉପଯୁକ୍ତ ନ୍ୟାୟ ଦାବିରେ ବାରମ୍ବାର ଥାନା ଘେରଉ କରିବା ତଥା ଧାରଣା ଦେବାକୁ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯାଇଛି। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏହି ଥାନାରେ ୨ ଗୋଟି ଘଟଣାରେ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଲୋକ ଥାନା ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଏଣ୍ଡଳବା ପଞ୍ଚାୟତର ଦୁଇଜଣ ନିଶା ବେପାରୀ ପ୍ରହଲ୍ଲାଦ ବେହେରା ଏବଂ ସମରେନ୍ଦ୍ର ପଣ୍ଡା ଉଭୟ ପରସ୍ପରଙ୍କ ନାମରେ ଅଭିଯୋଗ ଆଣିଥିଲେ। ଉଭୟ ବେପାରକୁ ନେଇ ଗଣ୍ଡଗୋଳ ଲାଗିବା ସହିତ ଉଭୟ ଜେନାପୁର ଥାନାରେ ଦୁଇଟି ଅଭିଯୋଗ କରିଥିଲେ। ଉକ୍ତ କେସରେ ଜେନାପୁର ପୁଲିସ ଦୁଇଟି ମାମଲା ରୁଜୁ କରି ପ୍ରହଲ୍ଲାଦ ବେହେରା ଏବଂ ସମରେନ୍ଦ୍ର ପଣ୍ଡା ଉଭୟଙ୍କୁ ଥାନାକୁ ଆଣିଥିଲା। ଏହା ପରେ ପୁଲିସ ସମରେନ୍ଦ୍ରଙ୍କୁ ନୋଟିସ୍ ବେଲରେ ଥାନାରୁ ଛାଡ଼ି ଦେଇଥିଲା। ଯାହାକୁ ନେଇ ପ୍ରହଲ୍ଲାଦର ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜେନାପୁର ଥାନାରେ ଧାରଣାରେ ବସିବା ସହିତ ନିରପେକ୍ଷ ତଦନ୍ତ ଏବଂ ନ୍ୟାୟ ପାଇଁ ଦାବି କରିଥିଲେ। ଘଟଣାର ପୁନଃ ତଦନ୍ତ କରି ଉଭୟଙ୍କୁ କୋର୍ଟଚାଲାଣ କିମ୍ବା ଉଭୟଙ୍କୁ ନୋଟିସ ବେଲ୍ କରିବା ପାଇଁ ଦାବି କରିଥିଲେ। ପୁଲିସ ପ୍ରଶାସନର ମନମୁଖୀ କାର୍ଯ୍ୟ ଏବଂ ଜେନାପୁର ପୁଲିସର ପକ୍ଷପାତିତାକୁ ନେଇ ବିଭିନ୍ନ ନାରା ବାଜି ଦେଇଥିଲେ। ପ୍ରହଲ୍ଲାଦ ଦଳିତ ବର୍ଗର ହୋଇଥିବା ବେଳେ ସମରେନ୍ଦ୍ର ସାଧାରଣ ବର୍ଗର ଅଟନ୍ତି। ତେଣୁ ପୁଲିସ ଦଳିତଙ୍କୁ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି। ଦିନ ପ୍ରାୟ ୨ଟା ବେଳେ ଯାଜପୁର ରୋଡ଼ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଜେନାପୁର ଥାନାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ବହୁ ସମୟ ଆଲୋଚନା ପରେ ଏସ୍‌ଡିପିଓ ଶ୍ରୀ ସ୍ୱାଇଁ ଗିରଫ କରିବା ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଏହି ଧାରଣା ଆମ୍ବେଦକରବାଦୀ ବିଭିନ୍ନ ସଙ୍ଗଠନର ମିଳିତ ସହଯୋଗରେ କରାଯାଇଥିଲା। ଆମ୍ବେଦକର ଫାଉଣ୍ଡେସନ ଧର୍ମଶାଳାର ସଭାପତି ସୁରେନ୍ଦ୍ର ମଲ୍ଲିକ, ଉପଦେଷ୍ଟା କାର୍ତ୍ତିକ ମଲ୍ଲିକ, ଆମ୍ବେଦକର ଫାଉଣ୍ଡେସନର ଜିଲ୍ଲା ମିଳିତ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ଦୁଷ୍ମନ୍ତ ଜେନା, ସାମାଜିକ ସମତା ଉପସଭାପତି ଧର୍ମଶାଳା ରସାନନ୍ଦ ମଲ୍ଲିକ, ୟୁନାଇଟେଡ଼ ଫୋରମ ରାଜ୍ୟ ଉପସଭାପତି ଆର୍ତ୍ତତ୍ରାଣ ମଲ୍ଲିକ, ଭୀମ ଆର୍ମି ଆବାହକ ଧର୍ମଶାଳା ହୃଷିକେଶ ଜେନା, ଆମ୍ବେଦକର ଫାଉଣ୍ଡେସନ ସଭ୍ୟ ପ୍ରହଲ୍ଲାଦ ମଲ୍ଲିକ, କାଳନ୍ଦୀ ତରାଇ, ପ୍ରମୋଦ ମଲ୍ଲିକଙ୍କ ସମେତ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଲୋକ ସାମିଲଥିଲେ। ଜେନାପୁର ପୋଲିସ କେସ ନମ୍ବର ୩୮୬/୨୫ ରେ ପ୍ରହଲ୍ଲାଦକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଏହି ଥାନା ଅନ୍ତର୍ଗତ ମହିସରା ପଞ୍ଚାୟତ ବରଡ଼ା ନିମିଟି ସାହିର ମହିଳା ମାନେ ମଧ ଧାରଣାରେ ବସିଥିଲେ। ଗ୍ରାମରେ ଚୋରା ମଦ ବିକ୍ରି ବନ୍ଦ କରିବା ପାଇଁ ବାରମ୍ବାର ପୁଲିସକୁ ଅଭିଯୋଗ କଲେ ମଧ କୌଣସି ପ୍ରକାର କାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯାହା ଫଳରେ ନିଶା ବେପାରୀ ମାନେ ମହିଳା ମାନଙ୍କୁ ଅସଭ୍ୟ ଭାଷାରେ ଗାଳି କରୁଥିବା ଏବଂ ମାରିବାକୁ ଧମକ ଦେଉଥିବା ଅଭିଯୋଗ କରିଥିଲେ।

# ଝିଅ ପାଇଁ ଗୋଟିଏ କବିତା

**ରାଜେନ୍ଦ୍ର କିଶୋର ପଣ୍ଡା**

ଯିବାକୁ ହବ ଦୂର ବହୁ ଦୂର ।
କାହାକୁ ମାନ କରିଚୁ ଝିଅ ମୋର, ସୁନାଝିଅ ମୋର?
ତୋ' ରୁଷାଘର ଆଗରେ ତତେ ଅପେକ୍ଷା କରୁଚି ଜୀବନ
ଖୋଲିଦେ କବାଟ, ଆ, ଯିବାକୁ ହବ ଦୂର ବହୁ ଦୂର
ଯା, ମା, ତୁ ପରା ଘର କରିବୁ, ଘର ॥

କଳ୍ପବୃକ୍ଷ ହେଲି ବୋଲି ଭାବି ନେବାଟା ଇ ପ୍ରାୟ
କଳ୍ପବୃକ୍ଷ ହେବା ।
ଭାବିନେବୁ ॥

ଲାଜକୁଳୀ ବୁଦା ପରି ମୁଦି ହୋଇ ସଂକୁଡ଼ିଯାଇ
କୁଜୀ ହୋଇ ରହିବୁ କାହିଁକି?
ଛୁଆଁ ବାଜିବା ମାତ୍ରକେ ଠିଆ ହେବୁ ସିଧା ହୋଇ, ତରୁ ପରି,
ପଲ୍ଲବିବୁ,
ମେଲିଦେବୁ ଫୁଲମେଢ଼, ଫଳଭାର, ପକ୍ଷୀବସା ଡାଳ ଡାଳ
ପୁଣି କିଛି କଂଟାର ସଂଭାର, ମେଲିଦେବୁ...
ଦେବୁ ଆଉ ଦିଆଇବୁ, ଦେ ପଦ ବୋଲିବୁ ॥

ତୋ' ଆକାଶରେ ଶକୁନ ଉଡ଼ିବେ,
    ଶକୁଂତ ରହିବେ ଡେଣା ଫଡ଼କେଇ
ଲହୁଲୁହାଣ ହବୁ କେବେ ତ ମହୁମୁହାଣ ହବୁ ॥

କେତେ ସରାଗରେ ରାଂଧି ତୁ ପରିଷିଥିବା ସୁଆଦିଆ ତିଅଣକୁ
ଥୁ ଥୁ କରିଦେଲେ ପ୍ରିୟଜନଟିଏ,
କୋହ ଚାପି ସ୍ମିତ ଖେଳାଇବୁ
ଅମୃତ ଗିନାକ ତୋର ବିଷ ହବ ନାଇଁ, ଝିଅ,
ଅମୃତ ତ କେବେ ଅଇଁଠା ହୁଏ ନାଇଁ, ଝିଅ!
ଯୋଗ୍ୟତମ ଦେଖି ସମର୍ପିବୁ ।
କାହାଣୀର ବୁଢ଼ୀ ଅସୁରୁଣୀ
ଗୋଟିଏ ଗୋଡ଼କୁ ତା'ର ଚୁଲୀରେ ପୂରାଇ ଜାଳି
ଆରଟି ସେକିଲା ପରି ତୁ ବି ବଂଚିବୁ ॥

ମାଟିକୁ ଫାଟିଯା ବୋଲି କେବେ କହିବୁନି, ମା,
ପୋତି ହୋଇଯିବ ଆକାଶ ॥

ତତଲା ତାଓ୍ୱା ଉପରେ ମାଛଖଂଡ଼େ ଭାଜିହବା ପରି,
ଅଂଧାର ହିଁ କାଂଥ ଯହିଁ ଛାତ ଯହିଁ ଚଟାଣ ଯହିଁ ବିଛଣା ଯହିଁ
ସେଇଠି ଜହ୍ନ ବି କଳା, ସେଇଠାରେ ରାତି ତୋର ପୁହାଇଦବୁ
ଶରତର ଜହ୍ନରାତି ।
ପାହାଂତାରେ ନିଦ ମଳମଳ ଆଖିରେ ବଗିଚାକୁ ଆସି ଦେଖିବୁ
କାରୁପର୍ଣ୍ଣ କୋଣରେ
ଊର୍ଣ୍ଣାଜାଲରେ ବିଂଦୁ ବିଂଦୁ ଶିଶିର
ପ୍ରତିଟି ବୁଂଦାରେ ଝଲମଲ ସୂର୍ଯ୍ୟବିଂବ....
ଶିରିଶିରି ପବନରେ ଶିହରିଗଲା ଜାଲ ଭାବୁ ଭାବୁ
ନିଘା ପଡ଼ିଯିବ ଶିକାରରତ ରତ୍ନବୁଢ଼ିଆଣୀ ଉପରେ
ମାୟା ଘନଘୋର ଏ ସଂସାର ବଡ଼ ବିଚିତ୍ର, ମା,
ଛଟପଟ ପତଂଗଟି ଭିତରେ ନିଜକୁ ଥାପି ଅନୁଭବ କରି
ଜାଣିବୁ ତୁ ଶିହରି ଉଠୁଚୁ
ଯଂତ୍ରଣାରେ ଯେତିକି
ଉଲ୍ଲାସରେ ତତୋଽଧିକ !!


ଶତେକ ଶରତ ଥିବୁ, ବୁଢ଼ୀ ହବୁ ନାଇଁ ଝିଅ!
ସଂପାକଟା କରିବୁନି, ନିଜକୁ ନୁହେଁ କି ନିୟତିକି ନୁହେଁ,
କେତେ ଝୀନ କେତେ ସୂକ୍ଷ୍ମ ତୋର ଜୀବନ
ଉଭେଇଯିବ କବିତା, ଚହଲିଯିବ ମିଳେଇଯିବ ସ୍ୱପ୍ନ ।
ଦାରୁଣତମ ଦୁଃଖରେ ବି
ମାଟିକୁ ଫାଟିଯା ବୋଲି କେବେ କହିବୁନି, ମା,
ପୋତିହୋଇଯିବ ଆକାଶ ॥

ବରଂ, ଯଦି ପାରୁ, ପଦ୍ମାମୟ ହୋଇଯିବୁ
ନିଜକୁ ଟିକେ ଉଖାରିଦବୁ ।
ଆଂଟୁଡ଼ାରେ ପାତାଳଗଂଗାର ଫୁଆର, ମା,
ଅଂଧାର ଘନେଇ ପାଷାଣ ହୋଇ ବିଦୀର୍ଣ୍ଣ ହୋଇଗଲେ
ସିଂଦୂରା ଆକାଶରେ ଫଜେରା ଫାଟିବାର ଦୃଶ୍ୟ ॥

ମାଟିକୁ ଫାଟିଯା ବୋଲି କେବେ କହିବୁନି ଝିଅ,
ବରଂ ତୁ ଦେବକୀ ପରି ନିଜେ ଫାଟିଯିବୁ
ଈଶ୍ୱରଂକ ଜନ୍ମ ପାଇଁ ଦ୍ୱାରା ଖୋଲିଦେବୁ ॥ ■

# ଶିଖର ମାତ୍ରେ ଇ ଆରୋହ୍ୟ...

**ରାଜେନ୍ଦ୍ର କିଶୋର ପଣ୍ଡା । ଓଡ଼ିଆ କବିତାର ଏକ ଉଦାତ୍ତ ଉଚ୍ଚାରଣ । ଶବ୍ଦ ନିର୍ମାଣରେ ଧୂରୀଣ । ଆବେଗର ଐଶ୍ୱର୍ଯ୍ୟରେ ବିତ୍ତବାନ୍ । ଭାବ, ଭାଷା, ଶୈଳୀରେ ଚିର ନୂତନ । ପ୍ରତ୍ୟେକ କବିତା ପ୍ରତ୍ୟେକଠୁ ଭିନ୍ନ, ନିରୁତା କାବ୍ୟଦୃଷ୍ଟି, ତୀବ୍ର ସୂକ୍ଷ୍ମାନୁଭବର ସହଜ ଉନ୍ମୀଳନ । ତାଙ୍କ କବିତା କେବେ ବୋମା ପରି ତ କେବେ କଢ଼ ପରି ଫୁଟିଯାଏ । ସବୁ ବାଦ, ଆଦର୍ଶ ଓ ପକ୍ଷର ବାହାରେ ଛିଡ଼ା ହୋଇଥାନ୍ତି ସେ । କେତେ ଆଲୋକବର୍ଷ ଦୂରରେ ଏଇ ପୃଥିବୀରେ କୋଉଠି ଗୋଟାଏ ମହୋତ୍ସବ ହେଉଥାଏ, ଧିମା ଆଲୁଅ ଦିଶୁଥାଏ ଦିଗନ୍ତ ପାଖ ଦୂର ବିନ୍ଦୁରେ, ଅତି କ୍ଷୀଣଧ୍ୱନିର ଆଭାସ ଶୁଭୁଥାଏ ହୃତ୍‌ପିଣ୍ଡ ଭିତରେ । ଆଜି ହୁଏତ ନୀରବି ଯାଇଛି ରାଜେନ୍ଦ୍ରୀୟ କାବ୍ୟ ସ୍ୱର । କବି ବିଦାୟ ନେଇ ସାରିଛନ୍ତି ଆମ ଗହଣରୁ । ତାଙ୍କର ଦଶାହ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା ।**




## ରାଜେନ୍ଦ୍ରୋକ୍ତି



କହିଦିଏ ଆଉ ଥରେ:
ପକ୍ଷ କଥା ଉଠୁଚି ତ
ମୋତେ ରଖ ଅପର ପକ୍ଷରେ
'ବହୁ' ନୁହେଁ 'ଏକ' ବଚନରେ ॥
'ଅପରପକ୍ଷ', (ନିଜ ପାଇଁ ନାନାବାୟା)

ମୁକ୍ତି ନାହିଁ ସ୍ୱପ୍ନ ଆଉ ସ୍ୱପ୍ନଭଂଗରୁ
ମୁକ୍ତି ନାହିଁ ପ୍ରତିଶ୍ରୁତି ଦେବାରୁ ଆଉ ଭାଙ୍ଗିଦେବାରୁ
କୃତଘ୍ନତାରୁ, ବିଶ୍ୱାସଘାତରୁ ।
ବାଲି ମାଟି କଂକରରେ ହିମରେ ଅଶ୍ମରେ
ରକ୍ତ ମାଂସ ଅଛି ମଜ୍ଜା ଶୁକ୍ର ମନ ଚୈତନ୍ୟ ପ୍ରାଣରେ
ଗତି ମୋର ପାଦ-ବେଢ଼ି,
ମୁକ୍ତି ନାହିଁ
ମୁକ୍ତ ନାହିଁ ନାହିଁ ନାହିଁ ନିଜର ସୁଅରୁ ॥
'ଉପନଦୀ ପ୍ରତି ନଦୀ', (ଶୈଳକଳ୍ପ)


ମତେ ଏଇ ବର ଦେରେ ଜୀବନ୍!
ଥରକୁ ଥର ମୁଁ ଯେମିତି ତୋର
    ଅଥଳ ଅଥୟ ଡଅଁର ଭିତରେ
ଅତି ଛୋଟ ଏକ ହୁଲିଡଂଗା ପରି
ଏମ୍ତି ଉଲ୍ଲାସରେ ବେଦନାରେ
ନାଚୁଥିବି ଡେଉଁଥିବି ଘୁରୁଥିବି ଛିଟ୍‌କୁଥିବି
ମୋକ୍ଷ ଫୋକ୍ଷ ମୋର ଲୋଡ଼ା ନାହିଁ ॥
'ଜୀବନ ପ୍ରତି', (ଶୈଳକଳ୍ପ)

ସଂବିଧାନରେ
ଅଂଧାର ପାଇଁ କୌଣସି ଧାରା ନାହିଁ
ଖବରକାଗଜରେ
ଅଂଧାର ଆଉ ବ୍ୟବହୃତ ହଉନି
ଛପା କାଳି ଭାବରେ;
ସମ୍ରାଟଂକ ନୂତନ ଅକ୍ଷର
ଅଦୃଶ୍ୟ ଇ
ହବାର କଥା!
- 'ଷଡ଼ଯଂତ୍ର', (ନିଜପାଇଁ ନାନାବାୟା)

ତୁମକୁ ଭେଟିବା ପୁଣ୍ୟ ଏତେ ଅଧିକ ଯେ
ଭୟ ହୁଏ ମୋକ୍ଷ ଯିବି ପାଇ
ଆଉ ଥରେ ପୁନର୍ଜନ୍ମ ଦେବାକୁ ସକ୍ଷମ
ସବୁଠୁ ସାନ ପାପଟି ଦିଅ ଗୋ ବତାଇ ॥
'ସବୁଠୁ ସାନ ପାପଟି', (ଅନ୍ୟା)

ନକ୍ଷତ୍ର ନୁହେଁ କି ନିର୍ବାଣ ନୁହେଁ-
ଗୋଟା ପଣେ ଈଶ୍ୱର ହୋଇଯିବା ହିଁ
ମଣିଷର ତପସ୍ୟାର ଧ୍ରୁବ ଲକ୍ଷ୍ୟ
ଏକମାତ୍ର ଲକ୍ଷ୍ୟ ॥
'ଶଂବୁକର ତପସ୍ୟା', (ନିଜ ପାଇଁ ନାନାବାୟା)

ଅମୃତ ଆଣନା କି ହଳାହଳ ଆଣନା
ପ୍ରିୟତମ,
ମୋହିନୀ ନୁହେଁ ବାରୁଣୀ ପରି ଉଠିଆସ ଏଥର
ମୃଦୁ-ମୃଦୁ ମତ୍ତ କରିରଖ ଚିରକାଳ-
ସୁର ଅସୁର ନର
କବି କରିଦିଅ ସଭିଙ୍କୁ!
'ବାରୁଣୀ ପରି ଉଠିଆସ ଏଥର', (ଅନ୍ୟା)




ଗୋଟିଏ ଗୋଟିଏ ଭୂମି ଆସେ
ଜୀବନରେ,ଯେତେବେଳେ
ପହଞ୍ଚିବାର ଭ୍ରମ ଜାଗେ ଅର୍ଦ୍ଧ
ପଥରେ । ସେଇ ମାୟାଭୂମିରୁ
ଦିଶିଯାଏ ଶିଖର ଆଉ ଦିଶିଯାଏ
ସୁଗଭୀର ତଳ ବିତଳ, ଦ୍ୱିଧା
ବିଭକ୍ତ ହୋଇ ମୁଁ ମାଡ଼ିଯାଏ
ସେତେବେଳେ, ଅଲୌକିକ
ଗୋଟିଏ ପକ୍ଷୀ ଆଉ ପ୍ରଖର
ଗୋଟିଏ ଗିରି ନିର୍ଝର ପରି,
ଉତ୍‌ଥାନ ଓ ପତନ ଉଭୟ ଆଡ଼େ,
ସମାନ ବେଗରେ, ସେଇ ଗତି,
ସେଇ ଦୁର୍ଗତି କିନ୍ତୁ ବସାଇ ଦେଇ
ପାରେନା ମୋତେ ଶିଖରରେ
କି ନିପାତ କରି ଦେଇପାରେନା
କଚାଡ଼ି ଦେଇ ସବାତଳ
ବିନ୍ଦୁରେ । ଫେରିଆସେ ମୁଁ ଉଭୟ
ଆଡ଼ୁ । ପୁଣିଥରେ, ବିପରୀତ
ଗତିରେ । ରେ ମାୟାଭୂମି!
'ଶୈଳକଳ୍ପ' ମୋର ନିବେଦିତ
ହେଉ ତୋ'ରି ଉଦ୍ଦେଶ୍ୟରେ ।
ତୁ ଏମିତି ଆସିଯାଉଥା
ବେଳେବେଳେ, ଯାତ୍ରା ପଥରେ ।
-'ଉତ୍ସର୍ଗଲିପି', (ଶୈଳକଳ୍ପ)




ବେଳେବେଳେ, ରହସ୍ୟ ହେଉ କି ପ୍ରେମ ହେଉ କି ବିଦ୍ରୋହ ଭାବ ହେଉ, କବିର ଅବଧାରଣା ଏତେ ପବିତ୍ର ଓ ଏକାନ୍ତ ଭାବରେ ତା'ର ନିଜସ୍ୱ ହୋଇଥାଏ ଯେ ତା'ର ସାର୍ବଜନୀନୀକରଣ ହୋଇପାରେନା । ବେଳେବେଳେ ପକ୍ଷଭୁକ୍ତ ହେବା ବି କଷ୍ଟକର ହୁଏ । ତୁମେ ଯଦି ପକ୍ଷଭୁକ୍ତ ହେବାର ପ୍ରଶ୍ନ ଉଠାଅ, ମୁଁ ଗୋଟିଏ କବିତାରେ ଲେଖିଛି, "ପକ୍ଷ କଥା ଉଠୁଛି ତ/ ମୋତେ ସାମିଲ୍ କରି ଅପରପକ୍ଷରେ/ ବହୁବଚନରେ ନୁହେଁ/ ପ୍ରଥମ ପୁରୁଷ ଏକବଚନରେ । ଗୋଟିଏ କଥା ସ୍ପଷ୍ଟ କବିର ସାନ୍ଦ୍ର ଉପଲବ୍ଧିର ନିଷ୍ପାପର ଉଚ୍ଚାରଣ । କିଏ ଜଣେ କହିଥିଲେ, 'ଆମେ ବସ୍ତୁ ସକଳର Passion ପ୍ରତି, କବିତାର ବିଦ୍ରୋହ ଭାବ ପ୍ରତି ଜାଗ୍ରତ ହୋଇ ରହିବା ଉଚିତ୍ ।"

x x x

ମୋର ପ୍ରଥମ କବିତାଟି ଏକ ହାତ ଲେଖା ପତ୍ରିକାରେ ୧୯୫୫-୫୬ରେ ପ୍ରକାଶ ପାଇଥିଲା । କିନ୍ତୁ ଉଚ୍ଚାଙ୍ଗ ପତ୍ରିକାରେ ମୁଦ୍ରିତ ଭାବରେ ମୋ କବିତାର ପ୍ରକାଶନ ୧୯୫୯ରେ ଆରମ୍ଭ ହୋଇଥିଲା । ଯାହା ମନେ ପଡୁଚି, ମୋର ପ୍ରଥମ କବିତାଟି ଈଶ୍ୱରଙ୍କ ପ୍ରତି ପ୍ରାର୍ଥନାମୂଳକ ଏକ ଅସଫଳ କବିତା ଥିଲା ।xxx ପିଲାଦିନୁ ମା'ଙ୍କର ଭାଗବତ, ମହାଭାରତର ସେଟ୍ ମୁଁ ପଢ଼ିଥିଲି । ଏ ସମସ୍ତ ପ୍ରକ୍ରିୟା ହୁଏତ ମୋ ଚେତନାର ନିର୍ମାଣରେ ସହାୟକ ହୋଇଥିଲା ।

x x x

ଭଲ କବିତାର ସଂଜ୍ଞା ନିରୂପଣ ବା ସ୍ୱରୂପ ବଖାଣ ପାଇଁ ମୁଁ ଅପାରଗ । ମନେ ହୁଏ, ପ୍ରତ୍ୟେକ ଭଲ କବିତା ଗହୀରେଇଦିଏ, ପ୍ରସାରିଦିଏ ବା ଡେଣେଇଦିଏ ଏବଂ ଅନୁଭବକୁ ଉପଲବ୍ଧି ଆଡ଼କୁ ନିଏ ।

ଭାବର ଭିତ୍ତିରେ କବିତା ତା'ର ଅଂଗ ଆଉ ବସ୍ତ୍ର ନେଇ ଆସେ । ଧ୍ୱନି ନେଇ ଆସେ । ବହିର୍ଛନ୍ଦ ଓ ଅନ୍ତର୍ଛନ୍ଦ: ଉଭୟ ମାଧ୍ୟମ ନେଇ ମୁଁ କବିତା ଲେଖିଛି ।

କବିତା ତା'ର ବସ୍ତ୍ର ପିନ୍ଧି ଜନ୍ମନିଏ । ଯେଉଁ କବିତା ଛନ୍ଦରେ ଗୁଞ୍ଜାରିତ, ମୁଁ ତାକୁ ସେମିତି ଆସିବାକୁ ଦେଇଛି, କୃତ୍ରିମ ଗଦ୍ୟ ରୂପ ଦେଇନି । ଏପରିକି ସମ୍ପୂର୍ଣ୍ଣ – ଗଦ୍ୟର କବିତା ବି ଲେଖିଛି ।

-ରାଜେନ୍ଦ୍ର କିଶୋର ପଣ୍ଡା (ଅନ୍ୟା, ପୂଜା ବିଶେଷାଙ୍କ)

### ରାଜେନ୍ଦ୍ରଙ୍କ କବିତା ଯୁବପିଢ଼ି ପାଇଁ ପ୍ରେରଣାପ୍ରଦ

ରାଜେନ୍ଦ୍ର କିଶୋର ପଣ୍ଡା ମୋର ଅତି ପ୍ରିୟ କବି । ଗୁରୁ ପ୍ରସାଦ ମହାନ୍ତି, ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାକୁ ଜୀବନ୍ୟାସ ଦେଇଥିବା କବିଙ୍କ ମଧ୍ୟରେ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ଏବଂ ରାଜେନ୍ଦ୍ର କିଶୋର ପଣ୍ଡା ରହିଛନ୍ତି । ଏହି ତ୍ରୟୀ ଓଡ଼ିଆ କବିତାର ଦିଗ ପରିବର୍ତ୍ତନ କରି ଦେଇଛନ୍ତି । ବିଶେଷକରି ରାଜେନ୍ଦ୍ର କିଶୋର ପଣ୍ଡା ନିପଟ ମଫସଲର ଓଡ଼ିଆ ଶବ୍ଦ ତାଙ୍କ କବିତାରେ ବ୍ୟବହାର କରିଥାନ୍ତି, ଯାହାର କୌଣସି ତୁଳନା ନାହିଁ । ତାଙ୍କ ସହ ମୋର ସମ୍ପର୍କ କେବଳ ବ୍ୟକ୍ତିଗତ ନୁହେଁ, ସାହିତ୍ୟିକ ଦୃଷ୍ଟିକୋଣରୁ ମଧ୍ୟ ବେଶ୍ ଭଲ ଥିଲା । ଯେତେବେଳେ ମୁଁ ଆଣ୍ଠୁଗଣ୍ଠି ବାତରୋଗରେ ପୀଡ଼ିତ ହୋଇ ଗୃହବନ୍ଦୀ ହୋଇଥିଲି, ସେଇ ସମୟରେ ତାଙ୍କର ଆକସ୍ମିକ ବିୟୋଗ ହୋଇଥିଲା । ତାଙ୍କ ଲେଖା କେବଳ ଏହି ପିଢ଼ି ପାଇଁ ନୁହେଁ, ଆଗାମୀ ପିଢ଼ିର ଯୁବ ଲେଖକଲେଖିକାମାନଙ୍କ ପାଇଁ ମଧ୍ୟ ଦିଗଦର୍ଶନ ଓ ପ୍ରେରଣାପ୍ରଦ ହେବ । ମୁଁ ତାଙ୍କ ବିୟୋଗରେ ନିରବ ପ୍ରାର୍ଥନା କରୁଛି ।

- ବିଭୂତି ପଟ୍ଟନାୟକ, କଥାଶିଳ୍ପୀ

### କବିତାର ପ୍ରେମିକ: ରାଜେନ୍ଦ୍ର-କିଶୋର

କବିତାର ପ୍ରେମିକ ହେବାକୁ ହେଲେ ଯେ ଚତୁର୍ବର୍ଗର ଊର୍ଦ୍ଧ୍ୱରେ ରହିବାକୁ ପଡ଼େ, ତଥାକଥିତ ପାପ-ପୁଣ୍ୟ, ସତ୍ୟ-ମିଥ୍ୟା, ଜନ୍ମ-ମୃତ୍ୟୁର ଦେହଳୀକୁ ଲଂଘିବାକୁ ପଡ଼େ । ଏକ ଅନବତାରର ଅଧିକାରରେ ଚୌକାଠରେ ଚିରକାଳ ଏକପାଦରେ ଦଣ୍ଡାୟମାନ ରହି 'ଶିଖର ମାତ୍ରେ ଇ ଆରୋହ୍ୟ'ର ମନ୍ତ୍ର ଜପି ଶୈଳକଳ୍ପ ହୋଇଯିବାକୁ ପଡ଼େ ।

କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତାର ଅରଣ୍ୟରେ ହଜିବାକୁ ଆରମ୍ଭ କରିବା ଅର୍ଥ ନିଜକୁ ହିଁ ଖୋଜି ପାଇବା । ଆଦିମା, ମଧ୍ୟମା, ଅନ୍ତିମା ଓ ପରମା ଯେଉଁମାନେ ମୋ ଭିତରେ ହିଁ ଲୁଚି ରହିଥିଲେ ସେମାନେ କ୍ରମଶଃ ନିଜକୁ ବ୍ୟକ୍ତ କରୁଥିଲେ । କବିତା ନାରୀରେ ଓ ନାରୀ କବିତାରେ ରୂପାନ୍ତର ହୋଇଯାଉଥିଲେ । ନାରୀ ଓ କବିତାକୁ ଏକାକାର କରି ଜୀବନ-ମରଣ-ରମଣ- ନିର୍ବାଣକୁ ପ୍ରେମରେ ସଜାଉଥିବା କବି ସୃଜନର ମନ୍ତ୍ରପାଠ କରୁଥିଲେ ।

କେଉଁ ଅନୁପମ ଲଗ୍ନରେ ପିତାମାତା କ'ଣ ଭାବି ନାମ ରଖିଥିଲେ ରାଜେନ୍ଦ୍ର-କିଶୋର । ରାଜେନ୍ଦ୍ରର ତୁଙ୍ଗ ସ୍ୱାଭିମାନ, ତପୋନିଷ୍ଠ ଦାୟିତ୍ୱବୋଧ ଓ କିଶୋରର ପାରଦର୍ଶୀ ନିସର୍ଗ ପ୍ରେମପ୍ରବଣତା – ଏ ଦୁଇଟି ଯାକ ପ୍ରବୃତ୍ତି ଗୋଳାଗୋଳି ହୋଇ କବିତାର ପରମ ପ୍ରେମିକ, ଏପରି ଅର୍ଦ୍ଧନାରୀଶ୍ୱର ଶିବମୟ କାବ୍ୟପୁରୁଷଟିଏ ନିର୍ମିତ ହେବାକୁ ଅଛି ବୋଲି ସେମାନେ ଅନୁମାନ କରିଥିଲେ କି??

- ଅପର୍ଣ୍ଣା ମହାନ୍ତି, କବି

### ବିଦାୟ ରାଜେନ୍ଦ୍ର

ରାଜେନ୍ଦ୍ର କିଶୋର ପଣ୍ଡା ଆମ ସମୟର ପ୍ରଖର ଓ ଶକ୍ତିଶାଳୀ କବି । ରାଜେନ୍ଦ୍ର କିଶୋର ତାଙ୍କ ସମଗ୍ର ଜୀବନ କବିତା ପାଇଁ ସମର୍ପିତ କରିଥିବା ବିରଳ ବ୍ୟକ୍ତିତ୍ୱ । ଜୀବନର ଶେଷ ପର୍ଯ୍ୟନ୍ତ ସେ କବିତାକୁ ବ୍ରତ ଓ ମନ୍ତ୍ର ଭାବରେ ବିବେଚନା କରିଆସିଥିଲେ ।

ଅନନ୍ୟ ଭାବସମ୍ପଦ, ଚମତ୍କାର ଉପସ୍ଥାପନା ଶୈଳୀ, ଶବ୍ଦର ଦୀପ୍ତି ଓ ବିଷୟ ବିନ୍ୟାସରେ ଅଳଙ୍କୃତ ତାଙ୍କର କବିତା । ତାଙ୍କ କବିତାରେ କେତେବେଳେ ଗୀତିମୟତା ତ କେତେବେଳେ ଅସାଧାରଣ ଛନ୍ଦୋବଦ୍ଧତା ଦେଖିବାକୁ ମିଳେ । ତୀକ୍ଷ୍ଣ ଉପଲବ୍ଧି, ଅନୁଭବ ଓ ଅନ୍ତର୍ଦୃଷ୍ଟିସଂପନ୍ନ ତାଙ୍କ କବିତା ସବୁ ଆଙ୍ଗିକ ତଥା ଆତ୍ମିକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । ବହୁବିଧ ପରୀକ୍ଷାନିରୀକ୍ଷାରେ ସମୃଦ୍ଧିତ ତାଙ୍କର କବିତା କେତେବେଳେ କୌଣସି ବାଦ ପାଖରେ ବନ୍ଧା ପଡ଼ିନାହିଁ । ସେ କବିତାକୁ 'ନିଜ ସହିତ, ଅପର ସହିତ, ନିଖିଳ ସହିତ ବା ଈଶ୍ୱରଙ୍କ ସହିତ ଆଳାପନା' ବୋଲି ବିଚାର କରିଥାନ୍ତି । କବିତାକୁ ଅନ୍ତହୀନ ଯାତ୍ରା ଭାବରେ ବରଣ କରି ସେ କୁହନ୍ତି- ପହଞ୍ଚି ଯିବାଟା ମରିଯିବା । କବିତାକୁ ସେ ନିଆରା ଉପଲବ୍ଧିର ଜଗତ ଭାବରେ ଗ୍ରହଣ କରିଥାନ୍ତି । ଆପଣା ଉଚ୍ଚାରଣରେ ମୁକ୍ତ, ସ୍ୱଚ୍ଛନ୍ଦ ଓ ପ୍ରତିବଦ୍ଧ କବି ରାଜେନ୍ଦ୍ର କିଶୋର ତାଙ୍କ ସର୍ଜକ ସତ୍ତା କାହାର ଅନୁଗତ ନୁହେଁ ବୋଲି ଦୃଢ଼ ଘୋଷଣା କରିଥାନ୍ତି ।

ବିଦାୟ ରାଜେନ୍ଦ୍ର । ଓଡ଼ିଆ କବିତାରେ ଆପଣ ରହିବେ ବର୍ଣ୍ଣୋଜ୍ଜ୍ୱଳ ହୋଇ ।

- ସୂର୍ଯ୍ୟ ମିଶ୍ର, କବି

### କବିତାର ରାଜା ଓ ଇନ୍ଦ୍ର : ରାଜେନ୍ଦ୍ର

ଆମ ସମୟର ଅନ୍ୟତମ ଶ୍ରେଷ୍ଠ କବି ରାଜେନ୍ଦ୍ର କିଶୋର ପଣ୍ଡା । ନିଜ କବିତାରେ ମଣିଷକୁ ଆଶ୍ୱସନା ଓ ଆଶ୍ରୟ ଦେବାରେ ଏକ ନୂଆ ଦିଗ ଦେଇଛନ୍ତି ଓଡ଼ିଆ ସାହିତ୍ୟକୁ । ନୂଆ ନୂଆ ଶବ୍ଦ ନିର୍ମାଣ ଏବଂ ଶବ୍ଦ ବସାଣରେ ଧୁରନ୍ଧର କବି କବିତାକୁ ଦେଇଛନ୍ତି ନୂଆ ରୂପ । ତାଙ୍କର ଅକସ୍ମାତ ଏମିତି ବିଦାୟ ନେଇ ଚାଲିଯିବା ସ୍ତବ୍ଧ କରିଦେଇଛି ଓଡ଼ିଆ ସାହିତ୍ୟକୁ । ତାଙ୍କ ଅବର୍ତ୍ତମାନରେ ସୃଷ୍ଟି ହେଇଚି ଅପୂରଣୀୟ ଶୂନ୍ୟସ୍ଥାନ । ତେବେ ସେଇ ଶୂନ୍ୟସ୍ଥାନକୁ ପୂରଣ କରିପାରିବ କେବଳ ତାଙ୍କରି ସ୍ୱର ଓ ତାଙ୍କର ଶବ୍ଦ ।

ତାଙ୍କ କବିତାର ଠାଣୀ ସ୍ୱତନ୍ତ୍ର । ଅନନୁକରଣୀୟ । କେତେ ସଂଭ୍ରାନ୍ତ ତାଙ୍କର ଶୈଳୀ । ଗୁରୁଗମ୍ଭୀର ସ୍ୱରରେ ସାଧାରଣ ମଣିଷର ଅସହାୟତା ଓ ସାଧାରଣ ମଣିଷର ସୀମିତତାକୁ ପ୍ରକାଶ କରିପାରନ୍ତି ସେ । ଅସହାୟ ମଣିଷ ପାଇଁ ସାନ୍ତ୍ୱନାର ସ୍ୱରଟିଏ ଶୁଭେ ପୁଣି କେତେବେଳେ ଯୁଦ୍ଧ ପାଇଁ ଉଦାତ୍ତ ଗୁରୁଗମ୍ଭୀର ସ୍ୱର । ନିଜେ କବି ରାଜେନ୍ଦ୍ର ପଣ୍ଡା ମତ ଦିଅନ୍ତି -କବିତା ମାଧ୍ୟମରେ ଯେ ଏକ ବିରାଟ ବିପ୍ଳବ ସଂଘଟିତ ହେଇଯିବ ଏପରି ଦମ୍ଭ ପୋଷଣ ନ କରିବା ହିଁ ଉଚିତ । କିନ୍ତୁ ଏ କଥା ବି ସ୍ୱୀକାର କରନ୍ତି ଯେ, ଏଇ କବିତାର ସୌନ୍ଦର୍ଯ୍ୟ ଟିକକ ହିଁ କବିକୁ ସବୁ ଅପମାନକୁ, ସବୁ ଲାଞ୍ଛନାକୁ ଅତିକ୍ରମ କରିବାକୁ ଶକ୍ତି ଯୋଗାଏ ।

ଜୀବନକୁ ଓ ଜଗତକୁ ଗଭୀର ଭାବରେ ଭଲପାଉଥିବା କବି ଆଜି ସମସ୍ତଙ୍କୁ ଛାଡ଼ି ଦେଇ ଅନ୍ୟ ଏକ ଜଗତରେ । ହୁଏତ ସେଇଠି ସେ କବିତା ଲେଖୁଥିବେ ପ୍ରିୟ ସହକବିମାନଙ୍କ ପାଇଁ ଆଉ କହୁଥିବେ -

"କଲମ ଛାଡ଼ି ବଲମ ଉଠେଇବା କିଆଁ
ବୁଝାଏ, କଣାଏ, ଦାନାଏ - ବସୁଧାକୁ ମଣିଷକୁ
କ'ଣ ବା ଦେଇପାରିବେ ନୂଆ ?"

- ପ୍ରୀତିଧାରା ସାମଲ, କବି

### ସ୍ମୃତି ରାଜେନ୍ଦ୍ର

ଭଞ୍ଜକଳା ମଣ୍ଡପରେ 'ଟାଇମପାସ୍'ର ସାହିତ୍ୟ ଉତ୍ସବରେ ପ୍ରଥମ ଥର ତାଙ୍କ ସହ ସାକ୍ଷାତ ଆଜକୁ ସାତ ବର୍ଷ ତଳେ । ପ୍ରଥମ ସାକ୍ଷାତ ଦିନ, ମୋ' କାନ୍ଧରେ ସେ ହାତ ପକେଇ ଠିଆ ହେଇଥିବା ବେଳର ଯେଉଁ ଫଟୋଟି ଉଠେଇଥିଲି, ସେଇଟି ମୋତେ ଖୁବ୍ ପ୍ରିୟ, ଏବଂ ମୋ ଦୃଷ୍ଟିରେ, ବିରଳ । କାରଣ ତାଙ୍କ ପାଖରେ ଠିଆହେବା, ତାଙ୍କ ସହିତ ଫଟୋ ଉଠେଇବା ବା ତାଙ୍କୁ ଭେଟିବାକୁ ଯାଇ ତାଙ୍କ ସହିତ କଥା ହେବା ପାଇଁ ମୁଁ (ମୋରି ଭଳି ଆହୁରି ଅନେକ) ସବୁବେଳେ କୁଣ୍ଠିତ । ଏ କୁଣ୍ଠାର କାରଣ ତାଙ୍କ ପ୍ରତି ଗଭୀର ସମ୍ମାନବୋଧ ଓ ଭଲପାଇବା । 'ବର୍ଣ୍ଣମାଳା' ପାଇଁ 'ଫୁଟ୍‌ପ୍ରିଣ୍ଟସ' ସଂକଳନ ପ୍ରସ୍ତୁତ କରିବା ବେଳେ ତାଙ୍କ ସହ ଦୀର୍ଘ ଆଲୋଚନା ହେଇଚି ଓ ଅନେକ ଥର ଆମର ମତାନ୍ତର ବି ଘଟିଛି । କିନ୍ତୁ ସବୁଥର, ତାଙ୍କ ଉଦାରତା ଓ ସ୍ନେହ ଆଗରେ ମୁଁ ଛୋଟ ହେଇଯାଇଛି ।

'ଇନ୍ଦ୍ରଧନୁ' ସିନେମାର ପର୍ଯ୍ୟାୟନ ବେଳେ ଅସୁସ୍ଥତା ସତ୍ତ୍ୱେ ସେ ଜୟଦେବ ଭବନକୁ ଆସିବା ଓ ଅଢ଼େଇ ଘଣ୍ଟା ଆମ ସହିତ ବିତେଇବା, ମତେ ସବୁବେଳେ ଭାବପ୍ରବଣ କରିବ । ଆହୁରି ବି ଅଧିକ ଭାବପ୍ରବଣ ଓ ଲୁହ ଛଳଛଳ କରିବ ଏ ସ୍ୱୀକାରୋକ୍ତି, ଯେ ତାଙ୍କ ଅସୁସ୍ଥତା ବେଳେ ତାଙ୍କୁ ଥରୁଟିଏ ଦେଖିପାରିଲିନି ମୁଁ । ଏପରିକି, ଶେଷ ଦର୍ଶନରୁ ବି ବଞ୍ଚିତ ହେଲି ମୁଁ ହତଭାଗା । ତାଙ୍କର କିନ୍ତୁ ମୃତ୍ୟୁ ନାହିଁ, ଏକଥା ମୁଁ ଖୁବ୍ ଦମ୍ଭର ସହ କହିପାରେ । ଅନ୍ତତଃ ଓଡ଼ିଆ କବିତାକୁ ଭଲପାଉଥିବା ପ୍ରତିଟି ପାଠକ ପାଇଁ ସେ ଚିର ଜୀବନ୍ତ ହେଇ ରହିବେ ।

- ସୂର୍ଯ୍ୟସ୍ନାତ ତ୍ରିପାଠୀ, କବି



# 'କଳିଙ୍ଗ'ରେ କଳଙ୍କ

## ଷ୍ଟାଡିୟମ ଭିତରେ ଗଦାଗଦା ମଦ ବୋତଲ, ମେଞ୍ଚାମେଞ୍ଚା କଣ୍ଡୋମ୍



ଭୁବନେଶ୍ୱର, ୧।୧୧ (ସମିସ): ନବୀନ ସରକାର ସମୟରେ କଳିଙ୍ଗ ଷ୍ଟାଡିୟମରେ ଉଡୁଥିଲା ବିଭିନ୍ନ ଦେଶର ଜାତୀୟ ପତାକା। ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜିତ ହେଉଥିଲା। କଳିଙ୍ଗର ଅନ୍ତର୍ଜାତୀୟ ସ୍ତରର ଟ୍ରାକ୍ ଓ ଟର୍ଫ ବିଦେଶୀ କ୍ରୀଡ଼ାବିତ୍‌ମାନଙ୍କୁ ଆକର୍ଷିତ କରୁଥିଲା। ଏହି ଷ୍ଟାଡିୟମକୁ ପ୍ରଶଂସାରେ କ୍ରୀଡ଼ାବିତ୍‌ମାନେ ପୋତି ପକାଉଥିଲେ। ମାତ୍ର ୧୬ ମାସ ମଧ୍ୟରେ ବଦଳିଯାଇଛି କଳିଙ୍ଗ ଷ୍ଟାଡିୟମର ଚିତ୍ର ଓ ଚରିତ୍ର। ଏବେ ଷ୍ଟାଡିୟମ ପରିସରରେ କେଉଁଠି ମଦ ବୋତଲ ଗଦା ହୋଇଥିବା ଦେଖିବାକୁ ମିଳୁଛି ତ ଷ୍ଟାଡିୟମର ବିଭିନ୍ନ ଶୌଚାଳୟ ଓ ଫ୍ଲସ୍ ଭିତରେ ମେଞ୍ଚାମେଞ୍ଚା ବ୍ୟବହୃତ କଣ୍ଡୋମ ଭର୍ତ୍ତି ହୋଇଥିବା ଦେଖାଯାଇଛି। କଡ଼ା ସୁରକ୍ଷା ବଳୟ ଭେଦକରି ଷ୍ଟାଡିୟମ ପରିସରରେ କିଏ ମଦ୍ୟପାନ କରୁଛି ଓ ଏପରି ଅସାମାଜିକ କାର୍ଯ୍ୟ କରିବାକୁ ସାହସ କରୁଛି, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଥରେ ଅଧେ ଗୋଟାଏ ବା ଯୋଡ଼ିଏ ନୁହେଁ; ଗଲା ୮ ମାସ ହେବ ଷ୍ଟାଡିୟମର ବିଭିନ୍ନ ଶୌଚାଳୟରୁ ମେଞ୍ଚାମେଞ୍ଚା କଣ୍ଡୋମ ବାହାରିବା ରାଜ୍ୟର ଏହି ଗରିମାମୟ କ୍ରୀଡ଼ା ପ୍ରତିଷ୍ଠାନର ସୁନାମରେ କାଳିମା ବୋଳିଦେଇଛି।

ଦେଶ ବିଦେଶରେ କଳିଙ୍ଗ ଷ୍ଟାଡିୟମର ପ୍ରସିଦ୍ଧି ରହିଛି। ଅନେକ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଏଠାରେ ଆୟୋଜିତ ହୋଇଛି। ଓଡ଼ିଶାକୁ ଦେଶର କ୍ରୀଡ଼ା କ୍ୟାପିଟାଲରେ ପରିଣତ କରିବାରେ କଳିଙ୍ଗର ଅବଦାନ ଅନେକ। ଏଠାରେ ଥିବା ଉନ୍ନତମାନର ହାଇ ପର୍‌ଫର୍ମାନ୍ସ ସେଣ୍ଟରରେ ନୀରଜ ଚୋପ୍ରାଙ୍କ ଭଳି ବହୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆଥଲେଟ୍‌ଙ୍କ ସହ ଭାରତୀୟ ପୁରୁଷ ଓ ମହିଳା ହକି ଦଳର କ୍ରୀଡ଼ାବିତ୍‌ମାନେ ମଧ୍ୟ ଏଠାରେ ପ୍ରଶିକ୍ଷଣ ନେଇଛନ୍ତି। ଏହା ସହ ରାଜ୍ୟର ଅନେକ ଛୋଟଛୋଟ ପିଲା କଳିଙ୍ଗ ଷ୍ଟାଡିୟମ ପରିସରରେ ସନ୍ତରଣ, ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଆଥଲେଟ୍ ହେବାର ସ୍ୱପ୍ନ ଦେଖୁଛନ୍ତି।

ଏଠାରେ ଟେନିସ୍, ଆଥଲେଟିକ୍, ଜିମ୍ନାଷ୍ଟିକ୍, ୱେଟ ଲିଫ୍ଟିଂ, ସୁଟିଂ, ଫୁଟବଲ୍ ଖେଳିବା ପାଇଁ ସୁବିଧା ରହିଛି। ଭୁବନେଶ୍ୱର ତଥା ରାଜ୍ୟର ଅନେକ ସ୍ଥାନରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଉନ୍ନତ କ୍ରୀଡ଼ା ତାଲିମ ପାଇଁ କଳିଙ୍ଗ ଷ୍ଟାଡିୟମ୍‌ର ହଷ୍ଟେଲ୍‌ରେ ଛାଡ଼ିଛନ୍ତି। ହେଲେ ଏହି ଷ୍ଟାଡିୟମ ପରିସରରେ ଥିବା ଅଧିକାଂଶ ଶୌଚାଳୟରେ ମାଳମାଳ ବ୍ୟବହୃତ କଣ୍ଡୋମ୍ ବାହାରିବା ପରେ ଏବେ ପିଲାମାନଙ୍କ ପାଇଁ ଅବିଭାବକଙ୍କ ମନରେ ଚିନ୍ତା ବଢ଼ିଛି।

କଳିଙ୍ଗ ଷ୍ଟାଡିୟମ ସମ୍ପୂର୍ଣ୍ଣ ରୂପେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଏହାର ପରିସର ମଧ୍ୟରେ କୌଣସି ବାସଭବନ ନାହିଁ ଓ ଷ୍ଟାଡିୟମକୁ ବାହାର ଲୋକଙ୍କ ଯିବା ଆସିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି। ବୈଧ ଅନୁମତିପତ୍ର ବିନା ଏଠାକୁ କେହି ଯାଇପାରିବେ ନାହିଁ। ଷ୍ଟାଡିୟମର ୯ଟି ଫାଟକରେ ସବୁବେଳେ ନିରାପତ୍ତା ରକ୍ଷୀ ମୁତୟନ ହୋଇଛନ୍ତି। ସାଧାରଣ ଲୋକ ଭିତରକୁ ଯିବା ପ୍ରାୟତଃ ନିଷେଧ। ଏହା ସତ୍ତ୍ୱେ ଷ୍ଟାଡିୟମ ଭିତରକୁ ଏତେ ପରିମାଣର ମଦ ବୋତଲ କିପରି ଯାଉଛି ଓ ଏହାକୁ କିଏ ପିଉଛି ତାକୁ ନେଇ ନେଇ ସନ୍ଦେହ ସୃଷ୍ଟି ହୋଇଛି। କଳିଙ୍ଗ ନିର୍ମାଣ ଆରମ୍ଭରୁ ତତ୍କାଳୀନ ସରକାର ଏହାର ସବୁଜିମାକୁ ଗୁରତ୍ୱ ଦେଇଛନ୍ତି। ଷ୍ଟାଡିୟମର ସୁରକ୍ଷା ଓ ସୁପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଏଠାରେ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ସଚିବଙ୍କର କାର୍ଯ୍ୟାଳୟ ମଧ୍ୟ ରହିଛି। ପ୍ରଶିକ୍ଷାର୍ଥୀଙ୍କ ରହଣି ପାଇଁ

### ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ଅଲଗା ଅଲଗା ହଷ୍ଟେଲ୍ ନିର୍ମାଣ କରାଯାଇଛି। ଏହା ସତ୍ତ୍ୱେ ଷ୍ଟାଡିୟମ୍ ଭିତରେ ଏପରି ଅବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହଲ ସହଜରେ ଗ୍ରହଣ କରିପାରୁନାହିଁ।

କିଛି ମାସ ତଳେ କଳିଙ୍ଗ ଷ୍ଟାଡିୟମ୍‌ର ସିନ୍ଥେଟିକ୍ ଟ୍ରାକ୍‌ରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଗାଡ଼ି ଚାଲୁଥିବାର ଏକ ଭିଡିଓ ଭାଇରାଲ୍ ହୋଇଥିଲା। ଏହି ଭିଡିଓ ଆସିବା ପରେ ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡ଼ାବିତ୍ ଓ କ୍ରୀଡ଼ା ବିଶେଷଜ୍ଞମାନେ ଏହାକୁ ନାପସନ୍ଦ କରିଥିଲେ। ମେଡ଼ିକାଲ ଇମରଜେନ୍ସି କଥା କହି ସେତେବେଳେ ଏହାକୁ ଚାପି ଦେବାକୁ ଉଦ୍ୟମ ହୋଇଥିଲା। ମାତ୍ର ଏବେ ଷ୍ଟାଡିୟମ ପରିସରରେ ଏପରି ଆପତ୍ତିଜନକ ସାମଗ୍ରୀ ମିଳିବା 'କଳିଙ୍ଗ'ର ସୁନାମରେ କେବଳ କଳଙ୍କ ଲଗାଇନାହିଁ, ଷ୍ଟାଡିୟମ ପରିସରରେ ତାଲିମ ନେଉଥିବା ଛାତ୍ରୀମାନଙ୍କ ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୮ ମାସ ହେବ ଏଭଳି ଘଟଣା ବଢ଼ିଚାଲିଥିବା ନଜରକୁ ଆସିଛି। ଖୋଦ୍ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଏଭଳି ଏକ ଅନ୍ତର୍ଜତୀୟସ୍ତରରେ ଷ୍ଟାଡିୟମ୍‌ର ଅଧୋଗତି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ଓ ଏହି ଖ୍ୟାତିସମ୍ପନ୍ନ କ୍ରୀଡ଼ା ପ୍ରତିଷ୍ଠାନର ଭବିଷ୍ୟତକୁ ନେଇ କ୍ରୀଡ଼ବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି।

# ପ୍ରତିଷ୍ଠା ହେଲା ୪୪ଟି ନୂଆ ଉପ-ନିବନ୍ଧନ କାର୍ଯ୍ୟାଳୟ

ଭୁବନେଶ୍ୱର,୧।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ରାଜ୍ୟର ୧୩ଟି ଜିଲ୍ଲାର ୪୪ଟି ତହସିଲରେ ନୂଆ ଉପ-ନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ପର୍ଯ୍ୟାୟକ୍ରମେ ସବୁ ତହସିଲରେ ଉପ-ନିବନ୍ଧନ କାର୍ଯ୍ୟାଳୟ ଖୋଲାଯିବ। ସରକାରୀ ସେବା ସୁବିଧାରେ ପାଇବା ହେଉଛି ଲୋକଙ୍କ ଅଧିକାର। ଲୋକଙ୍କୁ ସମ୍ମାନର ସହିତ ଉତ୍ତମ ସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟର ଆଜିସୁଦ୍ଧା ସମୁଦାୟ ୩୧୭ ତହସିଲ ମଧ୍ୟରୁ ୨୬୧ ତହସିଲରେ ଉପ-ନିବନ୍ଧନ କାର୍ଯ୍ୟାଳୟ ଖୋଲାଯାଇଛି। ବାକି ୫୬ଟି ପର୍ଯ୍ୟାୟକ୍ରମେ ଚଳିତବର୍ଷ ଶେଷ ସୁଦ୍ଧା ଖୋଲିବାପାଇଁ ଯୋଜନା ରଖାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ୧୬ ମାସ ଧରି ଆମ ସରକାର ପ୍ରଶାସନିକ ବ୍ୟବସ୍ଥାରେ ଅନେକ ସଂସ୍କାର ଆଣିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ୩୨ଟି ବିଭାଗର ୪୩୩ଟି ସେବାକୁ ଅନ୍‌ଲାଇନ ଜରିଆରେ ଯୋଗାଇ ଦେଉଛନ୍ତି। ନିକଟରେ ଜମିଜମା ପଞ୍ଜୀକରଣ ପାଇଁ ସ୍ଲଟ୍ ବୁକିଂ ନିମନ୍ତେ ଇ-ରେଜିଷ୍ଟ୍ରେସନ ମୋବାଇଲ୍ ଆପ୍‌ର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଏଥିରେ ସ୍ଲଟ ବୁକିଂ ସହିତ ଇ.ସି ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ମଧ୍ୟ ମିଳିପାରୁଛି। ସ୍ମାର୍ଟ ସର୍ଭେଲାନ୍‌ସ ଜରିଆରେ ସମସ୍ତ ଉପ-ନିବନ୍ଧନ କାର୍ଯ୍ୟାଳୟକୁ ସିସିଟିଭି ଜରିଆରେ ନୀରିକ୍ଷଣ କରାଯାଉଛି। ଏହାଦ୍ୱାରା କର୍ମଚାରୀ ମାନଙ୍କର ସମୟାନୁବର୍ତ୍ତୀତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରାଯାଇ ପାରୁଛି। ଉପନିବନ୍ଧନ କାର୍ଯ୍ୟାଳୟକୁ ଦୁର୍ନୀତି ମୁକ୍ତ ଓ ମଧ୍ୟସ୍ଥି ମୁକ୍ତ କରିବା ଦିଗରେ ଏହି ବ୍ୟବସ୍ଥା ଖୁବ୍ ଉପଯୋଗୀ ହୋଇପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ନୂଆ ସରକାର ଆସିବା ପରେ ଇତି ମଧ୍ୟରେ ୨, ୧୮,୬୧,୦୬୩ଟି ସେବା ଅନଲାଇନ ଜରିଆରେ ଯୋଗାଇଦେଇଥିବା ବେଳେ ୨୫ ହଜାରରୁ ଅଧିକ ବାସଗୃହହୀନ ଲୋକଙ୍କୁ ଘରବାଡି ପଟ୍ଟା ଦିଆଯାଇଛି। ୨୭ ଲକ୍ଷ ଖାତାକୁ ସର୍ବେକ୍ଷଣ କରାଯାଇ ମୃତ ଲୋକଙ୍କ ଜମିବାଡିକୁ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ ରେକର୍ଡ କରାଯାଇଛି। ଏହା ସହିତ ଗତ ଏକ ବର୍ଷ ମଧ୍ୟରେ ୨୩ ହଜାର ୯୮୮ଟି ସରକାରୀ ଶିକ୍ଷାନୁଷ୍ଠାନକୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଲେ ଯେ ଜମି କିଣାବିକା ସମୟରେ ସାଧାରଣତଃ ଭାବେ ଲୋକମାନେ ବହୁତ ହନ୍ତସନ୍ତ ହୁଅନ୍ତି। ଏଥି ପାଇଁ ବିଭାଗରେ ସଂସ୍କାର ଅଣାଯାଇ ସବୁ ତହସିଲରେ ସବ୍ ରେଜିଷ୍ଟ୍ରେସନ୍ ଖୋଲାଯିବା, କିଣାବିକା ପ୍ରକ୍ରିୟାକୁ ସରଳ କରିବା, ରାଜସ୍ୱ ରେକର୍ଡକୁ ସଂଶୋଧନ କରିବା, କ୍ୟାସଲେସ୍ ଅର୍ଥ ନେଣ-ଦେଣ ଏବଂ ତ୍ୱରିତ ପଟ୍ଟା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି। ବ୍ୟବସ୍ଥାକୁ ସହଜ, ସରଳ ଓ ସମୟୋପଯୋଗୀ କରିବା ଦିଗରେ ରାଜସ୍ୱ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି ବୋଲି ସେ କହିଥିଲେ।

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, KAMAL KUMAR PALEI, aged about 38 years, S/o- Sathi Prasad Palei, Resident of At: Sipai, PO: Badajhada, PS: Krushnaprasad, Dist.: Puri, PIN-752030, Odisha, declared by this Affidavit No.1331/2025, Dated: 31.10.2025. That now onwards I shall be known as **KAMAL PALEI** for all future Purposes.

**Notice**
**(Above 18 years of age)**
By virtue of an affidavit sworn before Executive Magistrate, Kutra, Dtd.01.11/2025, I, MAGDALI EKKA, Address Vill.- Khatkurbahal (Malipada), P.O.- Khatkurbahal, P.S.- Kutra, Dist.- Sundargarh (Odisha), PIN-770018 declare that I have changed my name from MAGDALI TIRKEY to MAGDALI EKKA. Henceforth I shall be known as MAGDALI EKKA for all purposes.
**Sd/- MAGDALI EKKA**

**SALE**
1 Number of TRACTOR - SWARAJ 735 FE TRACTOR, Registration No.- OD-22-U-9417 Model- 2022, ENGINE NO - CJ1354NF004743, CHASSIS NO - MBNAJ48AFNTF15516, For Details, contact - 8895995989, 9437355692, Second floor, Plot No-353/2585, Building No-723/1793,At- Bypass Chhaka, Above Punjab National Bank, Po-Salandi Bypass,Via-Kuansa, BHADRAK-756100, PH. NO- 06784-250703

**AFFIDAVIT**
By virtue of an affidavit sworn before Executive Magistrate, Baripada, Mayurbhanj, I, Rajib Lochan Ratha, S/o- Niranjan Ratha, resident of Po/Ps-Bhanjpur, Baripada, Mayurbhanj, Pin-757002, Odisha declare by this affidavit No. 1373 dtd- 31/10/25 that I will be known and signed as Rajib Lochan Ratha for all purposes instead of Rajib Lachan Ratha, that reflects in my Matric Certificate.

**AFFIDAVIT**
By virtue of an affidavit sworn before Notary Public, Bhubaneswar, Affidavit on dated 29-10-2025 I, **SULOCHANA JENA,** permanent resident of Vill. At.- Baradia, Po- Nurtanga, PS- Mahanga, Dist- Cuttack, State- Odisha, Pin- 754204, declare that I have changed my daughter's name from **NAMITA JENA** (Old name) to **RASHMITA JENA** (New name), Henceforth, she shall be known as **RASHMITA JENA** for all future purposes.
Sd-**(SULOCHANA JENA)**

**AFFIDAVIT**
I, AJMER KHAN, aged about 46 years, S/o- SAIDU KHAN, Resident of At: Balisahi, PO: Balikuda, Dist.: Jagatsinghpur, PIN-754108, Odisha,declared by this Affidavit No.1330/ 2025, Dated: 31.10.2025. That now onwards I shall be known as **AJMEER KHAN** for all future Purposes.

**AFFIDAVIT**
By virtue of an affidavit sworn before the Executive Magistrate, Berhampur on dtd.30.10.2025, I, Tapas Ranjan Sahoo, S/o- Pramod Kumar Sahoo, At- Chakamadhupur, P.O.- Madhupur, P.S.-Mahanga, Dist.- Cuttack do hereby declare that my father's correct name is Pramod Kumar Sahoo but in my H.S.C. Certificate it wrongly mentioned as Pramoda Kumar Sahoo. That both the names are one and same person.
**Sd/- Tapas Ranjan Sahoo**

**AFFIDAVIT**
By virtue of an affidavit sworn before Executive Magistrate, Kutra, dated. 29.10.2025, I, Lili Toppo, W/o - Late Alexander Toppo, permanent resident of Vill.-Kukuda, P.O.- Kukuda, P.S.- Rajgangpur, Dist.- Sundargarh (Odisha), PIN-770023 declare that I have changed my son's name from AMARDEEP TOPPO to AMARJEET TOPPO. Henceforth, he shall be known as AMARJEET TOPPO for all purposes.
**Sd/- LILI TOPPO**

**AFFIDAVIT**
By virtue of an affidavit sworn before the Executive Magistrate, Nandapur, vide no.95 dated 29.10.2025 I, Asha Pangi, D/o- Sabana Pangi, W/o- Budra Khilo resident of Vill.- Totaguda, Po.- Hatibari, Ps.- Padwa, Dist.- Koraput, Pin- 764038, Odisha state that, I have changed my name from **Asha Pangi** to **Asha Khilo**. Henceforth I shall be known as **Asha Khilo** for all future purposes.

**AFFIDAVIT**
By virtue of an affidavit Sl. No.- 1291/2025, dtd. 31.10.2025 before the Notary Public, Tentuli Khunti, Dist.- Nabarangpur, I, Bapuni Subudhi, At/Po/Ps.- Khatiguda, Dist.- Nabarangpur have changed my minor daughter's name from Ausharani Subudhi to Aisha Subudhi. Henceforth she will be known as **Aisha Subudhi** for all purposes.
**Sd/- Bapuni Subudhi**

**AFFIDAVIT**
By virtue of an affidavit Sl. No.- 1087, dtd. 22.10.2025 in the court of the Executive Magistrate, Nabarangpur, I, Jasoda Gouda, At- Goudakostiguda, Po- Manchagaon, Dist.- Nabarangpur have changed my name from Yashoda Gauda to Jasoda Gouda. Henceforth I shall be known as Jasoda Gouda for all purposes.
**Sd/- Jasoda Gouda**

**AFFIDAVIT**
By virtue of an affidavit No- 6008 sworn before the Executive Magistrate, Champua on dtd- 31/10/2025, I **Anil Kumar Mahanta**, S/o- Karttika Mahanta, resident of At/Po- Raikala, Ps- Ghagarbeda, Dist- Mayurbhanj, Pin-757035. I am the deponent, I have changed my minor daughter's name from **Khusi Mohanta** (old name) to **Khusirani Mahanta** (new name). Henceforth both name **Khusi Mohanta** and **Khusirani Mahanta** is one & same person she will be known as **Khusirani Mahanta** for all future purposes.
**Anil Kumar Mahanta**

**AFFIDAVIT**
I, Sakyasingha Satapathy, S/o- Sarat Chandra Satapathy, resident of Nabinabag, Sarat Nivas, Lane-2, Near Swapneswar Temple, Dist- Khurda PIN- 752055, Odisha declared by this affidavit No-895, dtd- 01/11/2025 that now onwards I shall be known as **SAKYA SINGH SATAPATHY** for all future purposes.

**AFFIDAVIT**
I, Venkatasatyanarayana, S/o- Late Sanyasi Reddi, resident of Qtr No-C-141, Phase-1, Nalco Nagar, Maitri Vihar, Rail Vihar Road, PO- S.E Rly. Proj. Complex, Chandrasekharpur, Bhubaneswar, Dist- Khordha, Odisha-751023, declare by this affidavit No- 299, dtd 01.11.2025 that now onwards I shall be known as **Venkata Satyanarayana Reddi** for all future purposes.

## ଚନ୍ଦକାରୁ ନରକଙ୍କାଳ ମିଳିବା ଘଟଣାର ପର୍ଦ୍ଦାଫାସ

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ଭୁବନେଶ୍ୱର,୧।୧୧(ସମିସ): ଚନ୍ଦକା ଜଙ୍ଗଲରୁ ନରକଙ୍କାଳ ମିଳିବା ଘଟଣାରୁ ପରଦା ହଟିଛି। ୨୪ଘଣ୍ଟା ଭିତରେ ମୃତକଙ୍କୁ ଚିହ୍ନଟ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ମୃତକ ହେଉଛନ୍ତି, ପିତାଗାଡ଼ିଆ ଗାଁର ବଳରାମ ଦେଓଗାମ୍ (୭୨)। ବଳରାମଙ୍କ ପୁଅ ରାମ ଚରଣ ଦେଓଗାମଙ୍କ ଅଭିଯୋଗକ୍ରମେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଫରେଷ୍ଟ ୱାଚମ୍ୟାନ କହ୍ନେଇ ହେମ୍ବ୍ରମ (୨୭) ଓ ରାମ ସାମଦା (୨୫)କୁ ଗିରଫ କରିଛି ପୁଲିସ।

ପୁଲିସ ସୂଚନାନୁସାରେ, ଗତ ସେପ୍ଟେମ୍ବରରେ ବଳରାମଙ୍କ ନାତୁଣୀ ତଥା ରାମଚରଣଙ୍କ ଝିଅର ଏକୋଇଶିଆକୁ କହ୍ନେଇର ବାପା ପର୍ଶୁରାମ ହେମ୍ବ୍ରମ ଯାଇଥିଲେ। ସେଠାରୁ ସାରି ଫେରିବା ବେଳେ ବଳରାମଙ୍କ ଘର ଠାରୁ ମାତ୍ର ୫୦ ମିଟର ଦୂରରେ ପର୍ଶୁରାମଙ୍କର ମୃତ୍ୟୁ ହୋଇଥିଲା। ବଳରାମ ଗୁଣିଗାରେଡ଼ି କରି ତାଙ୍କ ବାପାଙ୍କୁ ହତ୍ୟା କରିଥିବା ସନ୍ଦେହ କରି କହ୍ନେଇ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲା। ଘଟଣା ବିଷୟରେ ଅନ୍ୟତମ ଅଭିଯୁକ୍ତ ରାମ ସାମଦାକୁ ଜଣାଇବା ସହ ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। ଦୁଇ ବର୍ଷ ପୂର୍ବରୁ ରାମର ବାପା ମଧ୍ୟ ଅଚାନକ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ମୃତ୍ୟୁ ପଛରେ ବଳରାମର ଗୁଣିଗାରେଡ଼ି ଥିବା ରାମ ସନ୍ଦେହ କରିଥିଲା। ଏହାପରେ କହ୍ନେଇ ଓ ରାମ ମିଶି ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ।

ସେପ୍ଟେମ୍ବର ୩୦ ତାରିଖ ରାତିରେ ବଳରାମ ତାଙ୍କ ବିଲକୁ ଯାଇଥିବା ବେଳେ ପୂର୍ବ ଯୋଜନା ମୁତାବକ କହ୍ନେଇ ଓ ରାମ ସେଠାରେ ଲୁଚି ରହିଥିଲେ। ବଳରାମ ମଞ୍ଚା ଉପରକୁ ଯାଉଥିବା ବେଳେ କହ୍ନେଇ ତାଙ୍କୁ ଗୋଇଠା ମାରି ତଳେ ପକାଇ ଦେଇଥିଲା। ରାମ ତାଙ୍କ ଗୋଡ଼ ଦୁଇଟାକୁ ଧରିଥିବା ବେଳେ କହ୍ନେଇ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲା। ଉଭୟ ମିଶି ବଳରାମଙ୍କ ମୃତଦେହକୁ ଜଙ୍ଗଲ ଭିତରକୁ ନେଇ ଗାତ ଖୋଳି ମୃତଦେହକୁ ପୋତି ଦେଇଥିଲେ। ବଳରାମ ସାଙ୍ଗରେ ଆଣିଥିବା ଟର୍ଚ୍ଚ, ପାଣି ବୋତଲ ଓ ଠେଙ୍ଗାକୁ ଅଭିଯୁକ୍ତମାନେ ନିକଟସ୍ଥ ଏକ ପୋଖରୀକୁ ଫୋପାଡ଼ି ଦେଇଥିଲେ। ଏହାପରେ କହ୍ନେଇ ଓ ରାମ ନିଜ ନିଜ ଘରକୁ ପଳାଇ ଯାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୨ ଶ୍ରଦ୍ଧାଳୁ...

ପ୍ରଦେଶରେ ମନ୍ଦିରକୁ ନେଇ ଏଭଳି ଘଟଣାରେ ୨୪ ଜଣ ଭକ୍ତ ପ୍ରାଣ ହରାଇଲେଣି। ମିଳିଥିବା ସୂଚନା ଅନୁଯାୟୀ ମନ୍ଦିର ସିଡ଼ିରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏଥିରେ ଅଧିକାଂଶ ମହିଳା, ଛୋଟପିଲା ଓ ବୟସ୍କ ଲୋକ ରହିଛନ୍ତି। ଏତିକି ବେଳେ ରେଲିଂ ଭାଙ୍ଗିବାରୁ ଲୋକେ ତଳକୁ ପଡ଼ିବାକୁ ଆରମ୍ଭ କରିଥିଲେ। କେତେକ ଲୋକ ୬ ଫୁଟ ଉପରୁ ପଡୁଥିବାରୁ ଦେଖାଯାଇଥିଲା। ମହିଳା ଓ ପିଲାମାନେ ବାହାରକୁ ବାହାରିବା ପାଇଁ ଚିତ୍କାର କରିଥିଲେ। କେତେକ ଲୋକ ନିଜର ଜୀବନ ବଞ୍ଚାଇବାକୁ ଲୋକଙ୍କ ଉପରେ ହିଁ ଚଢ଼ି ବାହାରକୁ ବାହାରି ଯାଇଥିଲେ। ଏହାକୁ ନେଇ ସେଠାରେ ଦଳାଚକଟା ହୋଇଥିଲା।

ପ୍ରତି ସପ୍ତାହରେ ପାଖାପାଖି ୧୫୦୦ରୁ ୨୦୦୦ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଏହି ମନ୍ଦିରକୁ ଆସିଥାନ୍ତି ବୋଲି ଆନ୍ଧ୍ର ପ୍ରଦେଶ ଗୃହମନ୍ତ୍ରୀ ଅନୀତା କହିଛନ୍ତି। କିନ୍ତୁ ଶନିବାର ଏକାଦଶୀ ହେବା କାରଣରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ମନ୍ଦିର ପ୍ରଥମ ମହଲାରେ ସ୍ଥିତ ଓ ସେଠାକୁ ଯିବା ପାଇଁ ୨୦ଟି ସିଡ଼ି ଅଛି। ଶ୍ରଦ୍ଧାଳୁ ଚଢିବା ବେଳେ ଠେଲାପେଲା ହେବା କାରଣରୁ ରେଲିଂ ଭାଙ୍ଗିଥିଲା ଓ ଦଳଚକଟା ହୋଇଥିଲା ବୋଲି ସେ କହିଛନ୍ତି। ଏହି ମନ୍ଦିର ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ। ସେମାନେ ଆଜିର କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ଠାରୁ ଅନୁମତି ନେଇନଥିଲେ। ତେଣୁ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଦୁଃଖଦ ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଶୋକ ପ୍ରକାଶ କରିଛନ୍ତି।

## ଆଖିବୁଜିଲେ ପାତ୍ରପୁର...

ପ୍ରତିନିଧି ମୀନା ଦ୍ୟାନସାମନ୍ତରା ଶୋକପ୍ରକାଶ କରିଛନ୍ତି। ଗାଁରେ ରୂପାଙ୍କ ଶବ ପହଞ୍ଚିଥିବା ବେଳେ ସମ୍ପର୍କୀୟମାନେ ପହଞ୍ଚିବା ପରେ ରବିବାର ତାଙ୍କ ସଂସ୍କାର ହେବ। ପ୍ରକାଶଯୋଗ୍ୟ, ରୂପାଙ୍କ ମା' ପୂର୍ବରୁ ପ୍ରାଣ ହରାଇଥିଲେ। ରୂପାଙ୍କ ମୃତ୍ୟୁ ପରେ ତାଙ୍କ ବାପା ଦିଲେଶ ଏବେ ସଂପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି।

## ପୂର୍ବତନ ବ୍ୟାଙ୍କ ମ୍ୟାନେଜର୍‌ଙ୍କୁ...

୨୫ଲକ୍ଷ ଟଙ୍କା ସହାୟତା କରଜ ରାଶି ନେବା ସହିତ ୨୦୧୮ ନଭେମ୍ବର ମାସରେ ଏହି ଅର୍ଥ ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ସେ ଅର୍ବାନ ବ୍ୟାଙ୍କ କଟକ ତିନିକୋଣିଆ ବଗିଚାର ୧୨୩୦୯୦ ନଂ. ଚେକ୍ ତା ୯-୧୧-୨୦୧୮ର ସମ୍ପୃକ୍ତ ମହିଳା ଠିକାଦାରଙ୍କୁ ପ୍ରଦାନ କରିଥିଲେ। ତେବେ ସମ୍ପୃକ୍ତ ଠିକାଦାର ବ୍ୟାଙ୍କ ମ୍ୟାନେଜର ଦେଇଥିବା ଚେକ୍ ନିଜ ଖାତାରେ ଲଗାଇବାରୁ ଏହା ବାଉନ୍ସ ହୋଇଯାଇଥିଲା। ଏନେଇ ସମ୍ପୃକ୍ତ ମହିଳା ଠିକାଦାର ଚିଠି ପଠାଇବା ପରେ କିଛି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅଦାଲତ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଗୌରୀ ପ୍ରସାଦ ଦାସଙ୍କୁ ୫୦ଲକ୍ଷ ଟଙ୍କା ଜରିମାନା ସମେତ ୨ ବର୍ଷ କାରାଦଣ୍ଡ, ଅନାଦେୟ ଆଉ ୨ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଠିକାଦାର ଉଦୟ ଚନ୍ଦ୍ରିକାଙ୍କ ତରଫରୁ ଯାଜପୁର ରୋଡ୍ କୋର୍ଟର ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପ୍ରସାଦ ପତି ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତ ପୂର୍ବତନ ବ୍ୟାଙ୍କ ମ୍ୟାନେଜରଙ୍କ ତରଫରୁ ଆଇନଜୀବୀ ସୁବାସ ଚନ୍ଦ୍ର ନନ୍ଦ ମାମଲା ପରିଚାଳନା କରୁଥିଲେ।

## ବ୍ୟବସାୟୀଙ୍କୁ ଅପହରଣ...

ସୁନୀଲ ଅଗ୍ରୱାଲଙ୍କ ବୈଶିଙ୍ଗା ଅଞ୍ଚଳରେ ଏକ ରାଇସ୍ ମିଲ୍ ରହିଛି। କିଛି ଲୋକଙ୍କ ସହ ମିଶି ସେ ବେତନଟୀ ବ୍ଲକ ଅଞ୍ଚଳରେ ଏକ ଜମି କାରବାର କରିଥିଲେ। ଉକ୍ତ ଜମି କାରବାର ଭାଗ ଟଙ୍କା ଦେବେ ବୋଲି ଡିଲ୍ ହୋଇଥିଲା। କିନ୍ତୁ ଜମି କାରବାର ପରେ ସୁନୀଲ ଟଙ୍କା ଦେଇନଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ମାରପିଟ୍, ଗଣ୍ଡଗୋଳ ହୋଇ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଡିଲ୍ ଟଙ୍କା ଆଦାୟ କରିବା ପାଇଁ ସମସ୍ତ ଗ୍ରୁପ୍ ସଦସ୍ୟମାନେ ତାଙ୍କୁ ଅପହରଣ କରି ମୁଣ୍ଡ ଜାମିନରେ ଟଙ୍କା ଆଦାୟ କରିବାର ଯୋଜନା କରିଥିଲେ। ତେଣୁ ସୁନୀଲଙ୍କୁ ଯୋଜନା କରି ଅପହରଣ କରିନେଇଥିଲେ।

ଗତ ଅକ୍ଟୋବର ୨୩ରେ ସୁନୀଲ କାର୍‌ରେ ବାରିପଦାରୁ ବାଲେଶ୍ୱର ଯାଉଥିବା ବେଳେ ଦୁର୍ବୃତ୍ତମାନେ ଦୁଇଟି କାର ଓ ଦୁଇଟି ବାଇକରେ ତାଙ୍କୁ ପିଛା କରିଥିଲେ। ୧୮ ନମ୍ବର ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟ୍ ନିକଟରେ ସେମାନେ ତାଙ୍କୁ ଜୋରଜବରଦସ୍ତ ଅଟକାଇଥିଲେ। ତାଙ୍କ ମୁଣ୍ଡକୁ ଆକ୍ରମଣ କରି ଚେତାଶୂନ୍ୟ କରିବା ପରେ ଅପହରଣ କରି ରୁପ୍ସା ନେଇଯାଇଥିଲେ। ସେଠାରେ ସେମାନେ ସୁନୀଲଙ୍କୁ ବନ୍ଧୁକ ଓ କଟୁରି ଦେଖାଇ ଭୟଭୀତ କରିବା ସହ ମୁକ୍ତ କରିବା ପାଇଁ ତାଙ୍କ ପରିବାରଲୋକଙ୍କୁ ୨ କୋଟି ଟଙ୍କା ଦାବି କରିଥିଲେ। ତେବେ କଥା ୮୦ଲକ୍ଷରେ ଛିଡ଼ିଥିଲା। ପରିବାରଲୋକେ ଶୁକ୍ରବାର ୮୦ଲକ୍ଷ ଟଙ୍କା ନେଇ ସୁନୀଲଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲେ। ଅପହରଣକାରୀମାନେ ଟଙ୍କା ନେଇ ସୁନୀଲଙ୍କୁ ଛାଡ଼ି ଦେଇଥିଲେ। କିନ୍ତୁ, ପରେ ଅପହରଣକାରୀମାନେ ଜାଣିବାକୁ ପାଇଥିଲେ ଯେ ସୁନୀଲଙ୍କ ପରିବାରଲୋକ ତାଙ୍କୁ ୮୦ ଲକ୍ଷ ବଦଳରେ ୪୦ଲକ୍ଷ ଟଙ୍କା ଦେଇ ଠକି ଦେଇଛନ୍ତି। ତେଣୁ ସେମାନେ ବାକି ଟଙ୍କା ଦେବାକୁ ପୁଣି ଫୋନ୍‌ରେ ଧମକ ଦେଇଥିଲେ। କିନ୍ତୁ ପରିବାରଲୋକେ ଏ ସଂପର୍କରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଥିଲେ।

ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସପି ଓ ବେତନଟୀ ଏସ୍‌ଡିପିଓଙ୍କ ନେତୃତ୍ୱରେ ବେତନଟୀ, ବୈଶିଙ୍ଗା, ମୋରଡା, ରାସଗୋବିନ୍ଦପୁର ଥାନା ଅଧିକାରୀକୁ ନେଇ ଗଠିତ ପୁଲିସ ଟିମ ଚଢ଼ଉ କରି ରୁପ୍‌ସା ଅଞ୍ଚଳରୁ ୪ଜଣ ଅପହରଣକାରୀକୁ ଧରିଥିଲେ। ଘଟଣାର ତଦନ୍ତ ଜାରି ଥିବାବେଳେ ମୁଖ୍ୟ ସୂଚନାଦାତା ପ୍ରାକ୍ତନ କନେଷ୍ଟବଳ ଦାମା ଓରଫ ଦାମୋଦର ପାତ୍ର ସହିତ ୫ଜଣ ସମ୍ପୃକ୍ତ ରହିଛନ୍ତି। ଦାମ ପାଖରେ ବାକି ଟଙ୍କା ଥିବା କୁହାଯାଉଛି। ସେ ସ୍ୱେଚ୍ଛାକୃତ ଅବସର ନେଇ ଜମି କାରବାରରେ ଲିପ୍ତ ରହିଛନ୍ତି। ଅନ୍ୟ ସମସ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସପି କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦୀପକ କୁମାର ଗୋଛାୟତ, ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଥାନା ଅଧିକାରୀ ବାରୁଣୀ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସେମିକଣ୍ଡକ୍ଟର କ୍ଷେତ୍ରରେ...

ରାଜ୍ୟରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ, ତାହା କ୍ଷେପଣାସ୍ତ୍ର, ବୈଦ୍ୟୁତିକ ଗାଡି, ପ୍ରତିରକ୍ଷା ଉପକରଣ, ରେଳବାଇ ଓ ସୌରଶକ୍ତି ଭଳି ଆଧୁନିକ କ୍ଷେତ୍ରରେ ବ୍ୟବହାର କରାଯିବ। ଆଜି ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକସେମ କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକ ଗବେଷଣା ଓ ନବସୃଜନ କେନ୍ଦ୍ର ସ୍ଥାପନ କରିଛି। କେନ୍ଦ୍ର ରେଳମନ୍ତ୍ରୀ ତାଙ୍କ ସାଂସଦ ପାଣ୍ଠିରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇଆଇଟି ଭୁବନେଶ୍ୱରରେ ଏକ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରଛାତ୍ରୀ ମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣାର ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଚିପ୍ ରୁ ସିପ୍ ପର୍ଯ୍ୟନ୍ତ ସମସ୍ତ ମିଶନରେ ଆଗକୁ ବଢୁଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଆତ୍ମନିର୍ଭଶୀଳତାର ଓଡ଼ିଶା ଏକ ନୂତନ କାହାଣୀ ସୃଷ୍ଟି କରୁଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡ଼ିଶା ଏକ ହବ୍ ଭାବେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ସାକାର ହେଉଛି, ଓଡ଼ିଶା ପୂର୍ବୋଦୟର ଗେଟ-ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଏବଂ ଶିକ୍ଷାକୁ ସମନ୍ୱୟ କରି ଆଜି ଆଇ.ଆଇ.ଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ କରାଯିବ। ଆଜି ଯୁବ ପିଢି ପାଇଁ ଏ କ୍ଷେତ୍ରରେ ନିଜର ଅଧିକ ଜ୍ଞାନ ଆହରଣ ଓ ଗବେଷଣ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କର୍ମଲ୍‌କର୍, ଆର୍କେନ୍ କେମିକାଲ୍ ଇଣ୍ଡଷ୍ଟ୍ରୀଜ୍‌ର ପରିଚାଳନା ନିର୍ଦ୍ଦେଶକ ରଞ୍ଜିତ ପେଣ୍ଡୁର୍ଥୀ, ସିକ୍‌ସେମ୍ ପ୍ରା.ଲିର ପରିଚାଳନା ନିର୍ଦ୍ଦେଶକ ଗୁରୁ ଥାଲ୍ଲାପାନେନୀ ପ୍ରମୁଖ ଉପସ୍ଥିତ ଥିଲେ।

**ବିଶେଷ ସୂଚନା**

ଏତଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଚଳିତ ଖରିଫ ଧାନ ଅମଳ ପାଇଁ ଆସନ୍ତା ତା.୦୭-ନଭେମ୍ବର-୨୦୨୫ରିଖରେ ସମସ୍ତ କେନାଲକୁ ଜଳଯୋଗାଣ ବନ୍ଦ କରାଯିବ ଏବଂ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ଚଳିତ ଋତୁରେ ବରଗଡ ମୁଖ୍ୟ କେନାଲ ନଭେମ୍ବର-୦୮ ଠାରୁ ଡିସେମ୍ବର-୩୧ ପର୍ଯ୍ୟନ୍ତ ବନ୍ଦ ରହିବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ କେନାଲ ବନ୍ଦ ର ଅବଧିକୁ ଦୃଷ୍ଟିରେ ରଖି ଚଳିତ ଖରିଫ ଓ ଆସନ୍ତା ରବି ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ,
ବରଗଡ

**ଅଭିଯୁକ୍ତ ବ୍ୟକ୍ତିଙ୍କ ଉପସ୍ଥିତି ଆବଶ୍ୟକତା ସମ୍ପର୍କିତ ଘୋଷଣା**

ଦଣ୍ଡ ପ୍ରକ୍ରିୟା ସଂହିତା ଧାରା ୮୨ ଅନୁସାରେ

ଯେଉଁଥିରେ ମୋ ପାଖରେ ଏହା ଅଭିଯୋଗ ଅଣାଯାଇଛି ଯେ, ଅଭିଯୁକ୍ତ ଅଜୟ କୁମାର ଯାଦବ, ପିତା- ରାମ ନାରାୟଣ ଯାଦବ, ଘର ନମ୍ବର ୧୩୩, ଗଳି ନମ୍ବର-୧୩, ତୁରିଆ ମହଲ୍ଲା, ତୁଗଲକାବାଦ, ଜୟପୁର, ନୂଆଦିଲ୍ଲୀ, ତାଙ୍କ ଉପରେ FIR ନମ୍ବର ୪୨୯/୨୦୨୦, ଧାରା ୩୮୧ IPC, ଥାନା- ନେବ ସରାଇ, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ଅନୁସାରେ ଅପରାଧ କରିବା କିମ୍ବା ଅପରାଧର ସନ୍ଦେହ ରହିଛି ।
ଏହା ଦେଖାଯାଇଛି ଯେ ତାଙ୍କ ଗିରଫ ପାଇଁ ୱାରେଣ୍ଟ ଜାରି ହୋଇଛି କିନ୍ତୁ ଅଜୟ କୁମାର ଯାଦବ ମିଳୁନାହାନ୍ତି, ଏବଂ ଏହା ମୋ ସନ୍ତୁଷ୍ଟି ପାଇଁ ପ୍ରମାଣ ହୋଇଛି ଯେ ସେ ପଳାଇ ଯାଇଛନ୍ତି (କିମ୍ବା ନିଜକୁ ଲୁଚାଇ ରଖିଛନ୍ତି) ଯାହା ଦ୍ୱାରା ଗିରଫ ୱାରେଣ୍ଟ ର ସେବା ଠାରୁ ବଞ୍ଚି ଯାଇପାରିବେ ।
ଏହି ଘୋଷଣା ଦ୍ୱାରା ସୁଚିତ କରାଯାଉଛି ଯେ ଅଜୟ କୁମାର ଯାଦବ, ଉକ୍ତ FIR ନମ୍ବର ୪୨୯/୨୦୨୦, ଧାରା ୩୮୧ IPC, ଥାନା ନେବ ସରାଇ, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ରେ ଅଭିଯୁକ୍ତ, ସେ ୦୬.୧୨.୨୦୨୫ ରେ କିମ୍ବା ତା' ପୂର୍ବରୁ ଏହି ଅଦାଲତ ସମ୍ମୁଖରେ ଉପସ୍ଥିତ ହୋଇ ଅଭିଯୋଗର ଉତ୍ତର ଦେବେ ।

ଆଦେଶାନୁସାରେ
ମିସ୍ ନିଧି ସିଂ
ନ୍ୟାୟିକ ମ୍ୟାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ-୦୩,
ଦକ୍ଷିଣ ଜିଲ୍ଲା, କକ୍ଷ ନମ୍ବର ୨୧୨,
ସାକେତ ଅଦାଲତ, ନୂଆଦିଲ୍ଲୀ

DP/14542/SD/2025
(Court Matter)

ସକାଳ THE SAKALA



www.sakalaepaper.com

### ସଡ଼କ ସୁରକ୍ଷା କମିଟିର ୪୬ତମ ବୈଠକ

# 'ଶୂନ୍ୟ ମୃତାହତ ଉପରେ ଗୁରୁତ୍ୱାରୋପ'

ଭଦ୍ରକ, ୧।୧୧(ସମିସ)



ଜିଲ୍ଲାପାଳଙ୍କ ସଦଭାବନା ଗୃହ ରେ ସଡ଼କ ସୁରକ୍ଷା କମିଟିର ୪୬ ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ଜିଲ୍ଲା ମେଡିକାଲ ଅଫିସର ଡାକ୍ତର ମିନତୀଲତା ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ସଭ୍ୟ ରୋଟାରିଆନ ଅତିସ ବେହେରା, ବସ୍ ସିଣ୍ଡିକେଟ ସଭାପତି ଶ୍ରୀନିବାସ ପତି, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ୧୬ନମ୍ବର ଜାତୀୟ ରାଜପଥର ବିଷ୍ଣୁପୁର ଓ ବାରିକପୁର ରାସ୍ତା ନିର୍ମାଣ, ଗେଲପୁରରୁ ଜ୍ୟୋତି କନଭେଣ୍ଟ ସ୍କୁଲ ରାସ୍ତା ନିର୍ମାଣ, ନୂଆ ବସ୍‌ଷ୍ଟାଣ୍ଡରୁ ଡାହାଣିଗଡ଼ିଆର ପର୍ଯ୍ୟନ୍ତ ଆଲୋକୀକରଣ, ନଭେମ୍ବର ୧ରୁ ୧୫ ପର୍ଯ୍ୟନ୍ତ ଜିରୋ ଫାଟିଲିଟି ବା ଶୂନ୍ୟ ମୃତାହତ ପାଳନ କରିବା ଉପରେ ଆଲୋଚନା କରାଯାଇଥିଲା। ବେଆଇନ ଭାବେ ରାସ୍ତା ରେ ପାର୍କିଂ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି। ପଲ୍ୟୁସନ ନ ଥିବା ବାଇକ କିମ୍ବା ଚାରିଚକିଆ ଯାନ ପାଇଁ ୧୦ହଜାର ଟଙ୍କା ଜରିମାନା ମୋଟର ଭେଇକଲ ଆକ୍ଟ ଅନୁଯାୟୀ ରଖାଯାଇଛି। ସମସ୍ତ ବାଇକ ଓ ଚାରି ଚକିଆ ଯାନ ପଲ୍ୟୁସନ ସାର୍ଟିଫିକେଟ କରିବା ଉଚିତ ବୋଲି ଆର.ଟି.ଓ ସୂଚନା ଦେଇଥିଲେ। ଜାତୀୟ ରାଜପଥର ବାମ ପାର୍ଶ୍ୱ ଭଦ୍ରକରୁ ବାରିକପୁର ଯାଏଁ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଆସନ୍ତା ୭ଦିନ ଭିତରେ ଓ ଡାହାଣ ପାର୍ଶ୍ୱ ନଭେମ୍ବର ମାସ ଶେଷ ସୁଧା ଶେଷ କରିବାକୁ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ନଭେମ୍ବର ଶେଷ ସୁଦ୍ଧା ରାସ୍ତା ଆଲୋକୀକରଣ ଓ ସୁଦ୍ଧା ରାସ୍ତା ନିର୍ମାଣ ଶେଷ ହେବ ବୋଲି ଏନଏଚ ଅଧିକାରୀ ବିଶ୍ୱଜିତ ମହନ୍ତ କହିଥିଲେ। ଜାତୀୟ ରାଜପଥର ସର୍ଭିସ ରୋଡରେ ମହତାବ ଛକରୁ ଆରଡ଼ି ଛକ ରାସ୍ତା ରେ ବର୍ଷା ଜଳ ନିଷ୍କାସନ ନ ହେବାରୁ କମିଟିର ସଭ୍ୟମାନେ କ୍ଷୋଭ ପ୍ରକାଶ ପ୍ରକାଶ କରିଥିଲେ। ଜାତୀୟ ରାଜପଥର ନଳାଙ୍ଗ ନିକଟ, ଓରିୟନ ହୋଟେଲ ପାଖ, ବନ୍ତ ଛକ ନିକଟରେ ବେଆଇନ ଅଟୋ ଓ ବସ୍ ପାର୍କିଂ ବନ୍ଦ କରିବା ପାଇଁ ମଧ୍ୟ ସଭ୍ୟମାନେ ଜିଲ୍ଲାପାଳ ଓ ଅତିରିକ୍ତ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସିସିଟିଭି ଲଗାଇବା, ହେଲମେଟ ପନ୍ଧିବା, ମୋବାଇଲ ଧରି ଗାଡି ଚଳାଇବା, ଦ୍ରୁତ ଗାଡି ଚାଳନା ଉପରେ କାର୍ଯ୍ୟାନୁଷ୍ଠାନ, ସ୍କୁଲ ଗାଡି, ଅଟୋ ଗୁଡ଼ିକ ଯାଞ୍ଚ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଦୁର୍ଘଟଣା ହ୍ରାସ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ। ଏହି ସୂଚନାନୁଯାୟୀ, ଚଳିତ ବର୍ଷ ଅପ୍ରେଲରୁ ସେପଟେମ୍ବର ମାସ (୫ମାସ)ରେ ୫୫୬୩ଟି ଚାଲାଣ କଟାଯାଇଛି। ବିନା ହେଲମେଟରେ

**୫ମାସରେ ୨୯୧ଜଣଙ୍କ ଡିଏଲ ସସ୍‌ପେଣ୍ଡ ଓ ୭୮.୫୮ ଲକ୍ଷ ଜରିମାନା ଆଦାୟ**

**ନଭେମ୍ବର ଶେଷ ସୁଦ୍ଧା ସରିବ ରାସ୍ତା ଆଲୋକୀକରଣ ଓ ନିର୍ମାଣ କାର୍ଯ୍ୟ**

୨ଚକିଆ ଚଳାଇବା, ଦ୍ରୁତଗତି, ମଦ୍ୟପାନ କରି ଗାଡିଚାଳନା, ବିନା ସିଟ୍‌ବେଲ୍ଟରେ ଗାଡି ଚାଳନା, ୩ଜଣିଆ ବାଇକ୍ ଚାଳନା, ନାବାଳକ ବାଇକ ଚାଳନା ଆଦି ବାବଦକୁ ୭୮ଲକ୍ଷ ୫୮ହଜାର ୮୬୦ଟଙ୍କା ଫାଇନ୍ କଟାଯାଇଛି। ୨୯୧ଟି ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି।

### ଆଖଣ୍ଡଳମଣିଙ୍କ ମନ୍ଦିରରେ ପଞ୍ଚୁକ ବ୍ରତ ଆରମ୍ଭ

## ୫ଦିନ ପଞ୍ଚାନନ ବେଶରେ ଦର୍ଶନ ଦେବେ ବାବାମଣି

**ଭଦ୍ରକ/ଆରଡି, ୧।୧୧(ସମିସ):** କାର୍ତ୍ତିକମାସ ଅବସରରେ ଶନିବାରଠାରୁ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ଏହି ବ୍ରତ ରାହାସ ପୂର୍ଣ୍ଣିମା ଯାଏଁ ମଧ୍ୟାହ୍ନ ଧୂପରେ ପଞ୍ଚାନନ ବେଶରେ ଦର୍ଶନ ଦେବେ ବାବା ଆଖଣ୍ଡଳମଣି। ଏଥିସହ ରାହାସ ପୂର୍ଣ୍ଣିମା ଦିନ ଭୋର ସମୟରେ ହବିଷ୍ୟାଳୀ ଭକ୍ତ ବାବାଙ୍କ ପୁଣ୍ୟତୋୟା ଶିବଗଙ୍ଗା ପୁଷ୍କରିଣୀରେ ବୁଡ ପକାଇବା ସହ ବୋଇତ ଭସାଇବେ। ପରେ ଚଉଁରା ମୂଳରେ କାର୍ତ୍ତିକ ମହାତ୍ମ୍ୟ ପଠନ ସହ ଆକାଶ ଦୀପ ପ୍ରଜ୍ୱଳିତ କରିବେ। ଅନ୍ୟପଟେ ବାବାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତି କାନ୍ତି ସହ ବାବାଙ୍କୁ ହରଗୌରୀ ବେଶରେ ସଜ୍ଜିତ କରାଯିବ। ସେହିପରି ଅଁଳା ନବମୀଠାରୁ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ା ପ୍ରାଙ୍ଗଣରେ ଭାଗବତ ସପ୍ତାହ ସହ ଜଗନ୍ନାଥଙ୍କ ମଣ୍ଡପରେ ଭାଗବତ ପଠନ ସହ ରୀତିନୀତି ଅନୁଯାୟୀ ଚାଲିଛି ପୂଜାର୍ଚ୍ଚନା।



## ଦୋଳସାହି-ବୋଡକ ରାସ୍ତା ମରାମତି ଦାବି



**ଦୋଳସାହି, ୧।୧୧(ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଳସାହି-ବୋଡକ ରାସ୍ତାଟି ମରଣଯନ୍ତା ପାଲଟିଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରା ରେ ରହୁଥିବା ନେଇ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଦୋଳସାହିରୁ ବୋଡକ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଉପରେ ତିହିଡି ବ୍ଲକର ୭ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ଏବେ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ବଡ ବଡ ଗର୍ତ୍ତ ସୃଷ୍ଟିହୋଇଛି। ଫଳରେ ଯାତାୟାତ କରୁଥିବା ଦୁଇଚକିଆ ଯାନବାହାନ ଦୈନନ୍ଦିନ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ସେହିପରି ଏହି ରାସ୍ତାର ଦୁଇ ପାର୍ଶ୍ୱକୁ ଜବରଦଖଲ କରାଯାଉଥିବାରୁ ରାସ୍ତା ସଂକୁଚିତ ହେଉଥିବା ଦେଖିବାକୁ ମିଳୁଛି। ଏଥିସହ ଏହି ରାସ୍ତା ରେ ବିଗତ ୧୦ ବର୍ଷ ଭିତରେ ୧୦ରୁ ଅଧିକ ଲୋକଙ୍କ ଦୁର୍ଘଟଣା ରେ ପ୍ରାଣହାନୀ ହୋଇଥିବା ଅଭିଯୋଗ ହେଉଥିଲା ବେଳେ ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବଣିକସଂଘ ପକ୍ଷରୁ ଚା' ବିତରଣ



**ବାରିକପୁର, ୧।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଜନସାଧାରଣଙ୍କୁ ମାଗଣା ଲେମ୍ବୁ ରସ ମିଶ୍ରିତ ନାଲି ଚା' ବିତରଣ କରାଯାଇଛି। ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି ଓ ସମ୍ପାଦକ ରାଜେନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ପ୍ରତ୍ୟକ ଦିନ ପ୍ରାତଃ ଓ ସନ୍ଧ୍ୟାରେ ବଜାରକୁ ଆସୁଥିବା ଲୋକଙ୍କ ପାଇଁ ଏହି ଚାହା ବ୍ୟବସ୍ଥା କରାଯାଇଛି। ଏବେ କାର୍ତ୍ତିକ ବ୍ରତ ଆରମ୍ଭ ହୋଇଥିବା ବେଳେ ବଜାର ନିକଟସ୍ଥ ଛୋଟେଶ୍ୱର ମହାଦେବ ପୀଠ, ତିଆଡ଼ିସାହି ସ୍ଥିତ ଧବଳେଶ୍ୱର ପୀଠ ଓ ନପଙ୍ଗ ସ୍ଥିତ ୧୦୮ ମହାଦେବ ପୀଠକୁ ସକାଳେ ଓ ସନ୍ଧ୍ୟାରେ ଅନେକ ବ୍ରତଧାରୀ ହବିଷ୍ୟାଳି ଶ୍ରଦ୍ଧାଳୁ ଆସୁଛନ୍ତି। ବିଶେଷ କରି ସେମାନଙ୍କ ପାଇଁ ଲେମନ ଚା' ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହାଛଡା ଅନ୍ୟାନ୍ୟ ଲୋକ ମାନଙ୍କୁ ମଧ୍ୟ ବିତରଣ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମ ପଞ୍ଚୁକ ଯାଏଁ ଚାଲିବ ବୋଲି ଜଣାପଡ଼ିଛି। ଏଥିରେ ସମସ୍ତ ବ୍ୟବସାୟୀ ମାନେ ପର୍ଯ୍ୟାୟକ୍ରମେ ଉପସ୍ଥିତ ରହି ସକାଳ ଓ ସନ୍ଧ୍ୟା ବେଳେ ଜନସାଧାରଣଙ୍କୁ ଚାହା ବିତରଣ କରୁଥିବା ଦେଖିବାକୁ ମିଳିଛି।

## ନୂତନ ପଞ୍ଚାୟତ ନିମନ୍ତେ ତରାଗୋବାସୀଙ୍କ ଆବେଦନ

**ବନ୍ତ/ଆଗରପଡ଼ା, ୧।୧୧(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ତରାଗୋ ଗ୍ରାମକୁ ଏକ ନୂତନ ପଞ୍ଚାୟତ ଗଠନ କରିବା ନିମନ୍ତେ ତରାଗୋ ବାସିନ୍ଦା ଆବେଦନ କରିଥିବା ଜଣାପଡ଼ିଛି। ସେମାନେ ତାଙ୍କ ଆବେଦନ ପତ୍ର ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ବିଡ଼ିଓଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ଗୋବିନ୍ଦପୁର ପଞ୍ଚାୟତର ତରାଗୋ, ଚାରିଘରିଆ, ସୁନା ଗଡିଆ ଓ ପଙ୍ଗିରା ଆଦି ୭ଟି ୱାର୍ଡର ଅଧିବାସୀ ତାଙ୍କ ଆବେଦନ ପତ୍ରରେ ତରାଗୋ ଏକ ରେଭିନ୍ୟୁ ମୌଜା ଯାହା କି ୩ଟି ୱାର୍ଡକୁ ନେଇ ଗଠିତ। ବହୁ ପୂର୍ବରୁ ଏହା ଏକ ପଞ୍ଚାୟତ ଥିଲା। ରାଜନୈତିକ କୋଣରେ ଶିକାର ହୋଇ ତାହା ବଦଳାଇ ହୋଇ କ୍ଷେଣ୍ଟତୀରା ପଞ୍ଚାୟତ ଗଠନ ହେଲା। କାଳ କ୍ରମେ କ୍ଷେଣ୍ଟତୀରା ପଞ୍ଚାୟତକୁ ଭାଗ କରାଯାଇ ଗୋବିନ୍ଦପୁର ଏକ ନୂତନ ପଞ୍ଚାୟତ ହେଲା। ସେତେବେଳେ ବି ତରାଗୋକୁ ଅବହେଳିତ କରି ରଖାଗଲା। ଏବେ ତରାଗୋର ତିନୋଟି ୱାର୍ଡର ଭୋଟର ସଂଖ୍ୟା ୧୮୦୦ ରୁ ୨୦୦୦ ଏବଂ ଅନ୍ୟ ୪ଟି ତିନି ଗୋଟି ୱାର୍ଡ ଚାରିଘରିଆ, ସୁନାଗଡିଆ, ଗଡିଗଡିଆ ଓ ପଙ୍ଗିରାର ୨୫୦୦ ଭୋଟର। ଏହିପରି ତରାଗୋର ସମୁଦାୟ ୩୫୦୦ ରୁ ୪୦୦୦ ହଜାର ଭୋଟର ହେବେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୨୫୦୦ରୁ ଊର୍ଦ୍ଧ୍ୱ ଭୋଟର ହେଲେ ଏକ ନୂତନ ପଞ୍ଚାୟତ ହୋଇପାରିବ ଯାହାକି ତରାଗୋ ଓ ଅନ୍ୟ ୪ଟି ୱାର୍ଡର ଭୋଟର ସଂଖ୍ୟା ମିଶି ୪୦୦୦। ଅନ୍ୟପକ୍ଷରେ ଗୋବିନ୍ଦପୁର ପଞ୍ଚାୟତ ଠାରୁ ତରାଗୋ ୩ କି.ମି., ସୁନାଗଡିଆ, ଚାରିଘରିଆ ୪ କି.ମି. ଏବଂ ଗଳିଗଡିଆ ଓ ପଙ୍ଗିରା ୫କି.ମି. ଦୂରରେ ଅବସ୍ଥିତ। ଯାହାକି ପଞ୍ଚାୟତକୁ କୌଣସି କାମରେ ଯିବାକୁ ଅନେକ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି; ଯେହେତୁ ତରାଗୋ ୭ଗୋଟି ୱାର୍ଡ଼ର ମଧ୍ୟ ସ୍ଥଳରେ ଅବସ୍ଥିତ ତେଣୁ କୌଣସି ୱାର୍ଡ଼ବାସୀଙ୍କୁ ତରାଗୋକୁ ଯିବା ଆସିବାରେ କୌଣସି ସମସ୍ୟାର ସମ୍ମୁଖିନ ହେବାକୁ ପଡ଼ିବ ନାହିଁ। ଏହାକୁ ବିଚାରକୁ ନେଇ ତରାଗୋକୁ ତଦନ୍ତ ଭୁକ୍ତ କରାଇ ଏକ ନୂତନ ପଞ୍ଚାୟତ ଗଠନ କରିବା ନିମନ୍ତେ ଅନୁମତି ପ୍ରଦାନ ପାଇଁ ନିବେଦନ କରିଛନ୍ତି।

## ପରିତ୍ୟକ୍ତ ସ୍ଥାନରେ ପଡ଼ିରହିଛି ଚାଷୀଙ୍କ ଭାଗ୍ୟ



**ବାରିକପୁର, ୧।୧୧(ସମିସ):** ଚଳିତବର୍ଷ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ଇତିମଧ୍ୟରେ ଶେଷ ହୋଇ ଯାଇଛି। ବିଭିନ୍ନ ବ୍ଲକରେ ଥିବା ସମବାୟ ସମିତି ଓ ଏସଏଚଜି ନିକଟରେ ଭଦ୍ରକ ଜିଲ୍ଲାର ହଜାର ହଜାର ଚାଷୀ ଧାନ ବିକିବା ପାଇଁ ନାମ ପଞ୍ଜୀକରଣ କରିସାରିଛନ୍ତି। ଆଉ ଦିନ କେଇଟା ପରେ ମଣ୍ଡି ଖୋଲିବା ସହିତ ଚାଷୀ ଧାନ ବିକ୍ରି କରିବେ। ତେଣୁ ମଣ୍ଡି କର୍ତ୍ତୃପକ୍ଷଙ୍କ ନିକଟରେ କୃଷକ ନାମ ପଞ୍ଜିକରଣ ପାଇଁ ଯେଉଁ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଥିଲେ ସେଗୁଡିକ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି। ଏବେ କଂପ୍ୟୁଟର ହାର୍ଡଡିସ୍କ ଓ ଅନଲାଇନରେ ମଣ୍ଡି କର୍ତ୍ତୃପକ୍ଷ ଚାଷୀଙ୍କ ତଥ୍ୟକୁ ପଞ୍ଜିକୃତ କରି ସିଲ କରିଥିବା ବେଳେ ଅସଲି ନଥିପତ୍ର କିନ୍ତୁ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟରେ ରହିଛି। ହେଲେ ପରିତାପର ବିଷୟ ଯେ, ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟର ପରିତ୍ୟକ୍ତ ସ୍ଥାନରେ ହଜାର ହଜାର ପଞ୍ଜୀକରଣ କାଗଜପତ୍ର ବନ୍ଧାହୋଇ ପଡ଼ିରହିଛି। ଯେଉଁ କାଗଜପତ୍ର ଗୁଡିକ ପଞ୍ଜିକରଣରେ ବ୍ୟବହାର ହୋଇଥିଲା ତାହାର ନକଲ ମଣ୍ଡି ନିକଟରୁ ଯୋଗାଣ ବିଭାଗକୁ ପ୍ରେରଣ କରାଯାଇଥିଲା; ଯାହାକୁ ଯୋଗାଣ ବିଭାଗ ଅଦରକାରୀ ଭାବେ କାର୍ଯ୍ୟାଳୟର ପରିତ୍ୟକ୍ତ ସ୍ଥାନରେ କୋଣଠେସା ଭଳି ରଖିଛି। ଯେଉଁଠି ପାନୀୟ ଜଳ ବ୍ୟବସ୍ଥା ରହିଛି ସେଠାରେ କାଗଜ ପତ୍ର ପଡ଼ିଥିବା ଦେଖାଯାଇଛି। ଚାଷୀଙ୍କ ଭାଗ୍ୟ ଏବେ କାଗଜ ବଣ୍ଡଲରେ ଜରାଜୀର୍ଣ୍ଣ ଭାବେ ରହିଥିବା ବେଳେ ଦରକାର ପଡ଼ିଲେ ପ୍ରଶାସନ ସେଗୁଡିକୁ ପୁନଃ ଯାଞ୍ଚ କରିବା ପାଇଁ ବିଫଳ ହେବ। ଅତି ଦାୟିତ୍ୱହୀନ ଭାବେ ଯୋଗାଣ ବିଭାଗ ଅଧିକାରୀ ମାନେ ଗୁରୁତ୍ୱପୂର୍ଣ୍ଣ କାଗଜକୁ ରଖି ଥିବାବେଳେ ତାହା ଧୀରେ ଧୀରେ ନଷ୍ଟ ହୋଇଯିବ। ଏପରିକି କୌଣସି ଆପତ୍ତି ଅଭିଯୋଗ ହେଲେ କାଗଜପତ୍ର ବିନା ଚାଷୀଟିଏ ତାର ହକରୁ ବଞ୍ଚିତ ହେବ ଏଥିରେ ସନ୍ଦେହ ନାହିଁ। ତେଣୁ ପ୍ରଶାସନର ଏଭଳି ବେପରୁଆ କାର୍ଯ୍ୟ ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



**ଅସୁରାଳି, ୧।୧୧(ସମିସ):** ଧାମନଗର ବ୍ଲକ ନଦୀଗାଁ ପଞ୍ଚାୟତ ତିନିଘରିଆ ଗାଁର ଘନଶ୍ୟାମ ଦାସ (୭୮)ଙ୍କ ଶୁକ୍ରବାର ପରଲୋକ ଘଟିଛି। କିଛି ଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତିନିଘରିଆ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ସୁଶାନ୍ତ ଦାସ ମୁଖାଗ୍ନି ଦେଇଥିଲେ।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ପଦଯାତ୍ରା





**ଭଦ୍ରକ, ୧।୧୧(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସର ଏକ ସଚେତନତା ପଦଯାତ୍ରା ସହର ପରିକ୍ରମା କରିଥିଲା। ଏହି ପଦଯାତ୍ରା ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ସଂସ୍କୃତି ଭବନରେ ସମାପ୍ତ ହୋଇଥିଲା। ଜିଲ୍ଲାପାଳ ଦିଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତିକ ନାଥ ମଣ୍ଡଳ ପତାକା ଦେଖାଇ ଉକ୍ତ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ନଗର ପରିକ୍ରମା କରି ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ସବୁ ବର୍ଗର ଲୋକମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହା ପରେ ଜିଲ୍ଲା ସଂସ୍କୃତି ଭବନ ସଭାଗୃହ ପରିସରରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଶ୍ରୀ ରାଉତରାଏ, ବାଲେଶ୍ୱର ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ମଣ୍ଡଳ, ଭିଜିଲାନ୍ସ ଡି.ଏସ.ପି ଦୁଷ୍ମନ୍ତ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଜଗବନ୍ଧୁ ସାହୁ, ଡାକ୍ତର ସଙ୍ଗୀତା ବଳ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଇନ୍ସପେକ୍ଟର ସବିତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ଦୁର୍ନୀତିକୁ ରୋକିବା ସହ ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟାକୁ ସେବା ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଦୁର୍ନୀତି କରୁଥିବା ବ୍ୟକ୍ତି ଏବଂ ଦୁର୍ନୀତି ପ୍ରଶ୍ରୟ ଦେଉଥିବା ବ୍ୟକ୍ତି ସମଭାବେ ଦଣ୍ଡିତ ହେବା ଆବଶ୍ୟକ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଏନ୍‌ଏସିର ୧୦ମ ସାଧାରଣ ଅଧିବେଶନ

# ଅନୁପସ୍ଥିତ ଅଧିକାରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ

ଧାମନଗର, ୧।୧୧(ସମିସ)



ଧାମନଗର ଏନଏସିରେ ବିଗତ ୧ ବର୍ଷ ହେଲା ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଛି। ଏସବୁ ବିଶୃଙ୍ଖଳା ମୂଳରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ରହିଥିବା ନେଇ ସାଧାରଣରେ ମଧ୍ୟ ଆଲୋଚନା ହେଉଛି। ପ୍ରକାଶ ଯେ, ଅଧିକାରୀ ଶ୍ରୀ ନାୟକଙ୍କ ଅସହଯୋଗ ପାଇଁ ଦୀର୍ଘ ୯ ମାସ ହେବ ଏନ୍‌ଏସିର ସାଧାରଣ ଅଧିବେଶନ ହୋଇ ପାରୁ ନଥିଲା। ଗତ ୨୫.୧.୨୫ରେ ନବମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିବା ବେଳେ ପରେ ବିଭିନ୍ନ ମାସରେ ବୈଠକ ପାଇଁ ଅଧିକାରୀ ଶ୍ରୀ ନାୟକ ଜାଣିଶୁଣି ଅସହଯୋଗ କରି ଆସୁଥିଲେ। ୩୧ ଅକ୍ଟୋବର ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅଧକ୍ଷାଙ୍କ ସଭାପତିତ୍ୱରେ ଧାମନଗର ଏନଏସିର ୧୦ମ ଅଧିବେଶନ ଅନୁଷ୍ଠିତ ହେବା ପାଇଁ ୨୫ ତାରିଖରେ ବିଧାୟକ, ସାଂସଦ ଓ କାର୍ଯ୍ୟାଳୟର ସମସ୍ତ ସହଯୋଗୀଙ୍କୁ ସୂଚନା ଦିଆଯାଇଥିଲା। ଏପରିକି ସଭିଙ୍କୁ ସୂଚନା ଦେବାକୁ ସେହି ୨୫ ତାରିଖରେ ବଡ଼ବାବୁ ନିଜ ଦସ୍ତଖତ ଓ ଇଓଙ୍କ ମୋହର ମାରି ନୋଟିସର ଏକ କପି ଦେଇଥିଲେ। ମାତ୍ର ଆଜି ବୈଠକ ଆରମ୍ଭ ହେବାକୁ ଥିବା ବେଳେ କିଛି ପାରିଷଦ ବୈଠକରେ ଅନୁପସ୍ଥିତ ଥିଲେ। ଏପରିକି ନିଜେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ମଧ୍ୟ ସରକାରୀ କ୍ଷମତା ଚାପରେ ଚାପିହୋଇ ଏହି ବୈଠକକୁ ଭଣ୍ଡୁର କରିବା ପାଇଁ ଦେହ ଖରାପ କଥା କହି ଅନୁପସ୍ଥିତ ଥିଲେ। ଏଣୁ ନିର୍ବାହୀ ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଓସିମ ଏକଦାନି କାଦରିଙ୍କ ସହ ୪ ଜଣ ପରିଷଦକୁ ନେଇ ନିଜ କାର୍ଯ୍ୟାଳୟରେ ବୈଠକ କରିଥିବା ଦେଖାଦେଇଛି। ଏହି ବୈଠକରେ ଏନଏସିର କାଉନସିଲର ରହେମା ଖାତୁନ, ନଜମା ଖାଟୁନ, ଏମଜି ଜୟନୁଲ ହକ ଓ ଉପାଧକ୍ଷ ଓସୀମ ଏକଦାନି କାଦରି ପ୍ରମୁଖ ଉପସ୍ଥିତ ରହି ବିବରଣୀ ପାଠ ସହ ସହରୀ ଅଲୋକିକରଣ, ପରିମଳ, ରାସ୍ତାଘାଟ, ଡ୍ରେନେଜ ଆଦି ବିଭିନ୍ନ ସମସ୍ୟା ଓ ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ଇଓ ଶ୍ରୀ ନାୟକ ଅନୁମୋଦିତ ୩୩ଟି ପ୍ରକଳ୍ପକୁ ଦୀର୍ଘ ମାସ ହେବ ଅନୁମୋଦନ ନ କରିବା, ପାରିଷଦଙ୍କ ୱାର୍ଡ ପ୍ରକଳ୍ପ ଅନୁମୋଦନ ନ କରିବା, ନୋଟିସ ପାଇ ମଧ୍ୟ ସାଧାରଣ ଅଧିବେଶନରେ ଅନୁପସ୍ଥିତ ରହିବା ଆଦି ଉପରେ ଅଧିବେଶନରେ ଆଲୋଚନା ପରେ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ନିର୍ବାହୀ ଅଧିକାରୀ ଶ୍ରୀ ନାୟକଙ୍କ ଅସହଯୋଗ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ, ସଚିବ, ଭଦ୍ରକ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ସମେତ ସମସ୍ତ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଅଧକ୍ଷା ଶ୍ରୀମତୀ ଜେନା ଅଧିବେଶନରେ ସୂଚନା ଦେଇଥିଲେ। ଉଦ୍ଦେଶ୍ୟମୂଳକ ଭାବେ ଏନଏସି ଅଞ୍ଚଳରେ ଉନ୍ନତି ମୂଳକ କାର୍ଯ୍ୟରେ ଅସହଯୋଗ ସହରବାସୀଙ୍କ ଉନ୍ନତିରେ ବାଧା ସୃଷ୍ଟି କରିବା ନେଇ ଅଧିକାରୀ ଶ୍ରୀ ନାୟକଙ୍କ ଉଦ୍ଦେଶ୍ୟରେ ଉକ୍ତ ବୈଠକରେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ଏପଟେ ପାରିଷଦର ୧୧ ଜଣ ସଭ୍ୟ ଥିବାବେଳେ ୪ଜଣ ବୈଠକରେ ଯୋଗ ଦେଇଥିବାରୁ ସରକାରୀ ଦଳର କିଛି ଛାମୁଆ କର୍ମୀ କାର୍ଯ୍ୟାଳୟ ଠାରେ ପହଞ୍ଚି ସେଠାରେ ଉପସ୍ଥିତ ରହି ବୈଠକକୁ ଭଣ୍ଡୁର କରିବା ପାଇଁ ଚେଷ୍ଟା କଲେ ମଧ୍ୟ ଅଧକ୍ଷାଙ୍କ ରୁମରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏନେଇ ଅଧିକାରୀ ଶ୍ରୀ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସମ୍ଭବ ହୋଇପାରିନାହିଁ।

### ୫ଟି ଜଳ ନିଷ୍କାସନ ନାଳ ଅବରୋଧ

# ଧାମରା ବନ୍ଦର ୩ ନମ୍ବର ଗେଟ୍ ଆଗରେ ଚାଷୀଙ୍କ ଧାରଣା

**ଭଦ୍ରକ, ୧।୧୧(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଧାମରା ଆଦାନୀ ବନ୍ଦର ୩ ନମ୍ବର ଗେଟ ଆଗରେ ସ୍ଥାନୀୟ କଇଥଖୋଲା ଓ ଦୋଷୀଙ୍ଗା ପଞ୍ଚାୟତର ଶତାଧିକ ଚାଷୀ ଧାରଣାରେ ବସିଛନ୍ତି। ଦୀର୍ଘ ୫ ବର୍ଷ ହେବ କଇଥଖୋଲା ଏବଂ ଦୋଷୀଙ୍ଗା ପଞ୍ଚାୟତରେ ଥିବା ୫ଟି ପାଣି ନିଷ୍କାସନ ନାଳକୁ ଧାମରା ବନ୍ଦର (ଆଦାନୀ) କର୍ତ୍ତୃପକ୍ଷ ବନ୍ଦ କରି ରଖିଥିବାରୁ ୨ଟି ପଞ୍ଚାୟତର ଶତାଧିକ ଚାଷୀ ନିଜର ଜମିକୁ ଚାଷ କରି ପାରୁ ନାହାନ୍ତି। ଏହି



ବିଷୟରେ ୨ ପଞ୍ଚାୟତର ଚାଷୀ ଜିଲ୍ଲା ପ୍ରଶାସନ ତଥା ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଏହାର ପ୍ରତିବାଦରେ ଶନିବାର ଶତାଧିକ ଚାଷୀ ଧାମରା ବନ୍ଦରରେ ଥିବା ୩ନମ୍ବର ଗେଟକୁ ସମ୍ପୂର୍ଣ୍ଣ ବନ୍ଦ କରି ରଖିଛନ୍ତି। ଫଳରେ ଶତାଧିକ ଟ୍ରକ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ବେଳେ ଧାମରା ବନ୍ଦର ମଧ୍ୟକୁ କାହାରିକୁ ଛଡ଼ା ଯାଉନାହିଁ। ସକାଳ ୭ରୁ ଏହି ଧାରଣା ଜାରି ରହିଛି।

# ଧସିଲା ନଦୀବନ୍ଧ, ଗ୍ରାମବାସୀ ଅସୁରକ୍ଷିତ



**ଅସୁରାଳି, ୧।୧୧(ସମିସ):** ଧାମନଗର ବ୍ଲକ ଅଧୀନ ପାଳସାହି ପଞ୍ଚାୟତର ତୋଟାସାହି ନିକଟରେ ବୈତରଣୀ ନଦୀର ବନ୍ଧ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରାୟ ୧୦୦ ଫୁଟ ଧସି ଯାଇଛି। ଏହାକୁ ନେଇ ତୋଟାସାହି ସମେତ ଆଖପାଖ ଗାଁର ବାସିନ୍ଦା ଭୟଭୀତ ହୋଇ ପଡିଛନ୍ତି। ଗତବର୍ଷ ଏଠାରେ ପଥର ପ୍ୟାକିଂ କରା ଯାଇଥିଲା। ନଦୀବନ୍ଧ ସୁଦୃଢୀକରଣ ପାଇଁ ଏହି ବନ୍ଧ ଉପରେ ମାଟି ପକାଯିବା ସହିତ ମୋରମ ପକାଯାଇଛି। ଆସନ୍ତା ବର୍ଷ ଏହି ବନ୍ଧରେ ପିଚୁ ପକାଯିବା ପାଇଁ ଯୋଜନା ମଧ୍ୟ ହୋଇଛି। ହେଲେ ବନ୍ଧର ସମସ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ଗ୍ରାମବାସୀ କହିଛନ୍ତି। ସେହିଭଳି ସାଇଲୋଠାରେ ଏହି ଭଳି ବନ୍ଧ ବାରମ୍ବାର ଧସୁଛି ହେଲେ ସ୍ଥାୟୀ ପ୍ରତିକାର ନାହିଁ। ଜଳସମ୍ପଦ ବିଭାଗରେ ଯେତେ କାମହୁଏ ସୂଚନା ଫଳକ ମରାଯାଏ ନାହିଁ। ତେଣୁ ଜିଲ୍ଲାପାଳ ନଜର ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଯେତେବେଳେ ଏହି ବନ୍ଧର ନିର୍ମାଣ କାର୍ଯ୍ୟ ଚାଲିଥିଲା ସେତେବେଳେ କାର୍ଯ୍ୟ ନିମ୍ନମାନର ବୋଲି ଦର୍ଶାଇ ବିରୋଧ କରିଥିଲେ। ଠିକାଦାର ଏହାକୁ ଏଡାଇ ଦେଇ କାର୍ଯ୍ୟ ସମାପ୍ତ କରିଥିଲେ। ଶନିବାର ନଦୀବନ୍ଧ ଧସିବା ଖବର ପାଇ ସକାଳେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତଚନ୍ଦ୍ର ଘଡେଇ, ଜେଇ ବିମଳ ବେହେରା ପ୍ରମୁଖ ବନ୍ଧ ଧସିବା ସ୍ଥାନରେ ପହଞ୍ଚିଥିଲେ। ଏହାକୁ ମରାମତି କରିବା ପାଇଁ ତତ୍ପରତା ପ୍ରକାଶ କରିଥିଲେ। ଧସିବା ସ୍ଥାନ ତୁଠ ହୋଇଥିବାରୁ କାଳେ ଲୋକମାନେ ସେଠାକୁ ଯିବେ, ତାହାକୁ ଲକ୍ଷ୍ୟ କରି ସେହି ସ୍ଥାନରେ ବିଭାଗ ପକ୍ଷରୁ ତାରବାଡ ଦିଆଯାଇଥିଲା। ସପ୍ତାହେ ମଧ୍ୟରେ ଏଠାରେ ମାଟି ପକାଯାଇ ସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜେଇ ଶ୍ରୀ ବେହେରା କହିଛନ୍ତି।

## ଆରମ୍ଭ ହେଲା ପଞ୍ଚୁକ ବ୍ରତ

**ଅସୁରାଳି,୧।୧୧(ସମିସ):** ପଞ୍ଚକ ବା ପଞ୍ଚୁକ ଅବସରରେ ଗାଁଠାରୁ ଆରମ୍ଭ କରି ସହର ଯାଏଁ ହବିଷ୍ୟ।ାଳୀମାନେ ଭାଗବତ ପଠନ ଓ ଶ୍ରବଣ କରିବା ସହ ଆଧ୍ୟାତ୍ମିକତାର ପାବନ ପୀୟୂଷରେ ଲୀନ ହୋଇଯାଆନ୍ତି। ଗୋବିନ୍ଦପୁରରେ ମଧ୍ୟ ପଣ୍ଡିତ ଗଣେଶ ପଣ୍ଡାଙ୍କ ମୁଖରୁ ଭାଗବତ ପରାୟଣ କରାଯାଇଥିଲା। ଶ୍ରୋତା ଭାବେ ମଉଡ଼ମଣି ପତି, କୌଶଲ୍ୟା ନାଥ, ସମ୍ପଦ ପଣ୍ଡୁ, ବାସନ୍ତୀ ଦାସ, କିରଣ ନାଥ, ଉମାମଣି ନାଥ, ଅନ୍ନପୂର୍ଣ୍ଣା ପାହାଳ, ନିରୁପମା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଘଣ୍ଟଘଣ୍ଟା, ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥାଏ ପରିବେଶ। ମା' ବୃନ୍ଦାବତୀଙ୍କ ପାଖରେ ସମସ୍ତେ ଏକତ୍ରିତ ହୋଇ ଭାଗବତ ସାର କଥା ଶୁଣିଥାନ୍ତି।



## ଆପ୍ତିରା ୟୁଜିଏମ୍‌ଇରେ କ୍ଲଷ୍ଟରସ୍ତରୀୟ ବୈଠକ



**ବନ୍ତ/ଆଗରପଡ଼ା,୧।୧୧(ସମିସ):** କାଦବରାଙ୍ଗ କ୍ଲଷ୍ଟର ଚଳିତ ବର୍ଷର ପଞ୍ଚମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଆପ୍ତିରା ୟୁଜିଏମଇ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ପ୍ରଦୀପ ପଲାଇଙ୍କ ସଂଯୋଜନା ଓ ଆପ୍ତିରା ୟୁଜିଏମଇର ପ୍ରଧାନଶିକ୍ଷକ କୁଳମଣି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କ୍ଲଷ୍ଟର ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଜଣେ ଜଣେ ଏଫ୍‌ଏଲଏନ ଉତ୍ସର୍ଗୀକୃତ ଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଜାନକିବାଲା ଜେନା ସଂଖ୍ୟାଜ୍ଞାନ ଉପରେ ଶିକ୍ଷା ଦେଇଥିଲେ। ଏଥିରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଏସଏମସି ସଭ୍ୟସଭ୍ୟା ସହଯୋଗ କରିଥିଲେ। ଅନୁରୂପ ଭାବେ ନରାଜପୁର କ୍ଲଷ୍ଟରର ବଡ଼ମହିଁଷଗୋଠ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ସାଇବର ସୁରକ୍ଷା ସଚେତନତା ଶିବିର

**ବାରିକପୁର, ୧।୧୧(ସମିସ):** ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ କାର୍ଯ୍ୟକ୍ରମରେ ଆଜି ସାଇବର ସୁରକ୍ଷା ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭରତଚନ୍ଦ୍ର କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁଲିସ ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗଉପରେ ଆଲୋକପାତ କରିଥିଲେ। ଏନେଇ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ତାଲିମ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ଦେବଦତ ଦାସ ଓ ଥାନାଧିକାରୀ କମଳାକାନ୍ତ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ହରିହର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନନ୍ତ କିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଅନୁସୟା ରଣାଙ୍କ ସ୍ମୃତିରେ ଛାତ୍ରଛାତ୍ରୀ ପୁରସ୍କୃତ

**ଅସୁରାଳି,୧।୧୧(ସମିସ):** ଜନକଲ୍ୟାଣ ସମିତି ଆମ୍ବିଳିଗାଁ ତରଫରୁ ଅନୁସୟା ରଣାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଧୂଷୁରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ନୃତ୍ୟ, ସଙ୍ଗୀତ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ପ୍ରତିଭାଙ୍କୁ ପ୍ରମାଣପତ୍ର ସହ ପଦକ ପ୍ରଦାନ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ରମାପଦ ରଣାଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ରୂପେ ଶିକ୍ଷାବିତ୍ ବନମାଳି ମିଶ୍ର ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧୂଷୁରୀର ବିଦ୍ୟୁତ୍ ପରିଷଦର ସମ୍ପାଦକ ସତ୍ୟବ୍ରତ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଶିଶୁ ମାନଙ୍କୁ ପୁରସ୍କୃତ କରିବା ସହତ ଶିଶୁମାନଙ୍କ ପ୍ରତିଭା କିପରି ବିକଶିତ ହେବ ସେ ବିଷୟରେ ଉତ୍ସାହ ଓ ପ୍ରେରଣା ଦେଇଥିଲେ। ଜନକଲ୍ୟାଣ ସମିତିର ସମ୍ପାଦକ ମାନସ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଆଚାର୍ଯ୍ୟା କଳ୍ପନା ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କୃତ ପ୍ରତିଭାମାନେ ହେଲେ ନୃତ୍ୟରେ ଶ୍ରୀନିଧି ପଲେଇ (ଶ୍ରେଣୀ- ପ୍ରଭାତ), ଶ୍ରେୟାଂଶୀ ପରିଡା (ଶ୍ରେଣୀ- ଉଦୟ) ଓ ସାଇସଂପୂର୍ଣ୍ଣା ମୁଦୁଲି (ଶ୍ରେଣୀ-ଉଦୟ) ସଂଗୀତରେ ସାଇରାଜ ପୋଥାଳ (ଶ୍ରେଣୀ-୨ୟ), ଅନୁଷ୍କା ନାୟକ (ଶ୍ରେଣୀ-ପ୍ରଥମ) ଓ ସ୍ୱାଧୀନ ଗାହାଣ ସାଧାରଣ ଜ୍ଞାନରେ ପୂନମ୍ ପ୍ରିୟଦର୍ଶିନୀ ପତି(ଶ୍ରେଣୀ-୫ମ), ଏସ.ଟି ପ୍ରିୟାଂଶୀ ମିଶ୍ର (ଶ୍ରେଣୀ-୪ର୍ଥ), ଉପାସନା



ପାଣିଗ୍ରାହୀ (ଶ୍ରେଣୀ ୪ର୍ଥ), ସାଇ ଶ୍ରୀମାନ୍ ମିଶ୍ର (ଶ୍ରେଣୀ- ୬ଷ୍ଠ), ଆଶୁତୋଷ ମୁଦୁଲି (ଶ୍ରେଣୀ ୭ମ) ଓ ସୌମ୍ୟାଶ୍ରୀ ନାୟକ (ଶ୍ରେଣୀ-୭ମ)। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟା ଓ ସେବିକାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଳଣା ସାଧନକେନ୍ଦ୍ର ଅଂଶୀଦାର ବୈଠକ



**ଭଣ୍ଡାରିପୋଖରୀ,୧।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକର କୁଳଣା ସାଧନକେନ୍ଦ୍ର ପକ୍ଷରୁ ୫ମ ଅଂଶୀଦାର ବୈଠକ ପନଖା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଶନିବାର ଅନୁଷ୍ଠତ ହୋଇଯାଇଛି। ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ମାସ ଶିକ୍ଷା ଖସଡା ପ୍ରସ୍ତୁତି ସହ ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହ ଭାଷା ଓ ସଂଖ୍ୟାଜ୍ଞାନ, ନିପନ ବିଦ୍ୟାଳୟ, ଏସଓପି ଶିକ୍ଷକ, ଛାତ୍ର ଉପସ୍ଥାନ, ଶୈକ୍ଷିକ ଯୋଜନା, ପାଠ ଟୀକା ସହ ଶିକ୍ଷା ସଂଯୋଜକଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ସମ୍ପର୍କରେ ସାଧନକେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀମାନେ ଆଲୋଚନା କରିଥିଲେ। ଏଥିରେ ଆଗରପଡା ଶିକ୍ଷକ ତାଲିମ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଡଃ ପ୍ରଦୀପ କୁମାର ନାୟକ ଓ କିରଣ କୁମାର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।

## ପାନଛେପ ପାଇଁ ଜରିମାନା ନୋଟିସ

**ଭଣ୍ଡାରିପୋଖରୀ, ୧।୧୧ (ସମିସ):** ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟର କାନ୍ଥ ପାନଛେପ ଦ୍ୱାରା ରଙ୍ଗ ବେରଙ୍ଗ ହୋଇଥିବା ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବ୍ଲକ ପ୍ରଶାସନ ଚେତିଛି। ବ୍ଲକର ସମସ୍ତ ଏଭଳି ଅପରିଷ୍କାର ସ୍ଥାନକୁ ଶୁକ୍ରବାର ପରିଷ୍କାର କରାଯିବା ସହ ପାନଛେପ ପକାଉଥିବା ବ୍ୟକ୍ତିଙ୍କ ଉପରେ ଶହେ ଟଙ୍କା ଜରିମାନା ହେବ ବୋଲି ନୋଟିସ ଲଗାଯାଇଛି। ଏହାକୁ ପାଳନ କରିବାକୁ ଆଗନ୍ତୁକମାନଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିପାଇଁ ବ୍ୟାପକ ଜନସେଚେତନତା ସୃଷ୍ଟି କରାଯିବ ବୋଲି ପଞ୍ଚାୟତସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ବିଡିଓ ଦେବଦତ୍ତ ଦାଶ, କର୍ମଚାରୀ ଉଦୟନାଥ ବେଜ ପ୍ରମୁଖ ସୂଚନା ଦେଇଛନ୍ତି।

## ମହାନତା ଦେଖାଇଲେ ଗ୍ୟାରେଜ ମାଲିକ; ଫେରାଇଲେ ଟଙ୍କା



**ଭଦ୍ରକ,୧।୧୧(ସମିସ):** ମହାନତା ଦେଖାଇଲେ ଗ୍ୟାରେଜ ମାଲିକ। ମହିଳାଙ୍କୁ ଫେରାଇଲେ ଏଟିଏମରେ ଛାଡି ଯାଇଥିବା ଟଙ୍କା। ଘଟଣା ଅନୁଯାୟୀ, ଚରମ୍ପା ନିକଟସ୍ଥ ବଣିଆ ଗାଁର ରୀନାରାଣୀ ସ୍ୱାଇଁ ଗତ ୨୭ ତାରିଖରେ କାଳୀପୂଜା ବୁଲିବାକୁ ଆସି ଚରମ୍ପାସ୍ଥିତ ଏସବିଆଇ ଏଟିଏମରୁ ଟଙ୍କା ଉଠାଇଥିଲେ। ମାତ୍ର କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଟିଏମରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଟଙ୍କା ନବାହାରିବାରୁ ବ୍ୟାଙ୍କରେ ଅଭିଯୋଗ କରି ଫେରିଯାଇଥିଲେ। ମାତ୍ର ସେହିଦିନ ଚରମ୍ପା ଅଞ୍ଚଳରେ ଗ୍ୟାରେଜ କରିଥିବା ସନ୍ତୋଷ କୁମାର ବାରିକ ସଂପୃକ୍ତ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇ ୯ ହଜାର ୫୦୦ ଟଙ୍କା ଏଟିଏମରେ ବାହାରିଥିବା ଦେଖିଥିଲେ। ଯାହାକୁ ନେଇ ସନ୍ତୋଷ ଭଦ୍ରକ ଟାଉନ ଥାନାକୁ ଏ ସଂପର୍କରେ ଜଣାଇବା ସହ ଟାଉନଥାନା ଅଧିକାରୀଙ୍କୁ ଟଙ୍କା ହସ୍ତାନ୍ତର କରିଥିଲେ। ପରେ ଘଟଣା ସଂପର୍କରେ ରୀନାରାଣୀ ବ୍ୟାଙ୍କରୁ ଅବଗତ ହେବା ପରେ ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କ ଉପସ୍ଥିତରେ ଏହି ଟଙ୍କା ତାଙ୍କୁ ଫେରସ୍ତ କରାଯାଇଥିଲା। ଗ୍ୟାରେଜ ମାଲିକ ସନ୍ତୋଷଙ୍କ ଏପରି ମହାନ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ୧୦୮ ହନୁମାନ ଚାଳିଶା ଓ ପ୍ରବଚନ

**ବାରିକପୁର, ୧।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ରଘୁନାଥଜୀଉ ମନ୍ଦିର ପରିସରରେ ଦ୍ୱାଦଶତମ ହନୁମାନ ଚାଳିଶା ଓ ପ୍ରବଚନ ଜ୍ଞାନଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଛି। ପବିତ୍ର ଅଁଳା ନବମୀଠାରୁ ଉକ୍ତ ବାର୍ଷିକ ଉତ୍ସବ ଆରମ୍ଭ ହୋଇଥିବା ବେଳେ ଏହା ପଞ୍ଚକ ବ୍ରତ ଦିନ ଶେଷ ହେବ। ବିଭିନ୍ନ ସନ୍ଧ୍ୟାରେ ପ୍ରବକ୍ତା ପ୍ରମୋଦ କୁମାର, ମାନସ ପ୍ରଧାନ ଓ ଗୁରୁଚରଣ ନାୟକ ଭାଗବତ କଥାମୃତ ପ୍ରଦାନ କରିଛନ୍ତି। ସେହିଭଳି ବୈଦିକ ରୀତିନୀତି ଅନୁଯାୟୀ ପୂଜକ ଧନଞ୍ଜୟ ମିଶ୍ର ସୁନ୍ଦରାକାଣ୍ଡ ଓ ୧୦୮ ହନୁମାନ ଚାଳିଶା ପାଠ କରିଥିଲେ। ଷୋଳମପୁର ସମେତ ମଣିନାଥପୁର, ବିନ୍ଧାଣ, ଚାଙ୍ଗୁଆ, ବରାହନୂଆପଡା, ଖପୁରିଆପଦା, ମୁଡାପଦା, ଦାଣ୍ଡକୁଳ ପ୍ରମୁଖ ଗ୍ରାମର ଶ୍ରଦ୍ଧାଳୁମାନେ ଆଧ୍ୟାତ୍ମିକ ସନ୍ଧ୍ୟାରେ ଉପସ୍ଥିତ ରହି ଈଶ୍ୱରବାଣୀ ଶ୍ରବଣ କରୁଛନ୍ତି। ଆଧ୍ୟାତ୍ମିକବାଦୀ ଯୁବ ସ୍ୱେଚ୍ଛାସେବୀ ବିଶ୍ୱରଞ୍ଜନ ଜେନାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଛନ୍ତି।



## ଗୀତା ଜାଗରଣ ପରିଷଦର ଭାଗବତ କଥାମୃତ

**ଯାଜପୁର,୧।୧୧ (ସମିସ):** ଯାଜପୁର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ସପ୍ତଦିବସ ବ୍ୟାପୀ ଭାଗବତ କଥାମୃତ ଆଲୋଚନାର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରତିମା କର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ। ଭାସ୍କର ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଆଜି ଦିନର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପୂର୍ବତନ ପ୍ରଶାସନିକ ଅଧିକାରୀ ବିନୋଦ ବିହାରୀ ନାଏକ ଯୋଗଦେଇଥିଲେ। ସହ ସମ୍ପାଦକ ବୃନ୍ଦାବନ ମିଶ୍ର ବିବରଣୀ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଗ୍ରସେନ ଭୂମିକାରେ ରଜତ କୁମାର ମିଶ୍ର, ବାସୁଦେବ ଭୂମିକାରେ ଧନଞ୍ଜୟ ପୃଷ୍ଟି ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ସଭାରେ ଡ. ହରିସ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ନିତ୍ୟାନନ୍ଦ ଦେଓ, ସୁବାସ ମହାପାତ୍ର, ସହ ସମ୍ପାଦକ କାଞ୍ଚନ ବାଳା ତ୍ରିପାଠୀ, ଅନସୂୟା ମିଶ୍ର, ଅଭିମନ୍ୟୁ ମିଶ୍ର, ସୁରଜ ପଣ୍ଡା, ବସନ୍ତ ପତି, ସରୋଜ ଜେନା, ମୋହନ ଚରଣ ସାହୁ, ଜନାର୍ଦ୍ଦନ ମିଶ୍ର, ଅଧିକାରୀ ନବକିଶୋର ଦାସ, ଶିଶିର ମହାପାତ୍ର, ଅନସୂୟା ମିଶ୍ର, ଅର୍ଚ୍ଚନା ମିଶ୍ର, ରବି ନାରାୟଣ କର, ଅକ୍ଷୟ ମିଶ୍ର, ଶେଷରେ ସହ ସମ୍ପାଦକ ବୃନ୍ଦାବନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅସମ୍ପୂର୍ଣ୍ଣ ମେଗା ପାନୀୟଜଳ ପ୍ରକଳ୍ପ

# ପଞ୍ଚାୟତ ଅଞ୍ଚଳ ପରିଦର୍ଶନ କଲେ ଉନ୍ନୟନ ଅଧିକାରୀ

**ବାରିକପୁର, ୧।୧୧ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଦୀର୍ଘଦିନ ହେବ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଭାବେ ରହିଛି। ପ୍ରାୟ ଦଶ ବର୍ଷ ପୂର୍ବରୁ ଆଖୁଆପଦା ବୈତରଣୀ ଆନିକଟଠାରେ ମେଗା ପ୍ରକଳ୍ପ ନିର୍ମିତ ହୋଇଥିବା ବେଳେ ଏଯାଏଁ ୨୩ଟି ପଞ୍ଚାୟତ ଅଞ୍ଚଳରେ ପାଇପ ଯୋଗେ ପାଣି ପହଞ୍ଚି ପାରିନାହିଁ। ଯାହାକୁ ନେଇ ଜିଲ୍ଲା ପରିଷଦ ବୈଠକଠାରୁ ଆରମ୍ଭ କରି ପଞ୍ଚାୟତସମିତି ବୈଠକ ଓ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ ହୋଇଛି। ଏହାସତ୍ତ୍ୱେ କାମ କରୁଥିବା ଘରୋଇ କମ୍ପାନୀ ପ୍ରକଳ୍ପ କାର୍ଯ୍ୟକୁ ଶେଷ କରୁନାହିଁ।

ଅଦ୍ୟାବଧି ପ୍ରକଳ୍ପ ନିର୍ମାଣ ପାଇଁ ଶହେ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଶହେ ଜଣ ଲୋକ ଏହାଦ୍ୱାରା ଉପକୃତ ହୋଇନାହାନ୍ତି। ଏପରିକି ଅନେକ ଅଚଳରେ ଏବେ ପାଇପ ବିଛାଣ କାର୍ଯ୍ୟ ଶେଷ ହୋଇନାହିଁ। ତେଣୁ ଏହି ପରିପ୍ରେକ୍ଷୀରେ ଆଜି ଷୋଳମପୁର ପଞ୍ଚାୟତ ଅଞ୍ଚଳକୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ ପରିଦର୍ଶନ କରି ଅସମ୍ପୂର୍ଣ୍ଣ ମେଗା ପ୍ରକଳ୍ପ କାର୍ଯ୍ୟ ବାବଦରେ ତଦାରଖ କରିଥିଲେ। କେଉଁ କାରଣ ପାଇଁ



କାମ ହୋଇପାରୁନାହିଁ ସେନେଇ ମୁଖ୍ୟ ଉନ୍ନୟନ ଅଧିକାରୀ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ଦେବହରି ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ମୁକୁଳଚନ୍ଦ୍ର ଦାସ, ସରପଞ୍ଚ ପରମାନନ୍ଦ ନାୟକ, କନିଷ୍ଠ ଯନ୍ତ୍ରୀ ଭାଗୀରଥି ଦାସ, ପର୍ଶୁରାମ ଦୀକ୍ଷିତ, ଯୁବନେତା ସୁରଥ ଦାସ, ଲଳିତ ବେହୁରିଆ, ଅଜୟ ମହାଳିକ, ରବୀନ୍ଦ୍ର ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟର ଆଧୁନିକରଣ ସହିତ ପାଚେରି ନିର୍ମାଣ ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ସହିତ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସରପଞ୍ଚ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଅବଗତ କରିଥିଲେ।

# ସୀମା ଟପିଲାଣି ବାଲି ମାଫିଆଙ୍କ ଆତଙ୍କରାଜ

- ମହିଳା ବନରକ୍ଷୀଙ୍କୁ ଦୁର୍ବ୍ୟବହାର
- ଜବତ ଟ୍ରାକ୍ଟରକୁ ଛଡ଼ାଇନେଲେ
- ଘଟଗାଁ ଥାନାରେ ମାମଲାର ତଦନ୍ତ



ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲାରେ ବାଲି ମାଫିଆଙ୍କ ସୀମା ଟପିଗଲାଣି। କେଉଁଠି ଗ୍ରାମବାସୀଙ୍କୁ ଆକ୍ରମଣ କରୁଛନ୍ତି ତ ଆଉ କେଉଁଠି ଜଙ୍ଗଲ କାଟି ରାସ୍ତା ଚଉଡ଼ା କରିବା ସହ ପୁଲିସ ପ୍ରଶାସନକୁ ମଧ୍ୟ ଚାଲେଞ୍ଜ କରୁଛନ୍ତି। ଏସବୁ ଭିତରେ ବି ପ୍ରଶାସନ ସବୁ ଜାଣିଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜଙ୍ଗଲ ମଧ୍ୟରେ ଜଣେ ମହିଳା ବନରକ୍ଷୀଙ୍କୁ ମଧ୍ୟ ବାଲି ଚୋରି କରୁଥିବା କିଛି ଦୁର୍ବୃତ୍ତ ଛାଡ଼ି ନାହାନ୍ତି। ସୂଚନା ଅନୁସାରେ, ପାଟଣା ରେଞ୍ଜ ତଣ୍ଡ ବିଟ୍ ପିଚୁଳାବେଡ଼ା ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ନାଳରୁ ଶୁକ୍ରବାର ସନ୍ଧ୍ୟାରେ ଟ୍ରାକ୍ଟର୍ ଯୋଗେ ବାଲି ଚୋରାଚାଲାଣ କରାଯାଉଥିଲା। ଏହି ଖବର ପାଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କ ନିର୍ଦ୍ଦେଶରେ ତୋଣ୍ଡ ବିଟ୍ ବନରକ୍ଷୀ ଦେବଜାନୀ ମହାନ୍ତ ଏବଂ ସ୍କ୍ୱାଡ କୈଳାସ ମହାନ୍ତ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ଓଡି୦୯ଜେ ୩୨୭୧/୩୨୭୨ ଡାଲା ନମ୍ବର ବିଶିଷ୍ଟ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଏହି ସମୟରେ ତୋଣ୍ଡ ଗ୍ରାମର ପ୍ରହ୍ଲାଦ ପଲେଇ ଏବଂ ତାଙ୍କର ୫ ଜଣ ସାଥୀ, ମହିଳା ବନରକ୍ଷୀ ଦେବଜାନୀ ମହାନ୍ତଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ଓ ଠେଲାପେଲା କରିଥିଲେ। ବାଲି ଖାଲି କରି ଟ୍ରାକ୍ଟର ଗାଡି ନେଇ ଘଟଣାସ୍ଥଳରୁ ଫେରାର୍ ହେବା ପାଇଁ ଚେଷ୍ଟା କରିଥିଲେ। ଏହାକୁ ବନରକ୍ଷୀ ବିରୋଧ କରିବାରୁ ତାଙ୍କ ତଣ୍ଡ ବିଟ୍ ଘରେ ଏକୁଟିଆ ଥିବା ବେଳେ ଗଣଦୁଷ୍କର୍ମ କରିବାର ଧମକ ଦିଆଯାଇଛି। ଏପଟେ ମାଫିଆମାନେ ଏହି ବାଲି ଗାଡ଼ିରୁ ସେଠାରେ ବାଲି ଢ଼ାଳି ଦେଇ ଚମ୍ପଟ୍ ମାରିଥିଲେ। ଏନେଇ ମହିଳା ବନରକ୍ଷୀ ଘଟଗାଁ ଥାନାରେ ଅଭିଯୋଗ କରିଛନ୍ତି। ଗାଡି ଛଡ଼ାଇନେଉଥିବା ସମୟର ଏକ ଭିଡିଓ ଏବେ ଭାଇରାଲ୍ ହେଉଛି। ମହିଳା ବନରକ୍ଷୀଙ୍କର ଅଭିଯୋଗ ପରେ ଘଟଗାଁ ଥାନାରେ ୫୦୮/୨୫ରେ ଏକ ମାମଲା ରୁଜୁ ହେବା ସହ ଏସ୍ଆଇ ଗାଙ୍ଗିଆ ଲାକ୍ରା ଘଟଣାର ତଦନ୍ତ କରୁଛନ୍ତି। ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି।

# ୧୧୦ ଏକରରେ ଲାଗିଲେଣି ମାଟିଆଗୁଣ୍ଡି ପୋକ

ଚମ୍ପୁଆ,୧।୧୧(ସମିସ): ଚଳିତବର୍ଷ ଚମ୍ପୁଆ ବ୍ଲକ ଅଧୀନରେ ଥିବା ୨୨ଟି ପଞ୍ଚାୟତର ଚାଷୀଙ୍କ ପାଇଁ କାଳ ସାଜିଲାଣି ମାଟିଆଗୁଣ୍ଡି ପୋକ। ଦରପାଚିଲା ଧାନ ଚାଷକୁ ଉଜାଡ଼ି ଦେଲେଣି ଏହି ମାଟିଆଗୁଣ୍ଡି ପୋକ। କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ଚମ୍ପୁଆ ବ୍ଲକରେ

## ତଦାରଖ କଲା କୃଷି ବିଭାଗ

୧୧୦ ଏକର ଜମିରେ ଏହି ମାଟିଆଗୁଣ୍ଡି ପୋକ ଲାଗିଥିବା ଜଣାଯାଇଛି। ବିଶେଷ ଭାବରେ ଅକ୍ଟୋବରରେ ଏହି ପୋକର ବଂଶ ବିସ୍ତାର ହୋଇଥିବା ବେଳେ ଚାଷୀ ତା' ନିଜ ଧାନ କ୍ଷେତରେ ସୁରକ୍ଷା ପାଇଁ ଚିନ୍ତିତ ହୋଇପଡିଛନ୍ତି। ଅଭିଯୋଗ ପରେ କୃଷି ବିଭାଗ ପକ୍ଷରୁ ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା ପ୍ରମୁଖଙ୍କ କରଞ୍ଜିଆ, ରାଇଗୁଡି ଆଦି ଅଞ୍ଚଳରେ ମାଟିଆଗୁଣ୍ଡି ପୋକ ଲାଗିଥିବା ଚାଷ ଜମି ପରିଦର୍ଶନ କରିବା ସହିତ ଚାଷିଙ୍କୁ ଏହାର ପ୍ରତିକାର ବିଷୟରେ ପରାମର୍ଶ ଦେଇଛନ୍ତି। ଚାଷୀ ମାଟିଆଗୁଣ୍ଡି ପୋକ ଦାଉରୁ ନିଜ କଷ୍ଟ ଉପାର୍ଜିତ ଧାନ



ଚାଷକୁ ସୁରକ୍ଷା ଦେବାକୁ ଯାଇ ଏକପ୍ରକାର ବିଫଳ ହେଉଥିବା ଦେଖାଯାଇଛି। କିଛି ଦିନ ତଳେ ସାମାନ୍ୟ ସ୍ଥାନରେ ଏହି ପୋକ ଲାଗିଥିବା ବେଳେ ଦିନକୁଦିନ ଏହି ପୋକର ପ୍ରାଦୁର୍ଭାବ ବଢିବାରେ ଲାଗିଛି। କୃଷି ବିଭାଗ ପକ୍ଷରୁ ମାଟିଆଗୁଣ୍ଡି ପୋକ ଦାଉରୁ ନିଜ ଚାଷ ଜମିକୁ ରକ୍ଷା କରିବା ପାଇଁ ପରାମର୍ଶ ଦିଆଯାଉଥିଲେ ମଧ୍ୟ ସେତେଟା ସୁଫଳ ମିଳିପାରୁ ନାହିଁ। ଏହି ପୋକ ହଜାର ହଜାର ସଂଖ୍ୟାରେ ଧାନ କ୍ଷେତରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହି ଧାନ ଗଛଗୁଡିକର ରଶ ଶୋଷି ନେବା ସହିତ ଗଛଗୁଡ଼ିକୁ ଶୁଷ୍କ କରିପକାଉଛନ୍ତି। ଫଳରେ ଧାନ ବିଲରେ ଚକଡାଚକଡା ସ୍ଥାନରେ ଫସଲ ନଷ୍ଟ ହେବାରେ ଲାଗିଛି। ଅନ୍ୟପକ୍ଷରେ ଏହି ପୋକ ଚକଡ଼ା ଆକାରରେ ଲାଗୁଥିବାରୁ ଏହାକୁ କେତେକ ଚକଡା ପୋକ ଆଖ୍ୟା ଦେଇଛନ୍ତି।

# ମୟୂରଭଞ୍ଜରେ ଖୋଲିଲା ୧୨ଟି ନୂତନ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ

ବାରିପଦା, ୧।୧୧(ସମିସ): ଜମିବାଡି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଅଧିକ ୧୨ଟି ତହସିଲ କାର୍ଯ୍ୟାଳୟରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିଛି। ଶନିବାର ପହିଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ଜରିଆରେ ଏହି ୧୨ଟି ନୂତନ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି। ସେଗୁଡିକ ହେଲା ରରୁଆଁ, ଶୁକୃଳି, ଠାକୁରମୁଣ୍ଡା, ମୋରଡା, ବିଜାତଳା, ବିଶୋଇ, କୁସୁମୀ, ଜାମଦା, ତିରିଂ, ଶାମାଖୁଣ୍ଟା, ସାରସକଣା ଓ ଶୁଳିଆପଦା ସବରେଜିଷ୍ଟ୍ରାର କାର୍ଯ୍ୟାଳୟ। ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟ ମାନଙ୍କରେ ଉଦଘାଟନଠାରୁ କାର୍ଯ୍ୟକ୍ଷମ ହୋଇଛି। ଫଳରେ ଜନସାଧାରଣ ଇ-ରେଜିଷ୍ଟ୍ରେସନ ମାଧ୍ୟମରେ ନିଜର କାର୍ଯ୍ୟ କରିପାରିବେ। ସୂଚନାଯୋଗ୍ୟ, ଜିଲାର ୨୬ଟି ତହସିଲ ମଧ୍ୟରୁ ୯ ଟି ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟ ରହିଥିବା ବେଳେ ନୂତନ ୧୨ଟି ମିଶି ୨୧ଟି କାର୍ଯ୍ୟାଳୟ କାର୍ଯ୍ୟାରମ୍ଭ କରିଲା। ପରବର୍ତ୍ତୀ ସମୟରେ ଆଉ ନୂତନ ୫ଟି ସବରେଜିଷ୍ଟ୍ରାର ଅଫିସ ଖୋଲିବ ବୋଲି ଜଣାପଡିଛି। ଏହାଦ୍ୱାରା ସ୍ଥାନୀୟ ତହସିଲ ଅଞ୍ଚଳର ଜନସାଧାରଣ ବେଶ ଉପକୃତ ହୋଇପାରିବେ। ରାଜସ୍ୱ ସମ୍ପର୍କିତ ସମସ୍ୟା ଦୂର ହେବା ସହ ଜମିବାଡି କିଣାବିକା, ଦାନ, ଲିଜ୍, ବନ୍ଧକ ଆଦି କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ। ଲିଲ ପ୍ରସ୍ତୁତ ସମୟରେ ଷ୍ଟାମ୍ପ ଡ୍ୟୁଟି ଓ ଫି ଆଦାୟ ହେବା ସହିତ ଜମି ସମ୍ପର୍କିତ ବ୍ୟାଙ୍କରେ ବନ୍ଧକ ଥିବା ତଥ୍ୟ ଜଣାପଡିବ। ଜମିର ପ୍ରତିଲିପି ପ୍ରଦାନ ଓ ରେକର୍ଡ ଯାଞ୍ଚ ହେବା ସହ ଦଲିଲର ପ୍ରକାର ନିର୍ଦ୍ଧାରଣ ଓ ଷ୍ଟାମ୍ପ ଡ୍ୟୁଟିର ମୂଲ୍ୟାଙ୍କନ କରାଯାଇ ପାରିବ। ବିବାହ ରେଜିଷ୍ଟ୍ରେସନଠାରୁ ଆରମ୍ଭ କରି ଇ-ରେଜିଷ୍ଟ୍ରେଶନ ମାଧ୍ୟମରେ ସମସ୍ତ କାର୍ଯ୍ୟ ସହଜରେ ହୋଇପାରିବ।

### ଜଡ଼ିଦା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବର ପ୍ରତିବାଦ

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଉଦଳା,୧।୧୧(ସମିସ): ଉଦଳା ବ୍ଲକ ଜଡିଦା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଶତାଧିକ ମହିଳା ଏବଂ ପୁରୁଷ ଉପଜିଲ୍ଲାପାଳଙ୍କୁ ଭେଟିବା ସହିତ ବିକ୍ଷୋଭ କରିଥିଲେ। ଏହା ରାଜନୈତିକ ଉଦ୍ଦେଶ୍ୟ ରଖି ଆଗତ ହୋଇଥିବା ଅନାସ୍ଥା ବିରୋଧରେ ଏକ



ଦାବିପତ୍ର ପ୍ରଦାନ କରାଯାଇଛି। ଆଗତ ଅନାସ୍ଥା ରାଜନୈତିକ ଉଦ୍ଦେଶ୍ୟ ଭିତ୍ତିକ ଓ ଭିତ୍ତିହୀନ ବୋଲି ଅଭିଯୋଗ କରିଛନ୍ତି ପଞ୍ଚାୟତବାସୀ। ମିନତୀ ମଢେଇ ଆଜକୁ ୨ବର୍ଷ ହେବ ଜଡିଦା ସରପଞ୍ଚ ଭାବରେ ସେବା ଦେଇ ଆସୁଥିବା ବେଳେ ସରକାରଙ୍କ ନିୟମ ବ୍ୟବସ୍ଥା ଭିତରେ ସମସ୍ତ ୱାର୍ଡର ବିକାଶମୂଳକ କାମ ମଧ୍ୟ କରୁଛନ୍ତି। ବ୍ୟକ୍ତିଗତ ସମସ୍ୟା ଠାରୁ ଆରମ୍ଭ କରି ସମୂହ ସମସ୍ୟା ସବୁ ସମୟରେ ପଞ୍ଚାୟତବାସୀଙ୍କ ସହ ସେ ଛିଡା ହେଉଥିବା କହିଛନ୍ତି ଲୋକେ। ଗରିବ ଦୁଃଖୀ ନିରାଶ୍ରୟ ଓ ସରକାରୀ ଯୋଜନାରେ ଆସୁଥିବା ଅର୍ଥକୁ ଜନସଚେତନ ହେଉ କିମ୍ବା ଯୁବକଙ୍କ ପାଇଁ କ୍ରୀଡା ଉପକରଣ ହେଉ କିମ୍ବା ସାମାଜିକ ବନୀକରଣଠାରୁ ଆରମ୍ଭ କରି ପିଇବା ପାଣିର ସୁବିଧା, ରାସ୍ତାର ଉନ୍ନତି କରଣ ନିମନ୍ତେ ସମସ୍ତ ୱାର୍ଡର ଅଧିବାସୀଙ୍କୁ ଯୋଗାଯୋଗ କରି ତାହାର ସଫଳ ରୂପାୟନ କରିଥାନ୍ତି। ସରପଞ୍ଚ ମହିଳା ହିସାବରେ ବ୍ୟବହାର ଅତ୍ୟନ୍ତ ମର୍ଜିତ। ସେ ଲଗାତର ଦୁଇଥର ହେଲା ସରପଞ୍ଚ ନିର୍ବାଚିତ ହୋଇ ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ସରପଞ୍ଚଙ୍କୁ ଦୁର୍ନୀତି ଛୁଇଁ ପାରିନାହିଁ। ଅଭିଯୋଗ ଅନୁଯାୟୀ ଗ୍ରା.ପ.ର କିଛି ୱାର୍ଡ ମେମ୍ବର ତାଙ୍କ ବିରୋଧରେ ଅନାସ୍ଥା ଆଣିବା ପାଇଁ ଅଭିଯୋଗ ଦାଖଲ କରିଛନ୍ତି। ଏହା ରାଜନୈତିକ ଉଦ୍ଦେଶ୍ୟ ନେଇ କରାଯାଉଛି ବୋଲି କହିଛନ୍ତି ଲୋକେ। କିଛି ନ୍ୟସ୍ତସାର୍ଥ ବ୍ୟକ୍ତି ସରପଞ୍ଚଙ୍କ ନିକଟରୁ ଅଧିକ ସ୍ୱାର୍ଥ ଚାହୁଁ ଥିବା ଏବଂ ଏଥିରେ ସରପଞ୍ଚ ଏକମତ ନ ହେବାରୁ ଏଭଳି ଅଭିଯୋଗ ଆସିଛି ବୋଲି ପଞ୍ଚାୟତବାସୀ କହିଛନ୍ତି। ତେଣୁ ସରପଞ୍ଚଙ୍କ

## ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ସାମିଲ

ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହାର ବିଧିବଦ୍ଧ ତଦନ୍ତ କରାଯାଇ ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ ଯେ ଦୁଇଦିନ ପୂର୍ବରୁ ୧୧ ଜଣ ୱାର୍ଡ ମେମ୍ବର ଉନ୍ନୟନ ମୂଳକ କାର୍ଯ୍ୟ ଆଦୌ କରୁନଥିବା ଅଭିଯୋଗ କରି ଅନାସ୍ଥା ଆଗତ କରିଥିଲେ। ପ୍ରଫୁଲ୍ଲ କୁମାର ପାତ୍ର, ପ୍ରବୀର କୁମାର ରାଉତ, ଭାସ୍କର ବେହେରା, ଭାସ୍କର ପାତ୍ର, ଗୌରାଙ୍ଗ ଦାସ, ସଞ୍ଚିତା ପାତ୍ର, ସୁକନ୍ତୀ ପାତ୍ର, ଅଶୋକ ବିଶ୍ୱାଳ ସମେତ ଶତାଧିକ ଗ୍ରାମବାସୀ ବିକ୍ଷୋଭରେ ସାମିଲ ହୋଇଥିଲେ।

# 'ମୋନ୍ଥା' ପ୍ରଭାବରେ ଭାଙ୍ଗିଲା ଛାତ୍ରୀନିବାସ ପାଚେରି



ବିଜାତଳା, ୧।୧୧(ସମିସ): ବିଜାତଳା ବ୍ଲକ ମାଣିକପୁର ପଞ୍ଚାୟତଓଷାଦେବୀ ହାଇସ୍କୁଲର ଛାତ୍ରୀ ନିବାସ ପାଚେରି "ମୋନ୍ଥା' ପ୍ରଭାବରେ ଭାଙ୍ଗିଯାଇଛି। ଏହି ଛାତ୍ରୀ ନିବାସରେ ୧୦୦ ଛାତ୍ରୀ ରୁହନ୍ତି। ପାଚେରି ଭାଙ୍ଗିଯିବା ଫଳରେ ଛାତ୍ରୀମାନେ ସୁରକ୍ଷିତ ମଣୁନାହାନ୍ତି। ରାତିରେ ଏହି ଅଞ୍ଚଳରେ ହାତୀର ଭୟ ରହୁଛି ଏବଂ ଅସାମାଜିକଙ୍କ ପ୍ରତି ଡର ରହୁଛି। ହାଇସ୍କୁଲର ପ୍ରଧାନଶିକ୍ଷକ ସୁରେନ୍ଦ୍ର ରାଜ ଏ ନେଇ ମାଣିକପୁର ସରପଞ୍ଚ ସୁଶାନ୍ତ କୁମାର ମୁଣ୍ଡା ଏବଂ ସମିତି ସଭ୍ୟା ରୂପିମଣି ଟୁଡୁ ଜଣାଇଛନ୍ତି। ଆସନ୍ତାକାଲି ବିଜାତଳା ବିଡିଓଙ୍କୁ ଲିଖିତ ଭାବରେ ଜଣାଇବେ ବୋଲି ସେ କହିଛନ୍ତି।

- ନାବାଳିକା ଗଣଦୁଷ୍କର୍ମ ଘଟଣାର ପ୍ରତିବାଦ

# ୧୦ରେ ମାସା ଆର୍ମିର ମୟୂରଭଞ୍ଜ ବନ୍ଦ ଡକରା



ରାଇରଙ୍ଗପୁର/ବହଳଦା,୧।୧୧(ସମିସ): ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ତରଫରୁ ଆଦିବାସୀ ଦୁଇ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାର ପ୍ରତିବାଦରେ ଆସନ୍ତା ୧୦ ତାରିଖରେ ମୟୂରଭଞ୍ଜ ବନ୍ଦ ଡକରା ସଫଳ କରାଇବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସଗୋବିନ୍ଦପୁର ନିକଟ ନଳଗଜା ଅଞ୍ଚଳରେ ଯାତ୍ରା ଦେଖି ଫେରୁଥିବା ବେଳେ ଦୁଇ ଆଦିବାସୀ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ଏହାର ପ୍ରତିବାଦରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମି ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ଆହ୍ୱାନ କ୍ରମେ ବନ୍ଦ ଡକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଓ ବହଳଦାଠାରେ ମାସା ଆର୍ମି ବାମନଘାଟି ସଂଗଠନ ପକ୍ଷରୁ ବାମନଘାଟି ସଭାପତି ଦାସ୍ମାତ ସରେନଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ସଂଗଠନର ସମ୍ପାଦକ କାହ୍ନୁ ମୁର୍ମୁ, ଲକ୍ଷ୍ମଣ ମାଝୀ, ଭୀମ ମାରାଣ୍ଡି, ଗୋପିନାଥ ମୁର୍ମୁ, ଶ୍ରୀରାମ ମାଝୀ, ଗାଇଚନ ମୁର୍ମୁ, ନାରନ ମାରାଣ୍ଡି, ମୁକେଶ କିସ୍କୁ ପ୍ରମୁଖ ଉପସ୍ଥିତ ରହି ବନ୍ଦ ସଫଳ ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ରାଜ୍ୟସ୍ତରୀୟ ରଗ୍‌ବୀ ଫୁଟ୍‌ବଲ ପ୍ରତିଯୋଗିତାରେ ୪୮ କ୍ରୀଡ଼ାବିତ୍ ସାମିଲ




ବାରିପଦା, ୧।୧୧(ସମିସ): ଓଡିଶା ରାଜ୍ୟସ୍ତରୀୟ ରଗବୀ ଫୁଟବଲ ପ୍ରତିଯୋଗିତା ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଆଇଆରସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୪୮ ଜଣ ଖେଳାଳି ଯୋଗଦେବେ। ବାଳକ ଟିମ ମ୍ୟାନେଜର ଭାବେ ପିଇଟି ପ୍ରକାଶଚନ୍ଦ୍ର ସୋଏ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଉର୍ମିଳା ମୁଣ୍ଡାଙ୍କ ନେତୃତ୍ୱରେ ୧୭ ବର୍ଷରୁ କମ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝୀ, ରାମଚନ୍ଦ୍ର ହେମ୍ବ୍ରମ, ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସାରା, ଫାଗୁ ମୁର୍ମୁ, ରହିଦାସ ସିଂ ଓ ବାଳିକା ବିଭାଗ ରେ ସୁମିତ୍ରା ମୁର୍ମୁ, ସୁଦଶାନା କ୍ରିଷ୍ଟା ନାଏକ, ଦୁଲାରୀ ହାଁସଦା, ଜୟନ୍ତୀ ବାସ୍କେ, ଶୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦା, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ, ପଦ୍ମାବତୀ ସିଂ। ବାଳକ ଟିମ ମ୍ୟାନେଜର ପିଇଟି କ୍ରିଷ୍ଟା ଟୁଡୁ ଓ ବାଳିକା ଟିମ ମ୍ୟାନେଜର ପିଇଟି ଆଶାଲତା ମୁର୍ମୁଙ୍କ ନେତୃତ୍ୱରେ ୧୪ ବର୍ଷରୁ କମ ବାଳକ ବିଭାଗରେ ବିକ୍ରମ ଦାଶ, ସୂର୍ଯ୍ୟ ପ୍ରକାଶ ନାଏକ, ବିଜୁ ମାରାଣ୍ଡି, ସିମନ ମୁର୍ମୁ, ବିଷ୍ଣୁପଦ ମହାନ୍ତ, ରାଜେନ ହାଁସଦା, ମୁନା ସିଂ, ବାରିଶା ମାରାଣ୍ଡି, ଶଙ୍ଖଚରଣ ଟୁଡୁ, ସାଇବା ମାରାଣ୍ଡି, ଅତନୁ ପାଣି, ଆନନ୍ଦ କାରୁଆ ଓ ବାଳିକା ବିଭାଗ ରେ ହୀରା ମୁର୍ମୁ, ସୁଗି ହେମ୍ବ୍ରମ, ମିନାକ୍ଷୀ ଟୁଡୁ, ସଲମା ହେମ୍ବ୍ରମ, ମୀନା ମାରାଣ୍ଡି, ସାବିତ୍ରୀ ମାରାଣ୍ଡି, ବାଲେ ହୋ, ନମିତା ହୋ, ହିସି ମାଝୀ, ଲକ୍ଷ୍ମୀ ମାରାଣ୍ଡି, ଡୁଡୁ ମାରାଣ୍ଡି, ରଞ୍ଜିତା ସିଂ ଯୋଗ ଦେବେ। ଏନେଇ ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ବାସନ୍ତୀ ଟୁଡୁ, ଶିକ୍ଷକ ଦୀପକ ରାମ ପ୍ରମୁଖ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମଉଦା-ଅଡ଼ାଳପଙ୍କ ରାସ୍ତା ଶୋଚନୀୟ

### ଦୁଇ ଜିଲ୍ଲାର ୧୮ଟି ଗାଁର ଲୋକ ହଟହଟା

ହାଟଡିହୀ,୧।୧୧(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ମଉଦା-ଅଡାଳପଙ୍କ ମଧ୍ୟରେ ମାତ୍ର ଦେଢ଼ କିମି ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ମଉଦା, ଜନ୍ତାଳପଦି, ରଘୁନାଥପୁର, ପଦାରୁଖା, ନାହା, ମିଠିଗାଁ, ବେରୁଣପଦି, ଭଡ଼ରାଗଡ଼ିଆ, ଅଁଳାଗଡ଼ିଆ, କଖାରୁଗଡ଼ିଆ, ସୋସୋ, ଅଡାଳପଙ୍କ ଆଦି ୧୮ଟି ଗାଁର ଲୋକେ ନିର୍ଭର କରୁଛନ୍ତି। ଆର୍‌ଡି ବିଭାଗ ଅଧୀନରେ ରାସ୍ତାଟି ରହିଛି। ଗଲା ବର୍ଷାରେ ରାସ୍ତାଟି ସମ୍ପୂର୍ଣ୍ଣ ଧୋଇଯାଇଛି। ଏବେ ସୁଦ୍ଧା ଏହି ରାସ୍ତାର ମରାମତି କିମ୍ବା ନୂତନ ଅଦୁନାଦରେ ନିର୍ମାଣ ପାଇଁ



ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ସେନେଇ ଅନିଶ୍ଚିତତା ମଧ୍ୟ ଲାଗି ରହିଛି। ଏହାମଧ୍ୟରେ ଦୁଇଟି ଜିଲ୍ଲାର ଶତାଧିକ ଲୋକ ରାସ୍ତାରେ ଯାତାୟାତ ବେଳେ ହନ୍ତସନ୍ତ ହେଉଛନ୍ତି। ଏହାର ପ୍ରତିକାର ପାଇଁ କୌଣସି ଠୋସ୍ ପଦକ୍ଷେପ, ପ୍ରଶାସନିକ ସ୍ତରରେ ଦେଖାଯାଇନାହିଁ। ରାସ୍ତାବସ୍ଥା ଶୋଚନୀୟ ହୋଇଥିବାରୁ ଯାତାୟାତରେ ସମସ୍ୟା ହେଉଛି। ରାସ୍ତାରେ ହୋଇଥିବା ଖାଲରେ ବର୍ଷାପାଣି ଜମିଛି। କିଛିଦିନ ତଳେ ଏହି ରାସ୍ତା ନିର୍ମାଣ ହୋଇଥିଲା। ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଯାଇଛି। ଚାରିଚକିଆ କି ବାଇକ ତ ଦୂରର କଥା, ସାଧାରଣ ଲୋକଟିଏ ସାଇକଲରେ ମଧ୍ୟ ଯାଇପାରୁନି। ବେରୁଣପଦିଠାରେ ଥିବା ସ୍କୁଲକୁ ନିୟମିତ ଶହ ଶହ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବେଳେ ସେମାନେ ନାନା ଅସୁବିଧା ଭୋଗୁଛନ୍ତି। ଏ ଅଞ୍ଚଳକୁ ଆମ୍ବୁଲାନ୍ସଟିଏ ବି ଯିବାକୁ ରାଜି ହେଉନି। ଏହାର ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି ବୋଲି ମଉଦା ଗ୍ରାମର ହୃଷୀକେଶ ସାହୁ, ଦୁର୍ଯ୍ୟୋଧନ ଜେନା, ସଦାନନ୍ଦ ନାୟକ, ସନ୍ତୋଷ ଘଡ଼େଇ, ଯବାନ କୁମାର ନାୟକ, ଶେଖର ରାଉତ, ହେମନ୍ତ କୁମାର ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି।

### ଅବ୍ୟବସ୍ଥା ଭିତରେ ଖୋଲିଲା ଅଭୟାରଣ୍ୟ

# ବିକାଶକୁ ଗୁରୁତ୍ୱ ଦେଉନି ବିଭାଗ; ମୁହଁ ମୋଡ଼ୁଛନ୍ତି ପର୍ଯ୍ୟଟକ

ନୀଳଗିରି,୧।୧୧(ସମିସ): ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ଜୁନ୍ ୧୫ରୁ ବନ୍ଦ ରହିଥିବାବେଳେ ନଭେମ୍ବର ୧ ଶନିବାରରୁ ଖୋଲିଛି। ପ୍ରଥମ ଦିନରେ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ଅଭୟାରଣ୍ୟର କେସିପୁର ପଞ୍ଚାୟତ ବାଲିଆନାଳ ଫାଟକ ନିକଟରେ ପହଞ୍ଚିଥିଲେ। ପ୍ରଥମ ପର୍ଯ୍ୟଟକ ଭାବେ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ସୋମନାଥ ଦତ୍ତ ତାଙ୍କର ଚାରି ପରିବାର, ଦ୍ୱିତୀୟ ପର୍ଯ୍ୟଟକ ଭାବେ ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳର ରାମଚନ୍ଦ୍ର ଟୁଡୁଙ୍କର ଦୁଇ ଜଣ ମୋଟ ୬ ଜଣ ପର୍ଯ୍ୟଟକ ଆସିଥିଲେ। ଏହି ୬ଜଣଙ୍କୁ ବନବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଚନ୍ଦନ ଲଗାଇବା ପରେ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଫିତା କାଟିଥିବାବେଳେ, ବାଲେଶ୍ୱର ଏସିଏଫ୍ ସଭୋନ ଦିଗନ୍ତ ଚାନ୍ଦ ଗେଟ୍ ଖୋଲିଥିଲେ। କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରା, ଫରେଷ୍ଟର ସହ ଫରେଷ୍ଟଗାର୍ଡ ଓ ସବୁଜବାହିନୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ କୁଲଡିହା ଅଭୟାରଣ୍ୟରେ କୌଣସି ବିକାଶମୂଳକ କାର୍ଯ୍ୟ ବନବିଭାଗ ହାତକୁ ନେଇ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭୟାରଣ୍ୟ ଖୋଲିଲା, ହେଲେ ଅଭୟାରଣ୍ୟ



ଭିତରେ ଥିବା ରାସ୍ତା ମରାମତି ହୋଇପାରିନି କି ଅନ୍ୟ ବିକାଶ କାର୍ଯ୍ୟ ମଧ୍ୟ କରାଯାଇନି। ଦୀର୍ଘ ପ୍ରାୟ ୪ ବର୍ଷ ତଳୁ ଅଭୟାରଣ୍ୟ ଭିତରେ ଥିବା ରାସ୍ତା ମରାମତି ହୋଇଥିଲା। କେତେକ ସ୍ଥାନରେ ବର୍ଷା ପାଣି ସ୍ରୋତରେ ରାସ୍ତା ନାଳରେ ପରିଣତ ହୋଇଯାଇଛି। ଯାହା ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସେହିପରି ଗୋହିରାଭୋଳ ନିକଟରେ ଥିବା 'ରିସିଆ ପ୍ରକୃତି ନିବାସ' ପାଖରେ ପର୍ଯ୍ୟଟକଙ୍କ ବୋଟିଂ ସକାଶେ ରିସିଆ ଡ୍ୟାମ ଭିତରେ ବୋଟିଂ କରିବାର ବ୍ୟବସ୍ଥା ରହିଥିଲା। ଏବେ ବୋଟିଂ ବ୍ୟବସ୍ଥା ମଧ୍ୟ ବନ୍ଦ ହୋଇ ପଡ଼ିଛି। ପ୍ରକୃତି ନିବାସରେ କିଛି ସୋଲାର ସିଷ୍ଟମ ଅଚଳ ହୋଇ ପଡ଼ିଛି। ଏଠାରେ ପର୍ଯ୍ୟଟକ ୱେବ୍‌ସାଇଟ୍‌ରୁ ଜଣେ ବ୍ୟକ୍ତି ପାଇଁ ୪୦ଟଙ୍କା, କ୍ୟାମେରା ପାଇଁ ୫୦ଟଙ୍କା, ଚାରିଚକିଆ ଯାନ ପାଇଁ ୧୦୦ଟଙ୍କା ଓ ନେଚର୍ସ କ୍ୟାମ୍ପରେ ରାତ୍ରିଯାପନ ପାଇଁ ୩ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଏତେ ଟଙ୍କା ଖର୍ଚ୍ଚାନ୍ତ କରି ଏଠାକୁ ଆସିବାକୁ ପର୍ଯ୍ୟଟକଙ୍କ ପାଇଁ ବନବିଭାଗ ଉନ୍ନତ ବ୍ୟବସ୍ଥା କରିନାହିଁ। ପ୍ରତ୍ୟେକ ବର୍ଷ ପ୍ରଥମ ଦିନରେ ଓଡ଼ିଶା ସହିତ ପଶ୍ଚିମବଙ୍ଗରୁ ହିଁ ଅଧିକ ସଂଖ୍ୟକ ପର୍ଯ୍ୟଟକ କୁଲଡିହାକୁ ଧାଇଁ ଆସିଥାନ୍ତି। କିନ୍ତୁ ଆଜି ପ୍ରଥମ ଦିନରେ ମାତ୍ର ୬ ଜଣ ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି। ଯାହା ଅତ୍ୟନ୍ତ ନିରୁତ୍ସାହଜନକ। ଏପରିକି କୁଲଡିହା ଅଭୟାରଣ୍ୟ ସହିତ ବହୁ ବର୍ଷଧରି ଜଡ଼ିତ ଥିବା ଓ ବହୁ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଏଠାକୁ ଟୁରିଷ୍ଟ ଗାଇଡ୍ ହିସାବରେ ଆଣୁଥିବା ମନୋରଞ୍ଜନ ଦାସଙ୍କୁ ମଧ୍ୟ ଡାକିଥିଲେ। କୁଲଡିହା ଅଭୟାରଣ୍ୟରୁ ପର୍ଯ୍ୟଟକ ମୁଁହ ମୋଡୁଥିବା ନେଇ କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରାଙ୍କ ମତାମତ ନେବାରୁ ସେ କହିଥିଲେ ଯେ ଯାହା ବି ଅବ୍ୟବସ୍ଥା ରହିଛି ଏଷ୍ଟିମେଟ୍ କରି ସରକାରଙ୍କୁ ଜଣାଇଛୁ, ଫଣ୍ଡ ଆସିଲେ

## ପ୍ରଥମ ଦିନରେ ବୁଲିଲେ ମାତ୍ର ୬ ପର୍ଯ୍ୟଟକ

କାମକରିବୁ। ସୂଚନା ଥାଉ କି ବାଲେଶ୍ୱର ସହରରୁ ପ୍ରାୟ ୩୦କିମି ଏବଂ ନୀଳଗିରିଠାରୁ ୧୨ କିମି ଦୂରରେ ଏହି କୁଲଡିହା ଅଭୟାରଣ୍ୟ ରହିଛି। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି କୁଲଡିହା ଅଭୟାରଣ୍ୟ ଭିତରେ ବାଘ, ଭାଲୁ, ହାତୀ, ଠେକୁଆ, ସମ୍ବର, ହରିଣ, ବଜ୍ରକାପ୍ତା, ମୟୂର ଇତ୍ୟାଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖାଯାଆନ୍ତି। ରାତ୍ର ରହଣୀ ନିମନ୍ତେ "ରିଷିଆ ପ୍ରକୃତି ନିବାସ'ରେ ୯ଟି ତମ୍ବୁ ଘରେ ଶୌଚାଳୟ, ଆଲୋକ ବ୍ୟବସ୍ଥା ଏବଂ ବୋଟିଂ ଆଦିର ବ୍ୟବସ୍ଥା ପୂର୍ବରୁ ରହିଥିଲା। ଏହା ସହ ଗଡ଼ସିମୁଳିଆ ଓ ମେଛକୁଣ୍ଡ ଜଳପ୍ରପାତ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଥିଲା



## ଖଳନାୟକ ଭୂମିକାରେ 'ଶୁଭମ୍'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ' ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି । ତେବେ ମୁଖ୍ୟ ଆକର୍ଷଣ ହେଲା ଫିଲ୍ମରେ ଖଳନାୟକ ଚରିତ୍ରରେ ନବାଗତ ଅଭିନେତା ଶୁଭମ୍ ପାଢ଼ୀ ଏଣ୍ଟ୍ରି କରିଛନ୍ତି । ଶୁଭମ ପୂର୍ବରୁ ଦୁଇଟି ଫିଲ୍ମ 'କେମିତି କହିବି ମୁଁ' ଓ 'ଶ୍ରୀମାନ ଶ୍ରୀଯୁକ୍ତ'ରେ ଅଭିନୟ କରିସାରିଛନ୍ତି । ତେବେ ଓଲିଉଡ୍‌ରେ ଖଳନାୟକର ଅଭାବ ଥିବା ବେଳେ ଆଉ ଜଣେ ନୂଆ ଖଳନାୟକ ଶୁଭମ୍‌ଙ୍କର ଏଣ୍ଟ୍ରି ନିଶ୍ଚିତ ଏହି ଅଭାବକୁ ପୂରଣ କରିବ । ଯାହାକି ଆଗାମୀ ଦିନ ପାଇଁ ଶୁଭ ଖବର । ଲକ୍ଷେଶ୍ୱର ପ୍ରଡକସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି । 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ନିର୍ଦ୍ଦେଶକ ପିନୁ ନାୟକ । କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ । ଗୀତ ଡ. ନିର୍ମଳ ନାୟକ ଏବଂ ଡ. ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର । ଚିତ୍ରତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି । ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର ଏବଂ କ୍ରିଷ୍ଟାରାଣୀ ଦାଶ ପ୍ରମୁଖ ଏଥିରେ ଅଭିନୟ କରୁଛନ୍ତି । ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ସମ୍ପୂର୍ଣ୍ଣ ମନୋରଞ୍ଜନର ଖୋରାକ ଯୋଗାଇବ । ସିନେମାଟିରେ ଭରପୂର କମେଡ଼ି ମଧ୍ୟ ଅଛି । ଏହି ଫିଲ୍ମରେ ଗାଁ ପରିବେଶ ତଥା ମାଟିର ବାସ୍ନା ଅନୁଭବ କରି ହେବ । ■

ପରଦା ପଛର କାହାଣୀ



## 'ମୋଗାମ୍ବୋ' ପାଇଁ ସାତ ଦିନରେ କଷ୍ଟ୍ୟୁମ୍ ତିଆରି

ହିନ୍ଦୀ ସିନେମାରେ ଅନେକ ଫିଲ୍ମ ରହିଛି, ଯେଉଁଥିରେ ଅଭିନେତାଙ୍କଠୁ ଅଧିକ ଖଳନାୟକ ଚରିତ୍ର ଲୋକପ୍ରିୟ ହୋଇଛନ୍ତି । ସେଭଳି ଜଣେ ପ୍ରସିଦ୍ଧ ଖଳନାୟକ ଚରିତ୍ର ମଧ୍ୟରେ 'ମୋଗାମ୍ବୋ' ଅନ୍ୟତମ । ଏହି ଚରିତ୍ରଟିରେ ପ୍ରସିଦ୍ଧ କଳାକାର ଅମରିଶ୍ ପୁରୀ ଅଭିନୟ କରିଥିଲେ । ୧୯୮୭ ମସିହାରେ ମୁକ୍ତିଲାଭ କରିଥିଲା 'ମିଷ୍ଟର ଇଣ୍ଡିଆ' ଫିଲ୍ମ । ଏହି ସିନେମାରେ ଅମରିଶ୍ ପୁରୀଙ୍କ ସମେତ ଅନିଲ୍ କପୁର୍, ଶ୍ରୀଦେବୀ ଓ ସତୀଶ୍ କୌଶିକ୍‌ଙ୍କ ଲୋକପ୍ରିୟ କଳାକାରମାନେ ଚମତ୍କାର ଅଭିନୟ କରିଥିଲେ । ନିକଟରେ କଷ୍ଟ୍ୟୁମ୍ ଡିଜାଇନ୍‌ର ମାଧବ ଅଗସ୍ତୀ ଫିଲ୍ମର ଲୋକପ୍ରିୟ ଚରିତ୍ର 'ମୋଗାମ୍ବୋ'ର କଷ୍ଟ୍ୟୁମ୍ ପଛର ରୋଚକୀୟ କଥା ପ୍ରକାଶ କରିଛନ୍ତି । ଏହାକୁ ସେ ତାଙ୍କ ପୁସ୍ତକ 'ଷ୍ଟିଚିଂ ଷ୍ଟାରଡମ୍: ଫର୍ ଆଇକନ୍ସ, ଅନ୍ ଆଣ୍ଡ ଅଫ୍‌ସ୍କ୍ରିନ୍'ରେ ବର୍ଣ୍ଣନା କରିଛନ୍ତି । ଏହି ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି – ଫିଲ୍ମ ନିର୍ଦ୍ଦେଶକ ଶେଖର୍ କପୁର୍ ଓ ନିର୍ମାତା ବୋନି କପୁର୍ ତାଙ୍କ ଦୋକାନକୁ ଆସିଥିଲେ । ଆଉ ତାଙ୍କୁ କହିଥିଲେ "ଆମକୁ ଖଳନାୟକ ପୋଷାକ ଆବଶ୍ୟକ, ଯେଉଁଥିରେ ଉଭୟ ବିଦେଶୀ ଏକଛତ୍ରବାଦୀ ଶାସନ ଓ ଦେଶୀ ଜମିଦାରୀର ସ୍ପର୍ଶ ଥିବ ।" ଏଥିପାଇଁ ମଧାବ ବିଦେଶୀ ଖବରକାଗଜ, ପତ୍ରିକା ଏବଂ ଫିଲ୍ମ ଇତିହାସର ପୁସ୍ତକ ଉପରେ ଗବେଷଣା କରିଥିଲେ । ଅନେକ ପେପର୍ କଟିଂ କରିବା ପରେ ଶେଷରେ ସେ ମୋଗାମ୍ବୋ ପାଇଁ କଷ୍ଟ୍ୟୁମ୍ ଡିଜାଇନ କରିଥିଲେ । ଏହି ପୋଷାକ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ସାତ ଦିନ ସମୟ ଲାଗିଥିଲା । ଏହାକୁ ଦେଖି ଫିଲ୍ମ ପ୍ରଯୋଜକ ବୋନି କପୁର୍ ବେଶ୍ ଖୁସି ହୋଇଥିଲେ । ପୋଷାକ ପ୍ରସ୍ତୁତ କରିବାକୁ ମାଧବ ପାରିଶ୍ରମିକ ବାବଦକୁ ୨୫ ହଜାର ଟଙ୍କା ନେଇଥିଲେ । କିନ୍ତୁ ବୋନି କପୁର୍ ତାଙ୍କ ସୃଜନଶୀଳତା ଦେଖି ଖୁସି ହୋଇ ମାଧବଙ୍କୁ ଆହୁରି ୧୦ ହଜାର ଟଙ୍କା ଅଧିକ ଦେଇଥିଲେ । ଶେଷରେ ଏହି ପୋଷାକକୁ ଦେଖି ଅମରିଶ୍ କହିଥିଲେ 'ମୋଗାମ୍ବୋ ଖୁସ୍ ହୁଆ...' । ■



## ଅନୀସଙ୍କ ଫିଲ୍ମରେ ଅକ୍ଷୟ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କୁ ଅନୀସ ବଜ୍‌ମିଙ୍କର ଆଗାମୀ ସିନେମାରେ ଦେଖିବାକୁ ମିଳିବ । ପୂର୍ବରୁ ଦୁହେଁ 'ଥ୍ୟାଙ୍କ ୟୁ', 'ୱେଲକମ୍' ଭଳି ସିନେମାରେ କାମ କରିସାରିଛନ୍ତି । ତେଣୁ ଏବେ ଏହି ଯୋଡ଼ିଙ୍କୁ ପୁଣି ଥରେ ଏକ ନୂଆ ଫିଲ୍ମରେ ଦେଖିବାକୁ ମିଳିବ । ତେବେ ଫିଲ୍ମଟିର ବିଶେଷତ୍ୱ ହେଉଛି ଏହା ଡବଲ୍ ରୋଲ୍ ଉପରେ ଆଧାରିତ । ଅକ୍ଷୟ ଏହି ସିନେମାରେ ମୁଖ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏହା ଡବଲ ରୋଲ୍ ଉପରେ ଆଧାରିତ କୌଣସି କମେଡ଼ି ସିନେମା ନୁହେଁ, ବରଂ ଏହା ଏକ ନୂଆ ପାରିବାରିକ ଡ୍ରାମା ଉପରେ ପର୍ଯ୍ୟବସିତ । ଅନ୍ୟପଟେ ପୂର୍ବରୁ କୁହାଯାଉଥିଲା ଅନୀସ ରାମ ଏବଂ ଶ୍ୟାମ ନାମକ ଫିଲ୍ମ ନିର୍ମାଣ କରୁଛନ୍ତି । ଏହା ଏକ ଡବଲ୍ ରୋଲ୍ ଫିଲ୍ମ ହେବ । ଯେଉଁଥିପାଇଁ ପ୍ରଥମେ କାର୍ତ୍ତିକ ଆର୍ଯ୍ୟନ, ରଣବୀର କପୁର, ରଣବୀର ସିଂହ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିଲା । ହେଲେ ଏବେ ସିନେମା ଲାଗି ଅକ୍ଷୟ ମନୋନୀତ ହୋଇଛନ୍ତି । ଏବେ ଏହା ପ୍ରି-ପ୍ରଡକସନ ପର୍ଯ୍ୟାୟରେ ଅଛି ଏବଂ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ । ଅନ୍ୟପଟେ ଫିଲ୍ମ ନିର୍ମାତା ଫିଲ୍ମ ସହ ଜଡ଼ିତ ଅନ୍ୟ ତଥ୍ୟ ଗୋପନ ରଖିଛନ୍ତି । ■

## 'ଜେମ୍ସ ଅଫ୍ ଓଡ଼ିଶା ୨୦୨୫'ର ବିଜୟିନୀ ଶ୍ରଦ୍ଧା

ଛତ୍ରପୁର ନିକଟ ତାମ୍ପରାଠାରେ 'ଜେମ୍‌ସ ଅଫ୍ ଓଡ଼ିଶା ଇଣ୍ଡିଆ ୨୦୨୫'ର ଦୁଇ ଦିବସୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ଡକ୍ଟର ସୁନୀତା ୱାଧବନ, ଶ୍ରୀମତୀ ସୁଧା ଚନ୍ଦ୍ରାଣୀ ଖାତ୍ରୀ, ଡକ୍ଟର ଭୁବନେଶ୍ୱରୀ ଦେୱଙ୍ଗନ, ପ୍ରତିଷ୍ଠାତ୍ରୀ ଶ୍ରୀମତୀ ଅନିତା ମଣ୍ଡଳ, ଆୟୋଜକ ଉମାଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେଲିବ୍ରିଟି ବିଚାରକ ଭାବେ ଅଭିନେତା ହରିହର ଦାସ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ବ୍ରାଣ୍ଡ ଅମ୍ବାସଡ଼ର ଭାବେ ଅର୍ଚ୍ଚିତା ସାହୁ, ଉପସ୍ଥାପନାରେ ଶୁଭୋଜିତ ପଣ୍ଡା, ଉପଦେଷ୍ଟା ଭାବେ ଟିଭି ଏବଂ ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ୨ଟି ଭାଗରେ ବିଭକ୍ତ କରାଯାଇଛି । ରାଣୀ ଏବଂ ଦିବ୍ୟାଙ୍ଗ ମାନଙ୍କ ପାଇଁ ଶ୍ରୀଶକ୍ତି । ରାଣୀ ବର୍ଗରେ ସମ୍ବଲପୁରର ଝିଅ ଶ୍ରଦ୍ଧା ପ୍ରଧାନ ବିଜୟୀ ହୋଇଥିବା ବେଳେ ଭୁବନେଶ୍ୱରର ଡାକ୍ତର ମୋନାଲିସା ମିଶ୍ର ପ୍ରଥମ ରନର୍ ଅପ୍ ଏବଂ ସବିତାରାଣୀ ମଲ୍ଲିକ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି । ସେହିପରି ଶ୍ରୀଶକ୍ତି ବର୍ଗରେ ଛତିଶଗଡ଼ର ମହିମା ସହାରେ ଏବଂ ତେଷା ୱିନର ହୋଇଥିବା ବେଳେ ମାଳତୀ ଜଇଶ୍ୱାଲ ଏବଂ ଭୈଭବୀ ପ୍ରଥମ ରନର ଅପ୍ ଏବଂ ବ୍ରହ୍ମପୁରର ଜଣେ ଭିନ୍ନକ୍ଷମ ଝିଅ ରଞ୍ଜନା ନାହାକ ଦ୍ୱିତୀୟ ରନର୍ ଅପ୍ ହୋଇଛନ୍ତି । ପ୍ରତ୍ୟେକ ନାରୀର ଇଚ୍ଛା ଥାଏ ହେଲେ କୌଣସି କାରଣରୁ ସେ ତାର ସ୍ୱାଧୀନ ଚିନ୍ତାଧାରାକୁ ଆଗକୁ ଆଣିବାରେ ସକ୍ଷମ ହୋଇନଥାଏ । ତାହାକୁ ଲୋକ ଲୋଚନକୁ ଆଣିବା ପାଇଁ ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଆଗକୁ ବଢ଼ାଇବା ପାଇଁ ଭୁବନେଶ୍ୱରର ଜେମ୍ସ ଅଫ୍ ଓଡ଼ିଶା ଆରମ୍ଭ କରିଥିଲା ଏହି ପ୍ରୟାସ । ରାଜ୍ୟ ଭିତର ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ଗୋଆ, ମୁମ୍ବାଇ ଏବଂ ବେଙ୍ଗାଲୁରୁର ବିଭିନ୍ନ ବର୍ଗର ମହିଳା, ଯୁବତୀ, ଏପରିକି ଦିବ୍ୟାଙ୍ଗମାନଙ୍କୁ ଗତ ୨ମାସ ଧରି ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗ, ବିୟୁଟି ସହ ଅନ୍ୟାନ୍ୟ ଇଭେଣ୍ଟରେ ତାଲିମ ଦିଆଯାଇଥିଲା । ତେବେ ଜୁରୀମାନଙ୍କ ଦ୍ୱାରା ମନୋନୀତ କୃତୀ ପ୍ରତିଯୋଗୀମାନେ ଫାଇନାଲ୍ ରାଉଣ୍ଡରେ ଭାଗ ନେଇଥିଲେ । ■






## 'ମହାକାଳୀ'ରେ ଭୂମି

ଫିଲ୍ମ ନିର୍ଦ୍ଦେଶକ ପ୍ରଶାନ୍ତ ବର୍ମା ତାଙ୍କ ଆଗାମୀ ସିନେମା 'ମହାକାଳୀ'କୁ ନେଇ ଦୀର୍ଘ ଦିନ ହେବ ଚର୍ଚ୍ଚାରେ ଅଛନ୍ତି । ଏହି ସିନେମାରେ ଅକ୍ଷୟ ଖାନ୍ନା ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏବେ ସିନେମାର ମୁଖ୍ୟ ଚରିତ୍ର ଉପରୁ ପରଦା ହଟିଛି । ପ୍ରଶାନ୍ତ ପ୍ରଥମ ମହିଳା ସୁପରହିରୋ ଭାବେ ଭୂମି ସେଟ୍ଟିଙ୍କୁ ପରିଚିତ କରାଇଛନ୍ତି । ଭୂମି ୨୦୨୧ ମସିହାରେ କନ୍ନଡ଼ ସିନେମା 'ଇକ୍କତ'ରୁ ନିଜ ସିନେମା କ୍ୟାରିୟର ଆରମ୍ଭ କରିଥିଲେ । ସିନେମାର ପ୍ରଥମ ପୋଷ୍ଟର୍ ମଧ୍ୟ ରିଲିଜ୍ କରାଯାଇଛି । ଏଥିରେ ଭୂମିଙ୍କ ଦମ୍‌ଦାର ତଥା ମହାବତାର ଲୁକ୍ ସାମ୍ନାକୁ ଆସିଛି । ଯାହାକୁ ଲୋକେ ପସନ୍ଦ ମଧ୍ୟ କରିଛନ୍ତି । ତେବେ ସିନେମାର ୫୦ ପ୍ରତିଶତରୁ ଅଧିକ ଭାଗ ସୁଟିଂ ପୂରା ହୋଇଗଲାଣି । ଏବେ ହାଇଦ୍ରାବାଦରେ ବିଶେଷ ଭାବେ ନିର୍ମିତ ଏକ ଭବ୍ୟ ସେଟ୍‌ରେ ଏହାର ସୁଟିଂ ଜାରି ରହିଛି । ତେବେ ସିନେମାର ନାଁରୁ ଏକଥା ଏକପ୍ରକାର ସ୍ପଷ୍ଟ ହେଉଛି ଯେ, ଏହା ଦେବୀ କାଳୀଙ୍କ କାହାଣୀ ସହିତ ଜଡ଼ିତ । ଏହାର କାହାଣୀ ବି ପ୍ରଶାନ୍ତ ବର୍ମା ଲେଖିଛନ୍ତି । ■



ଆଳାପ



## "ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଭଲ ଲାଗେ"

**ତୃପ୍ତି ମିରାମ୍ବିକା, ଅଭିନେତା**

ନୃତ୍ୟର ଅଙ୍ଗଭଙ୍ଗୀ ମାଧ୍ୟମରେ ସେ ନିଜ ମନର ଭାବନାକୁ ପ୍ରକାଶ କରୁଥିଲେ । ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ନୃତ୍ୟ ପରିବେଷଣ କରୁଥିଲେ । ପିଲାଟି ଦିନରୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖିଥିଲେ କଟକର ତୃପ୍ତି ମିରାମ୍ବିକା । ନୃତ୍ୟକଳା କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିବା ସହିତ ବଡ଼ ପରଦା ମଧ୍ୟ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ପ୍ରାୟ ୫ରୁ ୬ଟି ସିନେମାରେ ମୁଖ୍ୟ ନାୟିକାଭାବେ ଅଭିନୟ କରିଛନ୍ତି ତୃପ୍ତି । ଖୁବ୍ ଶୀଘ୍ର ତାଙ୍କ ଅଭିନୀତ 'ଦର୍ପଣ' ଏବଂ 'ମଙ୍ଗଳପୁର ଡାଏରୀ' ସିନେମା ରିଲିଜ୍ ହେବ । ତେବେ ଏହି ଅଭିନେତ୍ରୀଙ୍କ ଅଭିନୟ ଯାତ୍ରା କେମିତି ରହିଥିଲା ଜାଣିବା ତାଙ୍କ ମୁହଁରୁ ।

**ଆପଣ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ । ନାୟିକା ହେବାର ରାଜ୍?**

- ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ କରୁଥିଲି । ମଞ୍ଚରେ ମୁଁ ନୃତ୍ୟ ପରିବେଷଣ କରିଛି । ବହୁତ ସମ୍ମାନ ମିଳିଛି ମୋତେ । ସ୍କୁଲରେ ଛୋଟ ଛୋଟ ଅଭିନୟ କରୁଥିଲି । ତେଣୁ ଅଭିନେତ୍ରୀ ହେବାର ଇଚ୍ଛା ଥିଲା । 'ମହାଦେବୀ' ଧାରାବାହିକରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଛି । ସିନେମାରେ କାମ କରିବାକୁ ଅଡିସନ୍ ଦେଇ ପ୍ରଥମ ଚଳଚ୍ଚିତ୍ର 'ପ୍ରୀତି ବନ୍ଧନ' କରିଥିଲି । ମୋ ବିପକ୍ଷରେ ଥିଲେ ସମ୍ବିତ । ଏହା ପରେ ଏକାଧିକ ସିନେମାରେ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିଛି । ଆଉ ଦର୍ଶକଙ୍କ ଭଲ ପାଇବା ପାଇଛି ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କଲେ?**

- ନୃତ୍ୟ ମାଧ୍ୟମରେ ଭିନ୍ନ ଭିନ୍ନ ଅଭିନୟ କରିବାକୁ ପଡ଼େ । ହେଲେ କ୍ୟାମେରାକୁ ସାମ୍ନା କରିବା ସମୟରେ ମୁଁ ପୂରା ନୂଆ ଥିଲି । ଭୟ ବି ଲାଗୁଥିଲା । ହେଲେ ସମସ୍ତ ଗୁରୁଜନଙ୍କ କଥାକୁ ଶୁଣି କ୍ୟାମେରାକୁ ସାମ୍ନା କରିଥିଲି । ସମୟକ୍ରମେ ମୋର ଅଭ୍ୟାସ ହୋଇଗଲା ।

**ଆଗାମୀ ଯୋଜନା ବିଷୟରେ କିଛି କୁହନ୍ତୁ?**

- ଓଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ । ପୂର୍ବରୁ ଅମ୍ଲାନ ସାର୍‌ଙ୍କ ସହିତ 'ସମୟ କହିବ କିଏ କାହାର' କରିଥିଲି । ଏହି ସିନେମାକୁ ଦର୍ଶକ ବହୁତ ଭଲପାଇବା ଦେଇଥିଲେ । ଏହାବାଦ୍ ୫ରୁ ୬ଟି ସିନେମାରେ କାମ କରିଛି । ଆଗକୁ ମୋର ସିନେମା 'ଦର୍ପଣ' ରିଲିଜ୍ ହେବ । ଏଥିରେ ସ୍ପିରିଚୁଆଲ ଗୀତ ରହିଛି । ଘଞ୍ଚ ଜଙ୍ଗଲ, ବିଳମ୍ବିତ ରାତିରେ ସୁଟିଂ ହୋଇଛି ସିନେମାଟି । ମୋତେ ଡାହାଣୀ ଲାଗୁଛି, ଯେତେବେଳେ ହୋସ୍ ଆସୁଛି ମୁଁ ଠାକୁରଙ୍କୁ ଡାକୁଛି । ସିନେମା ପାଇଁ ପୂରା ଟିମ୍ ପରିଶ୍ରମ କରିଛୁ । ଓଲିଉଡ୍ ଇଣ୍ଡଷ୍ଟ୍ରିରେ ଭୂତପ୍ରେତକୁ ନେଇ ତିଆରି ହେଉଥିବା 'ଦର୍ପଣ'କୁ ଦର୍ଶକ ନିଶ୍ଚୟ ଭଲ ପାଇବା ଦେବେ । ଠିକ୍ ସେହିପରି 'ମଙ୍ଗଳପୁର ଡାଏରୀ'ରେ ମୁଁ ଓଡ଼ିଶୀ ନୃତ୍ୟଶିଳ୍ପୀ ଚରିତ୍ର ନିଭାଉଛି । ଏବେ ଏହି ଫିଲ୍ମର ସୁଟିଂ ଚାଲିଛି । ଏହା ଏକ ସସପେନ୍ସ ଥ୍ରିଲର । ଏଥିରେ ଅମ୍ଲାନ ଅଛନ୍ତି । ତେବେ ଦୁଇଟି ସିନେମାର ମୁଁ ମୁଖ୍ୟ ନାୟିକା ।

**ପଢ଼ା ସହ ଅଭିନୟ କରିବାରେ କେବେ ସମସ୍ୟା ହୋଇନି?**

- ବର୍ତ୍ତମାନ ଏମ୍‌ବିଏ ପଢୁଛି । ନିଜ କାମ ଭିତରୁ ସମୟ କାଢ଼ି ପାଠ ପଢ଼େ । ସୁଟିଂ ନଥିଲେ କ୍ଲାସ୍ କରେ । ଅନ୍‌ଲାଇନ୍‌ରେ ବି ପଢ଼େ । ପଢ଼ାରେ କେବେ ଅବହେଳା କରିନି କି କରିବିନି । ସେମିତି ଯେଉଁ ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରେ । ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ । ଭିନ୍ନ ଭିନ୍ନ ଭାଷାଭାଷୀର ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ । ଏଲାଇନ୍‌ରେ ଥିବା ଯାଏଁ ମୁଁ ଅଭ୍ୟାସ କରୁଥିବି ।

**ଅଭିନୟକୁ ବାଦ୍ ଦେଲେ କ'ଣ କରନ୍ତି?**

- ଅଭିନୟ ନୃତ୍ୟକୁ ବାଦ୍ ଦେଲେ, ପେଣ୍ଟିଂ କରେ । ମୁରୁଜ ପକାଏ । ନୂଆ ନୂଆ ସ୍ଥାନକୁ ବୁଲିବାକୁ ଭଲ ଲାଗେ ।

**ଆପଣଙ୍କ ଡ୍ରିମ୍ ରୋଲ?**

- ପ୍ରତ୍ୟେକ କଳାକାର ନିଜ ଜୀବନରେ ସବୁ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରଖନ୍ତି । ମୁଁ ମଧ୍ୟ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ସ୍ୱପ୍ନ ଦେଖିଛି । ହେଲେ ଆକ୍ସନ୍ ସିନେମା କାମ କରିବାକୁ ମୋର ବହୁତ ଇଚ୍ଛା ଅଛି । ଯାହା ବି ରୋଲ୍ ମିଳିବ ତାହାକୁ ସୁରୁଖୁରୁରେ କରିବି ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ ହେଲେ କ'ଣ କରିବା ଦରକାର?**

- ନିଜ ଉପରେ ବିଶ୍ୱାସ ରଖନ୍ତୁ । ନିଜ ଦକ୍ଷତାକୁ ଚିହ୍ନନ୍ତୁ । ନିଜ କାମକୁ ଭଲ ପାଆନ୍ତୁ । ଗୁରୁଜନଙ୍କ କଥା ମାନି ଚାଲିବା ଭଲ । ଲକ୍ଷ୍ୟ ସ୍ଥଳରେ ପଞ୍ଚିବା ପାଇଁ କଠିନରୁ କଠିନ ପରିଶ୍ରମ କରନ୍ତୁ । ■

# ମହିଳା ବିଶ୍ୱକପ୍ କ୍ରିକେଟ
# ଭାରତ-ଦକ୍ଷିଣ ଆଫ୍ରିକା ଗ୍ରାଣ୍ଡ ଫାଇନାଲ ଆଜି

ନଭି ମୁମ୍ବଇ,୧।୧୧(ଏଜେନ୍ସି):

୨୦୨୪ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଖେଳି ନ ଥିଲେ। ଏବେ ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟରେ ସମାନ କଥା। ଆସନ୍ତାକାଲି ବା ରବିବାର ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ୧୩ତମ ସଂସ୍କରଣରେ ପ୍ରଥମଥର ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଫାଇନାଲ ଖେଳିବାକ ଯୋଗ୍ୟତା ଅର୍ଜନ କରିନାହାନ୍ତି। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ୧୨୫ ରନ୍‌ରେ ଇଂଲଣ୍ଡକୁ ଓ ଭାରତ ୫ ୱିକେଟରେ ୭ଥର ଏବଂ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରି ବିଶ୍ୱ ମହିଳା କ୍ରିକେଟର ସର୍ବଶ୍ରେଷ୍ଠ ଟ୍ରଫି ଜିତିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହାର ଅର୍ଥ ଆସନ୍ତାକାଲି ଫାଇନାଲରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପ୍ରଥମଥର ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହେବ। ଏଣୁ ଉଭୟ ଦଳ ମଧ୍ୟରେ ଏହି ଫାଇନାଲ ମୁକାବିଲାଟି ବେଶ ରୋମାଞ୍ଚକର ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।





## ସମ୍ଭାବ୍ୟ ଖେଳାଳି ଦଳ

**ଭାରତ:** ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ହରମନପ୍ରୀତ କୌର (ଅଧିନାୟିକା), ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟରକ୍ଷକ), ଅମନଜ୍ୟୋତ୍ କୌର, ରାଧା ଯାଦବ/ ସ୍ନେହ ରାଣା, ଶ୍ରୀ ଚରଣି, କ୍ରାନ୍ତି ଗୌଡ଼ ଓ ରେଣୁକା ଠାକୁର।

**ଦକ୍ଷିଣ ଆଫ୍ରିକା:** ଲୌରା ୱଲଭାର୍ଟ (ଅଧିନାୟିକା/ୱିକେଟରକ୍ଷକ), ତାଜମିନ ବ୍ରିଟ୍ସ, ଆନେକେ ବୋଷ୍ଟ/ ମାସାବାତା କ୍ଲାସ୍, ସୁନ ଲ୍ୟୁସ୍, ମାରିଜାନ କାପ୍, ସିନାଲୋ ଜାଫ୍ତା (ୱିକେଟରକ୍ଷକ), ଆନେରି ଡେରେକସନ, ଟୋଲେ ଟ୍ରାୟନ, ନାଦିନ ଡି କ୍ଲେର୍କ, ଆୟାବୋଙ୍ଗା ଖାଖା, ନୋନକୁଲେକୋ ମାଲ୍‌ବା।

## କେମିତି ଖେଳିଛନ୍ତି ପ୍ରତିଦ୍ୱନ୍ଦ୍ୱୀ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଦଳ ରାଉଣ୍ଡ ରବିନ ଲିଗ୍ ପର୍ଯ୍ୟାୟରେ ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୩ଦଳଠାରୁ କ୍ରମାଗତ ମୁକାବିଲାରେ ପରାଜିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ବିରାଟ ବ୍ୟବଧାନରେ ହରାଇବା ପରେ ଭାରତକୁ ସେମିଫାଇନାଲ ଟିକଟ ମିଳିଥିଲା। ସେମିଫାଇନାଲରେ ଭାରତ ମହିଳା ଦିନିକିଆ କ୍ରିକେଟରେ ରେକର୍ଡ ୩୩୯ ରନ୍‌କୁ ଚେଜ୍ କରି ବିଶ୍ୱରେକର୍ଡ କରିବା ସହ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା କ୍ରମାଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଦଳ କିନ୍ତୁ ଇଂଲଣ୍ଡ ବିପକ୍ଷରେ ମାତ୍ର ୬୯ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୯୭ ରନ୍‌ରେ ଆଉଟ ହୋଇଥିଲା। ଭାରତ ଓ ବାଂଲାଦେଶ ସ୍ପିନରଙ୍କ ବିପକ୍ଷରେ ଦଳ ବିପର୍ଯ୍ୟୟର ଶିକାର ହୋଇଥିଲେ ମଧ୍ୟ ଦୁଇ ଅଲରାଉଣ୍ଡର ନାଦିନ ଡି କ୍ଲେର୍କ ଓ ଟୋଲେ ଟ୍ରାୟନ ଦଳର ପରାଜୟକୁ ବିଜୟରେ ପରିବର୍ତ୍ତନ କରିଦେଇଥିଲେ। ସେମିଫାଇନାଲରେ ଦଳ ପରଫେକ୍ଟ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଇଂଲଣ୍ଡକୁ ଶୋଚନୀୟ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏଣୁ ଉଭୟ ଦଳ କିଛି ଦର୍ଶନୀୟ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ପ୍ରଦର୍ଶନ କରି ଟାଇଟଲ ଲଢ଼େଇରେ ଅବତୀର୍ଣ୍ଣ ହୋଇଛି।

## ୱଲଭାର୍ଟ ଓ କାପ୍‌ଙ୍କୁ ଭାରତର ଭୟ

ଏହି ଟୁର୍ଣ୍ଣାମେଣ୍ଟରେ ବ୍ୟକ୍ତିଗତଭାବେ ଯେଉଁ ଦୁଇ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ସେମାନେ ହେଉଛନ୍ତି ଦକ୍ଷିଣ ଆଫ୍ରିକାର। ଦଳର ଅଧିନାୟକ ତଥା ଓପନର ଲୌରା ୱଲଭାର୍ଟ ଓ ମାରିଜାନ କାପ୍। ଏହି ବିଶ୍ୱକପ୍‌ରେ ଜଣେ ମାତ୍ର ଫାଷ୍ଟ ବୋଲର ଘଣ୍ଟାପ୍ରତି ୧୩୦ କିଲୋମିଟରରୁ ଅଧିକ ବେଗରେ ବୋଲିଂ କରିଛନ୍ତି। ସେ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ମାରିଜାନ କାପ୍। ସେ ଭାରତର ଟପ୍ ଅର୍ଡର ବ୍ୟାଟରଙ୍କୁ ବାନ୍ଧି ରଖିବାରେ କାପ୍‌ଙ୍କର ବେଶ ଦକ୍ଷତା ରହିଛି। ଅନ୍ୟ ପକ୍ଷରେ ୱଲଭାର୍ଟ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୧୬୯ ରନ୍‌ର ଇନିଂସ ଖେଳିବା ସହ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୪୭୦ ରନ୍ କରିଛନ୍ତି। ଏମାନଙ୍କ ବ୍ୟତୀତ ଦଳରେ ଅନ୍ୟ ଖେଳାଳିମାନେ ମଧ୍ୟ ଏକାକୀ ମ୍ୟାଚ୍ ଜିତାଇବାର ଦକ୍ଷତା ରଖିଛନ୍ତି। ଅନ୍ୟତମ ଓପନର ତାଜମିନ ବ୍ରିଟ୍ସ, ଦୁଇ ଅଲରାଉଣ୍ଡର ନାଦିନ ଓ ଟୋଲେ ଭାରତକୁ ହରାଇଛନ୍ତି। ଭାରତୀୟ ଦଳରେ ଏକାଧିକ ତାରକା ଥିଲେ ମଧ୍ୟ ଓପନର ପ୍ରତୀକା ରାୱଲ ଆଘାତ ଜନିତ କାରଣରୁ ଦଳରୁ ବାଦ୍ ପଡ଼ିଛନ୍ତି ଓ ତାଙ୍କ ସ୍ଥାନରେ ଶେଫାଳି ବର୍ମାଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଛି। ବିସ୍ଫୋରକ ବ୍ୟାଟିଂ ଲାଗି ଜଣାଶୁଣା ଶେଫାଳି ଯଦି ଏହାର ଫାଇଦା ଉଠାନ୍ତି ତେବେ ତାଙ୍କ କ୍ୟାରିୟର ସଜାଡି ନେବେ। ଭଲ ଫର୍ମରେ ଥିବା ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ଅଧିନାୟିକା ହରମନପ୍ରୀତ୍ କୌରଙ୍କଠାରୁ ବଡ଼ ଇନିଂସ ଆଶା କରାଯାଉଛି। ସେମିରେ ନଂ. ୩ରେ ବ୍ୟାଟିଂ କରି ଜେମିମା ଶତକ ସହ ଭାରତର ରେକର୍ଡ ରନ୍ ଚେଜ୍ କରି ଜିତାଇଛନ୍ତି।

## ଫିଲ୍ଡିଂକୁ ନେଇ ଭାରତର ଚିନ୍ତା

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୩୫ଟି କ୍ୟାଚ୍ ନେଇଛି। କିନ୍ତୁ ସର୍ବାଧିକ ୧୮ଟି କ୍ୟାଚ୍ ଡ୍ରପ୍ କରିଛି। ଦଳର ସଫଳତା ହେଉଛି ୬୬ ଶତକଡ଼ା ଓ ଖରାପ କରିଥିବା ଦଳମାନଙ୍କ ମଧ୍ୟରେ ଭାରତର ସ୍ଥାନ ଦ୍ୱିତୀୟ। ଏହା ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟରେ ଯୁଗ୍ମ ସର୍ବାଧିକ ୩ଟି ଷ୍ଟମ୍ପିଂ ମିସ୍ କରିଥିଲାବେଳେ ସର୍ବାଧିକ ୬ଥର ଓଭରଥ୍ରୋ କରିଛି। ଦଳର ମିସ୍‌ଫିଲ୍ଡ ୭୪ଥର ହୋଇଛି। ଭାରତକୁ ଟାଇଟଲ ଜିତିବାକୁ ହେଲେ ବ୍ୟାଟିଂ ଓ ବୋଲିଂ ସହ ତୃତୀୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଫିଲ୍ଡିଂରେ ମଧ୍ୟ ଉନ୍ନତି କରିବାକୁ ପଡ଼ିବ।

## ସ୍ପିନର ନେବେ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ୨୦ଟିରେ ଓ ଦକ୍ଷିଣ ଆଫ୍ରିକା ୧୩ଟିରେ ବିଜୟୀ ହୋଇଛି। କୌଣସି ଦଳ ଏକତରଫା ମ୍ୟାଚ୍ ଜିତିନାହାନ୍ତି। ଦିନିକିଆ ବିଶ୍ୱକପ୍‌ରେ ଉଭୟଙ୍କ ମଧ୍ୟରେ ୬ଥର ଭେଟାଭେଟି ହୋଇଛନ୍ତି। ଏହା ମଧ୍ୟରୁ ଭାରତ ୫ଥର ଓ ୨୦୨୨ରେ ଦକ୍ଷିଣ ଆଫ୍ରିକା ମାତ୍ର ଥରେ ବିଜୟୀ ହୋଇଛି। ଚଳିତ ବିଶ୍ୱକପ୍‌ରେ ମଧ୍ୟ ଭାରତ ପରାଜିତ ହୋଇଛି। ସେହିପରି ଗତ ୩ଟି ଭିନ୍ନ ଭିନ୍ନ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତ ପରା ଜିତ ହୋଇଛି। ଭାରତର ୮୦ ଭାଗ ବିଜୟ ସ୍ପିନରଙ୍କ ପ୍ରଦର୍ଶନ ଯୋଗୁ ସମ୍ଭବ ହୋଇଛି। ଫାଇନାଲ ଜିତିବାକୁ ହେଲେ ଭାରତର ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଦକ୍ଷିଣ ଆଫ୍ରିକାର ଏହି ଗୋଟିଏ ଦୁର୍ବଳତାରୁ ରାଧା ଯାଦବ, ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ଫାଇଦା ଉଠାଇଲେ ଭାରତକୁ ଟାଇଟଲ ମିଳିବା ରାସ୍ତା ପରିଷ୍କାର ହୋଇଯିବ। ଅବଶ୍ୟ ଭାରତୀୟ ଦଳ ସ୍ପିନରମାନଙ୍କୁ ଭଲ ଖେଳିଛନ୍ତି। କିନ୍ତୁ ଦକ୍ଷିଣ ଆଫ୍ରିକା ପେସରଙ୍କୁ ମୁକାବିଲା କରିପାରିଲେ ଦଳକୁ ଶ୍ରେଷ୍ଠ ସଫଳତା ମିଳିପାରିବ।

## ବର୍ଷା ହେଲେ ରିଜର୍ଭ ଡେ’

ଫାଇନାଲ ଲାଗି ଉଭୟ ଦଳ ଜୋରଦାର ପ୍ରସ୍ତୁତି କରିଥିଲେ ମଧ୍ୟ ନଭି ମୁମ୍ବଇରେ ଦିନ ସାରା ସ୍ୱଳ୍ପ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କିନ୍ତୁ ରାତିରେ କମ୍ ବର୍ଷା ହେବ ବୋଲି କୁହାଯାଇଛି। ଖେଳ ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ଏଣୁ ପଛରେ ବ୍ୟାଟିଂ କରିଥିବା ଦଳକୁ ଏଠାରେ ଫାଇଦା ମିଳିବ। ବର୍ଷା ଯୋଗୁ ଯଦି ଖେଳ ସମ୍ଭବ ନ ହୁଏ, ତେବେ ରିଜର୍ଭ ଡେ ଅର୍ଥାତ୍ ସୋମବାର ଖେଳାଯିବ। ଯେଉଁଠାରୁ ଖେଳ ବନ୍ଦ ରହିବ ସେହିଠାରୁ ରିଜର୍ଭ ଡେ’ରେ ଖେଳ ହେବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି।

**ଖେଳ ଆରମ୍ଭ : ଅପରାହ୍ଣ ୩ଟା**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

# ଭାରତ-ଅଷ୍ଟ୍ରେଲିଆ ୩ୟ ଟି-୨୦ ଆଜି

ହୋବାର୍ଟ, ୧।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଟି-୨୦ ସିରିଜର ତୃତୀୟ ମୁକାବିଲାରେ ରବିବାର ଘରୋଇ ଦଳକୁ ଭେଟିବ। ସ୍ଥାନୀୟ ବେଲେରିଭ ଓଭାଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଅପରାହ୍ଣ ୧ଟା ୪୫ ମିନିଟରେ ଆରମ୍ଭ ହେବ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ଏହି ୩ୟ ଟି-୨୦ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପୂର୍ବରୁ କାନବେରାରେ ଖେଳାଯାଇଥିବା ପ୍ରଥମ ମୁକାବିଲା ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ଶୁକ୍ରବାର ମେଲବୋର୍ଣ୍ଣରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚକୁ ଘରୋଇ ଅଷ୍ଟ୍ରେଲିଆ ୪୦ ବଲ୍ ଓ ୪ ୱିକେଟ୍ ବଳକା ଥାଇ ବିଜୟୀ ହୋଇଥିଲା। ଫଳରେ ସିରିଜରେ ଅଷ୍ଟ୍ରେଲିଆ ଏବେ ୧-୦ରେ ଅଗ୍ରଣୀ ରହିଛି। ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଘରୋଇ ଅଷ୍ଟ୍ରେଲିଆ ବିଜୟଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଯଦି ଅଷ୍ଟ୍ରେଲିଆ ଏହି ମୁକାବିଲାରେ ବିଜୟୀ ହୁଏ ତେବେ ଭାରତର ସିରିଜ ଜିତିବାର ଆଶା ମଉଳିଯିବ। ଶେଷ ଦୁଇ ଟି-୨୦ରେ ଭାରତ ବିଜୟୀ ହେଲେ ସିରିଜ ଡ୍ର ରହିବ ନ ହେଲେ ଅଷ୍ଟ୍ରେଲିଆ ବାଜିମାତ୍ କରିନେବ। ଏଭଳିସ୍ଥଳେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଭାରତୀୟ ଦଳ ପାଇଁ ଏହି ତୃତୀୟ ଟି-୨୦ ବେଶ୍ ଗୁରୁତ୍ୱବହନ କରୁଛି। ମେଲବୋର୍ଣ୍ଣରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ଆଗରେ ଯେପରି ଭାରତୀୟ ବ୍ୟାଟର୍ ଆତ୍ମସମର୍ପଣ କଲେ ତାହା ଏବେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି।

**ତୃତୀୟ ଟି-୨୦**
**ସ୍ଥାନ- ହୋବାର୍ଟ**
**ମ୍ୟାଚ ଆରମ୍ଭ: ଅପରାହ୍ଣ ୧ଟା ୪୫**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# ହସ୍ପିଟାଲରୁ ବାହାରିଲେ ଆୟର

ସିଡ୍‌ନୀ, ୧।୧୧ (ଏଜେନ୍ସି): ଭାରତୀୟ କ୍ରିକେଟର୍ ଶ୍ରେୟସ ଆୟରଙ୍କୁ ନେଇ ଖୁସି ଖବର ଆସିଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆରେ ଫିଲ୍ଡିଂ ସମୟରେ ଛାତିରେ ଗୁରୁତର ଆଘାତ ଲାଗି ସିଡ୍‌ନୀରେ ଚିକିତ୍ସିତ ହେଉଥିବା ଆୟରଙ୍କୁ ଶନିବାର ହସ୍ପିଟାଲରୁ ରିଲିଜ କରାଯାଇଛି। କ୍ୟାଚ୍ ଧରିବାକୁ ଯାଇ ଆୟରଙ୍କ ପଞ୍ଜରାରେ ଆଘାତ ଲାଗି ଆଭ୍ୟନ୍ତରୀଣ ରକ୍ତକ୍ଷରଣ ହୋଇଥିଲା। ଯେଉଁଥି ପାଇଁ ସିଡ୍‌ନୀ ଏକ ହସ୍ପିଟାଲରେ ତାଙ୍କର ଜରୁରୀ ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କୁ ଏବେ ରିଲିଜ କରାଯାଇଥିବା ନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ବିସିସିଆଇ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯେ ଆୟରଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ରହିଛି। ସେ ଧିରେ ଧିରେ ସୁସ୍ଥ ହେଉଛନ୍ତି। ବିସିସିଆଇର ମେଡିକାଲ ଟିମ୍ ସହ ସିଡ୍‌ନୀର ଏକ ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। ସେ ଏବେ ସିଡ୍‌ନୀରେ ରହିବେ। ଯେବେ ବିମାନରେ ବସିବା ଲାଗି ଉପଯୁକ୍ତ ହେବେ ସେତେବେଳେ ତାଙ୍କୁ ଭାରତ ଅଣାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।


# ନିରାଶ କଲେ ଓଡ଼ିଶା ବୋଲର; ଆନ୍ଧ୍ର ୨୨୨/୩

**ବାରବାଟୀ ରଣଜୀ**

ଭୁବନେଶ୍ୱର, ୧।୧୧ (ସମିସ): ଘରୋଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଚଳିତ ରଣଜୀ ଟ୍ରଫି ମୁକାବିଲାର ତୃତୀୟ ରାଉଣ୍ଡ ପର୍ଯ୍ୟାୟ ମୁକାବିଲା ଶନିବାରଠାରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ମ୍ୟାଚର ପ୍ରଥମ ଦିବସରେ ଘରୋଇ ଓଡ଼ିଶା ବୋଲର ନିରାଶ କରିଛନ୍ତି। ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ପ୍ରଥମ ଦିବସ ଖେଳ ଶେଷବେଳକୁ ୬୮ ଓଭରରେ ୩ ୱିକେଟ ହରାଇ ୨୨୨ ରନ ସଂଗ୍ରହ କରିଛି। ଖରାପ ଆଲୋକ ଯୋଗୁ ପ୍ରଥମ ଦିବସରେ ୨୨ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା।

ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ପାଇଁ ଦୁଇ ଓପନର୍ ଶ୍ରୀକର ଭରତ ଓ ଅଭିଷେକ ରେଡ୍ଡୀ ଦମ୍‌ଦାର ଆରମ୍ଭ କରିଥିଲେ। ଉଭୟ ଓପନିଂ ୱିକେଟ୍ ଯୋଡ଼ିରେ ୧୬୧ ରନ ସଂଗ୍ରହ କରି ଘରୋଇ ଦଳର ବୋଲରଙ୍କୁ ନିରାଶ କରିଥିଲେ। ଭାରତୀୟ ଟେଷ୍ଟ ଦଳର ୱିକେଟ୍‌କିପର ଦାୟିତ୍ୱ ସମ୍ଭାଳିଥିବା ଶ୍ରୀକର ୯୩ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ୧୨୯ ବଲର ଏହି ପାଳିରେ ସେ ୧୦ ଚୌକା ଓ ୩ଟି ଛକା ମାରିଥିଲେ। ଶ୍ରୀକରଙ୍କୁ ଆଉଟ୍ କରି ସମ୍ବିତ ବରାଳ ଓଡ଼ିଶାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ଦଳୀୟ ସ୍କୋର ୨୦୧ ରନ ହୋଇଥିବାବେଳେ ଓଡ଼ିଶାକୁ କ୍ରମାଗତ ୨ଟି ସଫଳତା ମିଳିଥିଲା। ଅନ୍ୟତମ ଓପନର୍ ଅଭିଷେକ ୭୬ ରନ କରି ପ୍ରଥମେ ବାଦଲ ବିଶ୍ୱାଳଙ୍କ ଶିକାର ବନିଥିଲେ। ଏହାପରେ କ୍ରିଜକୁ ଆସିଥିବା ଅଧିନାୟକ ରିକି ଭୁଇ ମଧ୍ୟ ୫ଟି ବଲ୍ ସାମ୍ନା କରି ନ ଥିଲେ ମଧ୍ୟ ଖାତା ଖୋଲି ନ ପାରି ସମ୍ବିତଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ତେବେ ସେକ୍ ରଶିଦ ଓ କିର୍ଦାନ୍ତ କରଣ ସିନ୍ଧେ ଦଳକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଖେଳ ଶେଷବେଳକୁ ରଶିଦ ୨୫ ଓ ସିନ୍ଧେ ୧୬ ରନ କରି ଖେଳୁଛନ୍ତି। ଘରୋଇ ଓଡ଼ିଶା ପାଇଁ ମଧ୍ୟଗତିର ଦ୍ରୁତ ବୋଲର ସମ୍ବିତ ସବୁଠୁ ସଫଳ ବୋଲର ରହି ୨ଟି ଓ ବାଦଲଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ଖେଳି ୱିକେଟ୍ କିପର ସୌରଭ ଗୌଡ଼ା ଓଡ଼ିଶା ପାଇଁ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି। ଓଡ଼ିଶା ପ୍ରଥମ ମ୍ୟାଚରେ ବରୋଦା ନିକଟରୁ ୭ ୱିକେଟ୍‌ରେ ପରାସ୍ତ ହୋଇଥିବାବେଳେ ଦ୍ୱିତୀୟ ମୁକାବିଲାରେ ୟୁପି ବିପକ୍ଷରେ ଗୋଟିଏ ପଏଣ୍ଟ ପାଇଛି।

## ଭାରତୀୟ ଟେନିସରେ ଏକ ଯୁଗର ଅନ୍ତ
# ୪୫ ବର୍ଷରେ ଅବସର ନେଲେ ବୋପନ୍ନା



ବେଙ୍ଗାଲୁରୁ, ୧।୧୧ (ଏଜେନ୍ସି): କିମ୍ବଦନ୍ତୀ ଟେନିସ ଖେଳାଳି ରୋହନ ବୋପନ୍ନା ଶେଷରେ ତାଙ୍କର ଦୁଇ ଦଶନ୍ଧିର ଜ୍ୱାଜଲ୍ୟମୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣି ଶନିବାର ଅବସର ଘୋଷଣା କରିଛନ୍ତି। ବୋପନ୍ନାଙ୍କ ଅବସର ସହ ଭାରତୀୟ ଟେନିସରେ ଏକ ଯୁଗର ଅବସାନ ଘଟିଛି। ବେଙ୍ଗାଲୁରୁ ଜନ୍ମିତ ୪୫ ବର୍ଷୀୟ ବୋପନ୍ନା ଶେଷଥର ଲାଗି ଗତ ୨୮ ତାରିଖରେ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ବିକଙ୍କୁ ସାଥୀ କରି ପ୍ୟାରିସ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ ଖେଳିଥିଲେ। ଯେଉଁଥିରେ ସେ ରାଉଣ୍ଡ-୩୨ରୁ ହାରି ବିଦାୟ ନେଇଥିଲେ।

ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ବୋପନ୍ନା ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି, ‘ତୁମର ଜୀବନକୁ ଏପରି ଅର୍ଥ ଦେଇଥିବା ଜିନିଷକୁ ତୁମେ କିଭଳି ଅଲ୍‌ବିଦା କରିପାରିବ। ଅବିସ୍ମରଣୀୟ ୨୦ ବର୍ଷର ଯାତ୍ରା ପରେ ଏବେ ସମୟ ଆସିଯାଇଛି। ଅଫିସିଆଲ୍ ଭାବେ ମୁଁ ମୋ ର୍‌ୟାକେଟ୍ ଝୁଲାଇଦେଉଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ଜୀବନର ସବୁଠୁ ବଡ଼ ସମ୍ମାନ ଥିଲା।’

### ୪୩ ବର୍ଷରେ ନଂ-୧ ଖେଳାଳି

ଗତବର୍ଷ ପ୍ରାରମ୍ଭରେ ବୋପନ୍ନା ୪୩ ବର୍ଷ ବୟସରେ ବିଶ୍ୱର ଏକ ନମ୍ବର ପୁରୁଷ ଡବଲ୍ସ ଖେଳାଳି ମାନ୍ୟତା ପାଇଥିଲେ। ଅଷ୍ଟ୍ରେଲିଆନ ଓପନ୍ କ୍ୱାର୍ଟର ଫାଇନାଲରେ ବିଜୟ ହାସଲ କରିବା ପରେ ସେ ଏହି ସଫଳତା ପାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ମାଥ୍ୟୁ ଏବଡେନଙ୍କୁ ସାଥୀ କରି ଅଷ୍ଟ୍ରେଲିଆନ ଓପନ ଟ୍ରଫି ଜିତିଥିଲେ। ଫଳରେ ଓପନ୍ ଏରାରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିବାର ରେକର୍ଡ ବୋପନ୍ନାଙ୍କ ନାମରେ ଲିପିବଦ୍ଧ ହୋଇଥିଲା। ଏଥିପୂର୍ବରୁ ବୋପନ୍ନା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ୨୦୧୭ରେ ଫ୍ରେଞ୍ଚ ଓପନ୍ ମିକ୍ସଡ ଡବଲ୍ସରେ ହାସଲ କରିଥିଲେ।

### ଅଳ୍ପକେ ଅଲିମ୍ପିକ ପଦକରୁ ବଞ୍ଚିତ

ତିନିଥର (୨୦୧୨, ୨୦୧୬ ଓ ୨୦୨୪) ଅଲିମ୍ପିକ ଖେଳିବାର ସୌଭାଗ୍ୟ ଲାଭ କରିଥିବା ବୋପନ୍ନା ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସାନିଆ ମିର୍ଜାଙ୍କୁ ସାଥୀ କରି ଖେଳିଥିବା ରୋହନ ମିକ୍ସଡ ଡବଲ୍ସରେ ୪ର୍ଥ ସ୍ଥାନ ହାସଲ କରିଥିଲେ। ବୋପନ୍ନା ୨୦୧୯ରେ ‘ଅର୍ଜୁନ’ ଓ ୨୦୨୪ରେ ‘ପଦ୍ମଶ୍ରୀ’ ପୁରସ୍କାର ଜିତିଥିଲେ।

# ଖେତବର, ନିର୍ମଳା ଜିତିଲେ ରାଜ୍ୟ ସ୍କୁଲଚେସ୍



ଭୁବନେଶ୍ୱର,୧।୧୧(ସମିସ): ଓଡ଼ିଶା ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ୬୯ତମ ରାଜ୍ୟ ସ୍କୁଲ ସମୂହର ୧୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଭୁବନେଶ୍ୱରର ଖେତବର ମାଝୀ ଓ ବାଳିକା ବିଭାଗରେ ମଧ୍ୟ ଭୁବନେଶ୍ୱରର ନିର୍ମଳା କୁଲୁ ଚାମ୍ପିଅନ ହୋଇଛନ୍ତି। ବାଳକ ବିଭାଗରେ ଭୁବନେଶ୍ୱରର ଟେମ୍ପୁରୁ ହେମ୍ବ୍ରମ୍, ପୁରୀର ଆଦିତ୍ୟ ପଟ୍ଟନାୟକ, ଗଞ୍ଜାମର ବିଶାଳଜ୍ୟୋତି ପଣ୍ଡା ଓ କେନ୍ଦୁଝରର ଆଶୁତୋଷ ଖୁଣ୍ଟିଆ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳିକା ବିଭାଗରେ ଗଞ୍ଜାମର ପ୍ରତ୍ୟୁଷାରାଣୀ କର, କଟକର ଜୟିତା ବେହେରା, ସୁନ୍ଦରଗଡର ଭାଗ୍ୟଶ୍ରୀ ସିଂ ଓ କଳାହାଣ୍ଡିର ବବିତା ବେହେରା ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ସର୍ବଭାରତୀୟ ୧୭ ବର୍ଷରୁ କମ୍ ସ୍କୁଲ ଚେସରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ତ୍ରିପୁରାର ଅଗରତାଲାରେ ଚଳିତମାସ ଖେଳାଯିବ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଆର୍ବିଟର ସୌମ୍ୟକାନ୍ତ ସାହୁ, ବିଭୁଦତ୍ତ ରଥ, ଶ୍ରବଣ ପ୍ରଧାନ ଓ ସନ୍ତୋଷ ସାହୁ ତାଙ୍କୁ ସହାୟତା କରିଥିଲେ। ଖୋର୍ଦ୍ଧାର ବିଜେବି ହାଇସ୍କୁଲରେ ଏହି ପ୍ରତିଯୋଗିତା ୨ ଦିନ ଧରି ଆୟୋଜିତ ହୋଇଥିଲା। ଖେଳ ଶେଷରେ ଶାରିରୀକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ମୁଖ୍ୟ ଅତିଥି, ବିଏସ୍‌ଇର ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା, ଜିଲ୍ଲା ଶିକ୍ଷାଅଧିକାରୀ ସୋନାମିକା ରାୟ, ସହକାରୀ ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଜ୍ଞାପାରମିତା ଜେନା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ।

# ଟାର୍ଗେଟ୍- ୨୭୫; ଭାରତ-ଏ ୧୧୯/୪

ବେଙ୍ଗାଲୁରୁ, ୧।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଓ ଭାରତ-ଏ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ରୋଚକସ୍ଥିତିରେ ପହଞ୍ଚିଛି। ୨୭୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭାରତ-ଏ ଶନିବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟ୍ ହରାଇ ୧୧୯ ରନ ସଂଗ୍ରହ କରିଛି। ଆହତ ସମସ୍ୟାରୁ ସୁସ୍ଥ ହୋଇ ପ୍ରତ୍ୟାବର୍ତ୍ତନ କରିଥିବା ଅଧିନାୟକ ଋଷଭ ପନ୍ତ ୬୪ ରନ ଓ ଆୟୁଷ ବଦୋନୀ କୌଣସି ରନ ନ କରି କ୍ରିଜରେ ଅପରାଜିତ ରହିଛନ୍ତି। ରବିବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ। ଭାରତକୁ ବିଜୟ ଲାଗି ବଳକା ୬ ୱିକେଟ୍‌ରେ ଆଉ ୧୫୬ ରନ ଆବଶ୍ୟକ। ୭୫ ରନରେ ଆଗୁଆଥିବା ଦ. ଆଫ୍ରିକା-ଏ ଶନିବାର ଦ୍ୱିତୀୟ ପାଳିରେ ୧୯୯ ରନ କରିଥିଲା।


GROOM WANTED
for Business Enturpuneer
Brahmin cast
Bride:- 25year, 5.4 feet,
Post Graduate, Father
Established Industrialist
of Eastern India /
Contact- 8984661780



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS